R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୭
ତିଥି : ଦ୍ୱିତୀୟା
୨୦ ଜାନୁଆରୀ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 107
20 January 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଭାରତରେ ୟୁଏଇ ରାଷ୍ଟ୍ରପତି

# ଏଆଇ, ଆତଙ୍କବାଦ ନେଇ ଆଲୋଚନା




ନୂଆଦିଲ୍ଲୀ, ୧୯ ।୧ : ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହାୟାନ ଆଜି ଭାରତରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ବିମାନବନ୍ଦରରେ ପ୍ରୋଟକଲ ଭାଙ୍ଗି ତାଙ୍କୁ ସ୍ୱାଗତ କରିଛନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୟୁଏଇ ରାଷ୍ଟ୍ରପତି ମାତ୍ର ୨ଘଣ୍ଟା ପାଇଁ ଭାରତ ଆସିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କୁ ସ୍ୱାଗତ କରିଛନ୍ତି ।

ୟୁଏ ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଶିଳ୍ପରେ ସହଭାଗିତା ଓ ଶକ୍ତି କ୍ଷେତ୍ର ନେଇ ଆଲୋଚନା ହେବ । ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସୂଚନା ଅନୁଯାୟୀ ଆତଙ୍କବାଦ, କୃତ୍ରିମ ବୁଦ୍ଧିମତା (ଏଆଇ), ପ୍ରତିରକ୍ଷା ସହଯୋଗ ଓ ନିବେଶ ନେଇ ଆଲୋଚନା କରାଯିବ । ଉଭୟ ନେତାଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି । ଏହି ଆଲୋଚନା ସମୟରେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଅନେକ ତଥ୍ୟ ଆଦାନ ପ୍ରଦାନ

### ପ୍ରତିରକ୍ଷା ଭାଗିଦାରୀ ଓ ମହାକାଶ ଭିତ୍ତିଭୂମୀ ନେଇ ଲେଟର ଅଫ୍ ଇଣ୍ଟେଣ୍ଟ ସ୍ୱାକ୍ଷର

କରାଯିବ । ୟୁଏଇରୁ ଆସିଥିବା ପ୍ରତିନିଧି ଦଳରେ ଆବୁଧାବି ଏବଂ ଦୁବାଇ ରାଜ ପରିବାରର ସଦସ୍ୟଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀମାନେ ମଧ୍ୟ ଅଛନ୍ତି । ଏହି ଗସ୍ତରୁ ବିଶେଷ କରି ନୂଆ ଆଶା କରାଯାଉଛି । ଭିତ୍ତିଭୂମି ବିକାଶ ନେଇ ଉଭୟ ପକ୍ଷରୁ ଲେଟର ଅଫ୍ ଇଣ୍ଟେନ ସ୍ୱାକ୍ଷର ହେବ । ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ଦୀର୍ଘମିଆଦୀ ଯୋଗାଣ ଚୁକ୍ତି ସ୍ୱାକ୍ଷର ହେବ । ଏଥିରେ ଭାରତକୁ ବାର୍ଷିକ ୦.୫ ନିୟୁତ ମେଟ୍ରିକ୍ ଟନ୍ ଏଲଏନ୍‌ଜି ମିଳିବ । ସେହିଭଳି ଗୁଜରାଟର ଧୋଲରାଠାରେ ଥିବା ସ୍ୱତନ୍ତ୍ର ନିବେଶ ଅଞ୍ଚଳର ବିକାଶ ପାଇଁ ଆଉ ଏକ ଲେଟର ଅଫ୍ ଇଣ୍ଟେନ ସ୍ୱାକ୍ଷର କରାଯିବ । ଖାଦ୍ୟ ସୁରକ୍ଷା, କୃଷି କ୍ଷେତ୍ରରେ ଉଭୟ ଦେଶର ଭାଗୀଦାରିତା (୯ ପୃଷ୍ଠାରେ)

# ନୀତିନ ନବୀନ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ



ନୂଆଦିଲ୍ଲୀ, ୧୯ ।୧ : ବିଜେପିର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ହେବା ନିଶ୍ଚିତ ହୋଇଛି । ବିଜେପିର ଆଭ୍ୟନ୍ତରୀଣ ସାଙ୍ଗଠନିକ ନିର୍ବାଚନ ଲାଗି ଆଜି ଆରମ୍ଭ ହୋଇଥିବା ପ୍ରକ୍ରିୟାରେ ରାଷ୍ଟ୍ରୀୟ ସଭାପତି ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ନୀତିନ ନବୀନ ୩୭ ସେଟ୍‌ର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଅନ୍ୟ କେହି ନାମାଙ୍କନ ଦାଖଲ ନକରିଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ଘୋଷଣା କରାଯାଇଛି । ଆସନ୍ତାକାଲି ବିଧିବଦ୍ଧ ଭାବେ ସେ ଦାୟିତ୍ୱଗ୍ରହଣ କରିବେ । ବର୍ତ୍ତମାନର ବିଜେପି ସଭାପତି ଥିବା ଜେପି ନଡ୍ଡାଙ୍କର ସେ ଉତ୍ତରାଧିକାରୀ ହେବେ ।

ଆଜି ବିଜେପିର ଆଭ୍ୟନ୍ତରୀଣ ନିର୍ବାଚନ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଅପରାହ୍ଣ ୨ରୁ ୪ ଘଟିକା ମଧ୍ୟରେ ନାମାଙ୍କନ ଦାଖଲ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସମୁଦାୟ ୩୭ ସେଟ୍ ନାମାଙ୍କନପତ୍ର ନୀତିନ ନବୀନଙ୍କ ପକ୍ଷରୁ ଦାଖଲ କରାଯାଇଥିଲା । ସମସ୍ତେ ତାଙ୍କ ନାମ ଏହି ମୁଖ୍ୟ ସାଙ୍ଗଠନିକ ପଦବୀ ପାଇଁ ପ୍ରସ୍ତାବ ଦେଇଥିଲେ । ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବା (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୧୯ ।୧ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଗସ୍ତରୁ ଫେରି ଆଜିଠୁ ତିନିଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଦିଲ୍ଲୀ ଗସ୍ତ ସମୟରେ ସେ ବିଜେପିର ନୂଆ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ଦାୟିତ୍ୱ ଗ୍ରହଣ ସମାରୋହରେ ସାମିଲ ହେବେ । ଏହାଛଡ଼ା ବିଜେପି ଓ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ (୯ ପୃଷ୍ଠାରେ)

# ରାଜ୍ୟରେ ବଢୁଛି ପାରଦ, କମୁଛି ଶୀତ

ଭୁବନେଶ୍ୱର, ୧୯ ।୧ (ସବ୍ୟୁ) : ରାଜ୍ୟରେ ବଢୁଛି ପାରଦ, କମୁଛି ଶୀତ । ଏଥି ସହିତ ତିନୋଟି ପଶ୍ଚିମା ଝଡ଼ ବି ଆସୁଛି । ଏହା ପ୍ରଭାବରେ ରାଜ୍ୟରେ ୨୫ ତାରିଖ ବେଳକୁ ପାଗ ମେଘୁଆ ରହିବ । ସ୍ଥାନେ ସ୍ଥାନେ ହାଲୁକା ବର୍ଷା ବି ହେବାର ସମ୍ଭାବନା ରହିଛି । ସୋମବାର ଭୋରରୁ ବହୁ ସ୍ଥାନରେ ରାତିର ପାରଦ ବୃଦ୍ଧି ପାଇଛି । ଆଗାମୀ ଦିନରେ ଆହୁରି ବଢ଼ିବ ଦିନ ସହିତ ରାତିର ତାପମାତ୍ରା । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ଶୀତ ଜାରି ରହିବ । ତେବେ ଶୀତ ଲହରୀ ଫେରିବ ନାହିଁ ।

### ୨୫ରୁ ମେଘୁଆ ପାଗ, ହାଲୁକା ବର୍ଷା!

ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ । ସୋମବାର ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଚାପ ବଳୟ ସୃଷ୍ଟି ହୋଇଥିଲା । ରାଜ୍ୟକୁ ଉତ୍ତର-ପଶ୍ଚିମା ପବନ ସିଧା ବୋହିବ ନାହିଁ । ଭୁବନେଶ୍ୱର ସମେତ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ଉତ୍ତର-ପୂର୍ବୀ ପବନ ବୋହିବାର ସମ୍ଭାବନା ରହିଛି ।

ଆକଳନ କରାଯାଉଛି, ରାଜ୍ୟରେ ଆଭ୍ୟନ୍ତରରେ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବୁଧବାର ଠାରୁ ତିନିଦିନ ମଧ୍ୟରେ ପ୍ରାୟ ୨ ଡିଗ୍ରୀ ବଢ଼ିବାକୁ ଥିବା ବେଳେ ଭୁବନେଶ୍ୱର ସମେତ ଦକ୍ଷିଣ ଉପକୂଳରେ ୨ରୁ ୩ (୯ ପୃଷ୍ଠାରେ)

# ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୧୯ ।୧ : ପାର୍ବତୀ ଗିରିଙ୍କୁ ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଔପନିବେଶିକ ଶାସନର ଅନ୍ତ ଘଟାଇବା ଲାଗି ଆନ୍ଦୋଳନରେ ସେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ । ଜନସେବା ପ୍ରତି ତାଙ୍କର ଆଗ୍ରହ ଏବଂ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ ଥିଲା । ଗତ ମାସର ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଏହା କହିଥିଲି ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ।

ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବହ୍ନିକନ୍ୟା ପାର୍ବତୀ ଗିରି ସେବା ଓ ତ୍ୟାଗର ଅନନ୍ୟ ପ୍ରତୀକ । ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ସମାଜସେବା ପର୍ଯ୍ୟନ୍ତ ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଅବଦାନ ସଦା ଅବିସ୍ମରଣୀୟ । ଜନସେବା ପ୍ରତି ତାଙ୍କର ନିଷ୍ଠା ଓ ଆଦର୍ଶ ଚିରକାଳ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ୨୧ରୁ ତିନି ଦିନିଆ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ

ନୂଆଦିଲ୍ଲୀ, ୧୯ ।୧ : ଭାରତ ନିର୍ବାଚନ ଆୟୋଗ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ବିଷୟରେ ଆୟୋଜିତ ପ୍ରଥମ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ–୨୦୨୬ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ । ଏହି ୩ ଦିନିଆ ସମ୍ମିଳନୀ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସଂସ୍ଥା ଦ୍ୱାରା ୨୧ ରୁ ୨୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତଭାରତ ମଣ୍ଡପମ୍ ଠାରେ ଅନୁଷ୍ଠିତ ହେବ । ଆଇଆଇସିଡିଇଏମ୍-୨୦୨୬ ଭାରତରେ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଆୟୋଜିତ ସବୁଠୁ ବଡ଼ ଆନ୍ତର୍ଜାତୀୟ ସମ୍ମିଳନୀ ଭାବେ ପରିଚିତ ହେବ । ଏଥିରେ ସାରା ପୃଥିବୀର ୭୦ରୁ ଅଧିକ ଦେଶରୁ ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସହ ଅନ୍ତର୍ଜାତୀୟ ସଂଗଠନ, ଭାରତରେ ଥିବା ବିଦେଶୀ ମିଶନ୍ ଏବଂ ନିର୍ବାଚନ କ୍ଷେତ୍ରର ଶିକ୍ଷାବିତ୍ ଓ ବ୍ୟବହାରିକ ବିଶେଷଜ୍ଞମାନେ ଅଂଶଗ୍ରହଣ କରିବେ ।

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ଜ୍ଞାନେଶ କୁମାର, ନିର୍ବାଚନ ଆୟୁକ୍ତ ଡା. ସୁଖବୀର ସିଂହ ସାନ୍ଧୁ ଓ ଡା. ବିବେକ ଜୋଶୀ ୨୧ ଜାନୁଆରୀ ୨୦୨୬ ରେ ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର କାର୍ଯ୍ୟକ୍ରମ ଆରମ୍ଭ କରିବେ ।

୩ ଦିନିଆ କାର୍ଯ୍ୟକ୍ରମରେ ଉଦ୍‌ଘାଟନ ଅଧିବେଶନ, ନିର୍ବାଚନ ପରିଚାଳନା ସଂସ୍ଥା ମୁଖ୍ୟମାନଙ୍କ ପ୍ଲେନାରୀ, ନିର୍ବାଚନ ପରିଚାଳନା ସଂସ୍ଥା ବୈଠକ ସହ ବିଶ୍ୱ ନିର୍ବାଚନ ସମସ୍ୟା, ଆନ୍ତର୍ଜାତୀୟ ନିର୍ବାଚନ ମାନଦଣ୍ଡ, ନୂତନତା ଓ ସର୍ବୋତ୍ତମ ଅଭ୍ୟାସ ଉପରେ ବିଭିନ୍ନ ଥିମାଟିକ୍ ଅଧିବେଶନ ଅନୁଷ୍ଠିତ ହେବ । (୯ ପୃଷ୍ଠାରେ)

# ଆୟୁଷ୍ମାନ୍ କାର୍ଡ ସମ୍ପର୍କିତ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ : ମନ୍ତ୍ରୀ




ଭୁବନେଶ୍ୱର, ୧୯ ।୧ (ସବ୍ୟୁ) : ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ସଂକଳ୍ପ ପୂରଣ କରିବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛୁ । ସମସ୍ତଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇବା ଓଡ଼ିଶା ସରକାରଙ୍କ ପାଇଁ ନିରନ୍ତର ପ୍ରାଥମିକତା ହୋଇଆସିଛି । ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ । ଯେଉଁ ଯୋଗ୍ୟ ଲାଭାର୍ଥୀମାନଙ୍କର ଏପର୍ଯ୍ୟନ୍ତ କାର୍ଡ ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ । ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ । ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ । ଭୁବନେଶ୍ୱରରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ ଉପରେ ଚିନ୍ତନ ଶିବିରକୁ ଉଦଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏହା କହିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଏହି ଦୁଇ ଦିନିଆ ଚିନ୍ତନ ଶିବିର ସମଗ୍ର ଦେଶରୁ ଅନେକ ପଲିସି ମେକର, ସ୍ୱାସ୍ଥ୍ୟ ପ୍ରଶାସକ ଓ ବିଷୟ ବିଶେଷଜ୍ଞମାନଙ୍କୁ ଏକତ୍ର କରିଛି । ଏହା ଦ୍ୱାରା ନବସୃଜନ, ଡିଜିଟାଲ ସମନ୍ୱୟ ଏବଂ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଆୟୁଷ୍ମାନ ଭାରତକୁ ଆହୁରି ମଜବୁତ କରିବା ଉପରେ ବିଚାର ବିମର୍ଶ କରାଯିବ । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଆୟୁଷ ଚିକିତ୍ସା ପ୍ୟାକେଜଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଚାର କରାଯିବା ଉଚିତ । ଯାହା ଦ୍ୱାରା ଆଧୁନିକ ଔଷଧ ସହିତ (୯ ପୃଷ୍ଠାରେ)

## ବଡବିଲ୍ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ବଡ଼ ଧରଣର ଲୁଟ

# ଲୁଟିନେଲେ ୫ କୋଟିର ସୁନା ସହ ୮ ଲକ୍ଷ




ଯୋଡ଼ା, ୧୯ ।୧ (ସବ୍ୟୁ): କେନ୍ଦୁଝର ଜିଲ୍ଲାର ଖଣିଜ ସହର ବଡବିଲର କଳିଙ୍ଗ ରାସ୍ତା ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରେ ସଶସ୍ତ୍ର ଡକାୟତି ହୋଇଛି । ସୋମବାର ଦିନ ଡକାୟତମାନେ ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକମାନଙ୍କୁ ବନ୍ଧୁକ ଦେଖାଇ ୮ ଲକ୍ଷ ଟଙ୍କା ଓ ୫ କୋଟିରୁ ଅଧିକ ସୁନା ଲୁଟ୍ କରି ଫେରାର ହୋଇଯାଇଛନ୍ତି । ଦିନ ଦ୍ୱିପ୍ରହରେ ଘଟିଥିବା ଏହି ଡକାୟତି ଘଟଣା ସମଗ୍ର ସହରରେ ଆତଙ୍କ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

୫ରୁ ୬ ଜଣ ଅଜଣା ଡକାୟତ ଗ୍ରାହକ ବେଶରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ । ବ୍ୟାଙ୍କ ସୁରକ୍ଷା କର୍ମୀ କିଛି ବୁଝିବା ପୂର୍ବରୁ ହଠାତ ସେମାନେ ବ ବ୍ୟାଙ୍କ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ରଖି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଏପରିକି ଡ଼କାୟତମାନେ ବ୍ୟାଙ୍କରେ ଥିବା ଗ୍ରାହକଙ୍କୁ ଏକ କୋଠରୀରେ ବନ୍ଦ କରିଦେଇଥିଲେ । ପରେ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ଚାବି ନେଇ ପ୍ରାୟ ୮ ଲକ୍ଷ ଟଙ୍କା ନଗଦ ସହ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଲୁଟ୍ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣାର ସୂଚନା ପାଇବା ସହିତ ବଡବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୁଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଥିଲେ, ସେନେଇ ତଦନ୍ତ ଜୋରଦାର କରାଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଜାରି ରହିଛି ।ବ୍ୟାଙ୍କ ପକ୍ଷରୁ ଲୁଟ୍ ହୋଇଥିବା ନଗଦ ଟଙ୍କା ଓ ସୁନାର ସଠିକ୍ ପରିମାଣ ସମ୍ପର୍କରେ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଏହି ଘଟଣା ପରେ ସହରବାସୀମାନଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି ।

# ୧୨ ହଜାର ଫୁଟ ଉଚ୍ଚରେ ଲୁଚିଥିବା ଆତଙ୍କବାଦୀ ଠାବ



ନୂଆଦିଲ୍ଲୀ, ୧୯ ।୧: ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବଳକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଛି । ଜୈଶ-ଇ-ମହମ୍ମଦ ଆତଙ୍କୀ ସଂଗଠନର ଆତଙ୍କବାଦୀକୁ ସିଂଘପୁରା ଅଞ୍ଚଳରେ ୧୨ ହଜାର ଫୁଟରେ ଥିବା ଠାବ କରିଛି । ଏହି ଆତଙ୍କବାଦୀମାନେ ସେଠାରେ ଥିବା ଏକ ଗୁମ୍ଫାରେ ରହିଥିଲେ । ଏଥିରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଅନେକ ରାସ୍ତା ରହିଛି । ସେଠାରେ ଲୁଚି ରହିଥିବା ୪ ଆତଙ୍କବାଦୀମାନେ ଆବଶ୍ୟକ ପଡୁଥିବା ଖାଦ୍ୟ, ଇନ୍ଧନ ଗ୍ୟାସ୍, ଦେଶୀଘିଅ, ଡାଲି ଓ କମ୍ବଳକୁ ସାଙ୍ଗରେ ନେଇ ଯାଇଛନ୍ତି । ଅପରେସନ ତାର୍‌ସି-୧ର ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଯୋଜନା କରାଯାଇଛି ।

ଗୁଇନ୍ଦା ସୂଚନା ଆଧାରରେ ଗତକାଲିଠାରୁ ଏହି ଅପରେସନ ଆରମ୍ଭ ହୋଇଛି । ଜାମ୍ମୁ ଅଞ୍ଚଳରେ ଚଳିତବର୍ଷ ଅନେକ ଏନକାଉଣ୍ଟର କରାଯାଇଛି । ଜଣେ ଯବାନ ଏବଂ ହାବିଲଦାର ଗଜେନ୍ଦ୍ର ସିଂଙ୍କ ସମେତ ପ୍ରାୟ ୭ଜଣ ଆତଙ୍କବାଦୀଙ୍କ ସହ ହୋଇଥିବା ଗୁଳି ବିନିମୟରେ ଆହତ ହୋଇଛନ୍ତି । ପୋଲିସ ଯେତେବେଳେ ଚର୍ତୁଃପାର୍ଶ୍ୱକୁ ଘେରିଥିଲା ସେତେବେଳେ ଏହି ଆତଙ୍କବାଦୀମାନେ ଲୁଚି ଥିବାର ସୂଚନା ମିଳିଥିଲା । ଏହି ଅପରେସନରେ ସେନା, ପୋଲିସ, ଅର୍ଦ୍ଧସାମରିକ ବଳ, ଡ୍ରୋନ୍, ସନ୍ଧାନୀ କୁକୁର ଆଦି ସାମିଲ ହୋଇଥିଲେ । କର୍ତ୍ତୃପକ୍ଷଙ୍କ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପୂର୍ବରୁ ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଗତ ସପ୍ତାହରେ ଜାମ୍ମୁ-କାଶ୍ମୀରର କାଠୁଆ ଜିଲ୍ଲାରେ ଏକ ଉଲ୍ଲେଖନୀୟ ଅପରେସନ ମଧ୍ୟ କରାଯାଇଥିଲା । ଏହି ଅପରେସନ ସମୟରେ ଆତଙ୍କବାଦୀମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା । ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଲୁଚିଥିବା ସ୍ଥାନରୁ ଏମ୍-୪ କାଟ୍ରିଜ୍, ଘିଅଥିବା ପ୍ଲାଷ୍ଟିକ୍ ବାକ୍ସ, ପଲିଥିନ୍ ପ୍ୟାକେଟ୍, ଆଲମଣ୍ଡ, କମ୍ବଳ ଆଦି ଜବତ କରାଯାଇଛି ।

## ପିଠା ମୁଣି



**ସାମଗ୍ରୀ-** ଅଧାକପ୍ ଅଟା, ଏକ କପ୍ ପନିର, ଅଧା କପ ପାଣିଆ ଗୁଡ, ୪ କପ ମଇଦା, ୨କପ୍ ନଡିଆ କୋରା, ୨କପ୍ ଚିନି, ଏକ ଚାମଚ ଅଳେଇଚ ଗୁଣ୍ଡ, ୩୦୦ ଗ୍ରାମ ଘିଅ ।

**ପ୍ରଣାଳୀ** - ଗୋଟିଏ ପାତ୍ରରେ ମଇଦାରେ ଲୁଣ ଓ ପାଣି ମିଶାଇ ବହଳିଆ ଆଣ ପ୍ରସ୍ତୁତ କରନ୍ତୁ। ଆଉ ଏକ ପାତ୍ରରେ ନଡିଆ କୋରା ନିଅନ୍ତୁ, ସେଥିରେ ପନିର ଓ ଚିନି ମିଶାନ୍ତୁ। ପ୍ୟାନ୍‌ରେ ତେଲ ଗରମ କରି ପନିର୍ ଓ ନଡିଆକୁ ଛାଣନ୍ତୁ । ଏଥିରେ ଶେଷରେ ଅଳେଇଚ ଗୁଣ୍ଡ ମିଶାନ୍ତୁ । ଆଉ ଏକ ପ୍ୟାନରେ ପୂର୍ବ ପ୍ରସ୍ତୁତ ଆଣକୁ ଗୋଲେଇ କରି ପିଠା ଭଳି କରନ୍ତୁ । ତାପରେ ଏଥିରେ ପନିର ଓ ନଡିଆ ମିଶ୍ରଣକୁ ରଖନ୍ତୁ। ଏହାକୁ ଚାରିପଟୁ ଭାଙ୍ଗି ମୁଣି ଆକାରର କରନ୍ତୁ । ତାପରେ ଅଧା କପ୍ ମଇଦା, ଅଟା, ଗୁଡରେ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାପରେ ସେଥିରେ ସେଇ ମୁଣିକୁ ବୁଡାଇ ଘିଅରେ ଛାଣନ୍ତୁ । ବ୍ରାଉନ୍ କଲର ହେଲେ ଏହି ମୁଣିକୁ କାଢି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ମୁଣି ପିଠା ।

## ଆଜି ଜନ୍ମଦିନ



## ଚାଖି ଖୁଣ୍ଟିଆ

ଚାଖି ଖୁଣ୍ଟିଆ, ଯିଏ କି ଚନ୍ଦନ ହଜୁରୀ ଭାବରେ ମଧ୍ୟ ପରିଚିତ, ଓଡ଼ିଶାର ଜଣେ ଅମର ସଂଗ୍ରାମୀ ଏବଂ ଜଗନ୍ନାଥ ସଂସ୍କୃତିର ଜଣେ ନିଷ୍ଠାପର ସେବକ ଥିଲେ । ୧୮୨୭ ଜାନୁଆରୀ ୨୦ ମସିହାରେ ପୁରୀର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା ଚାଖି ଖୁଣ୍ଟିଆ ପିଲାଦିନୁ ହିଁ ବୀରତ୍ୱ ଓ ସ୍ୱଦେଶପ୍ରେମର ପ୍ରତୀକ ଥିଲେ। ଶ୍ରୀମନ୍ଦିରର ପଣ୍ଡା ଭାବରେ ସେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଉଥିଲେ, ଯାହା ଫଳରେ ତାଙ୍କର ସମ୍ପର୍କ ଭାରତର ଅନେକ ରାଜକୀୟ ପରିବାର ସହ ଗଢ଼ିଉଠିଥିଲା । ବିଶେଷ କରି ଝାନ୍ସୀର ରାଣୀ ଲକ୍ଷ୍ମୀବାଇଙ୍କ ପରିବାର ସହ ତାଙ୍କର ଘନିଷ୍ଠତା ଥିଲା ଏବଂ ସେ ରାଣୀଙ୍କୁ ଯୁଦ୍ଧ କୌଶଳ ତଥା ରଣନୀତିରେ ସହାୟତା କରୁଥିଲେ । ୧୮୫୭ ମସିହାର ପ୍ରଥମ ଭାରତୀୟ ସ୍ୱାଧୀନତା ସଂଗ୍ରାମ କିମ୍ବା ସିପାହୀ ବିଦ୍ରୋହରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ଗୁପ୍ତଚର ଏବଂ ସଂଗଠକ ଭାବରେ କାର୍ଯ୍ୟ କରି ଭାରତୀୟ ସିପାହୀମାନଙ୍କ ମଧ୍ୟରେ ଦେଶଭକ୍ତିର ଜାଗରଣ ସୃଷ୍ଟି କରିଥିଲେ। ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ଅନେକ ବାର କାରାବରଣ ମଧ୍ୟ କରିଥିଲେ। ଚାଖି ଖୁଣ୍ଟିଆ କେବଳ ଜଣେ ଯୋଦ୍ଧା ନଥିଲେ, ବରଂ ଜଣେ ସୁସାହିତ୍ୟିକ ମଧ୍ୟ ଥିଲେ; ତାଙ୍କ ରଚିତ ଅନେକ ଜଣାଣ ଓ ଭଜନରେ ଜଗନ୍ନାଥଙ୍କ ପ୍ରତି ଭକ୍ତି ଏବଂ ଦେଶପ୍ରେମର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ତାଙ୍କର ବଳିଦାନ ଓ ବୀରତ୍ୱ ଆଜି ବି ଓଡ଼ିଶା ତଥା ସମଗ୍ର ଭାରତ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। କୀମ୍ବଦନ୍ତୀ ଅନୁସାରେ ତାଙ୍କର ମୃତ୍ୟୁ ୧୮୭୦ ମସିହାରେ ହୋଇଥିଲା ।

## ସୋସିଆଲ କୋଟ୍ସ



ମୋ ବିରୋଧରେ ଷଡଯନ୍ତ୍ର ଚାଲିଛି । ଦୟାକରି ମୋ ପାଇଁ ଏଭଳି ପରିସ୍ଥିତି ତିଆରି କର ନାହିଁ ଯେଉଁଠି ମୁଁ ଅଣନିଶ୍ୱାସୀ ହୋଇଯିବି । ନିଜ ମୁହଁ ଖୋଲିବା ପୂର୍ବରୁ ନିଜ କର୍ମ ଦେଖ ।

**ଗୋବିନ୍ଦା, ଅଭିନେତା**



ମାରାଥନରେ ଭାଗନେବା ପଛରେ ମୋ ଝିଅ ଇରାର ହାତ ରହିଛି । ତା ପାଖରୁ ହିଁ ପ୍ରେରିତ ହୋଇ ଏହି ମାରାଥନରେ ଭାଗ ନେଇଛି । ଏଠାରେ ଖୁବ ଭଲ ଅନୁଭୂତି ପାଇଛି ।

**ଆମିର ଖାନ, ଅଭିନେତା**



ହିନ୍ଦୀ ଫିଲ୍ମ କରିବା ପାଇଁ ଖୁବ ପରିଶ୍ରମ କରିଛି । ଏଥିପା ହିନ୍ଦୀ ଭାଷା କହିବା ସହିତ ଲେଖିବା ମଧ୍ୟ ଶିଖିଛି । ଫିଲ୍ମ ଯଦି ଭଲ ହେଲା ମୋ ପାରିଶ୍ରମିକରେ ଅନେକ କିଛି କରିବାକୁ ଆଶା ରଖିଛି । ପ୍ରଥମେ ଏକ ସ୍କୁଲ ନିର୍ମାଣ କରିବି ।

**ମୋନାଲିସା, ମହାକୁମ୍ଭର ଭାଇରାଲ ଗର୍ଲ**



## ପରୋକ୍ଷରେ ଟାର୍ଗେଟ

ଆଜିକାଲି ସମସ୍ତ ଅଭିନେତା ଓ ଅଭିନେତ୍ରୀ ସୋସିଆଲ ମିଡିଆରେ ଆକ୍ଟିଭ ରହୁଛନ୍ତି । ଏହି ତାଲିକାରେ କଙ୍ଗନା ରାଣାୱତ ମଧ୍ୟ ଆଗରେ ରହିଛନ୍ତି । ନିକଟରେ ଇନ୍ଷ୍ଟାଗ୍ରାମରେ କଙ୍ଗନାଙ୍କର ଏକ ଭିଡିଓ ଖୁବ ଭାଇରାଲ ହେଉଛି । ଏଥିରେ କଙ୍ଗନା ନିଜର କିଛି ପୁରୁଣା ବ୍ୟକ୍ତିଗତ କଥାକୁ ମଜାକିଆ ଅନ୍ଦାଜରେ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି । ୨୦୧୬ର ଏହି ଘଟଣା ଗୁଡିକୁ ସେ ୨୦୨୬ ସହିତ ଯୋଡିଛନ୍ତି । ଯେଉଁଥିରେ ସେ ହ୍ରିତିକଙ୍କ ସହିତ ଥିବା ତାଙ୍କର ନ୍ୟାୟିକ ଲଢେଇ ସମ୍ପର୍କରେ ମନେ ପକାଇଛନ୍ତି । ତେବେ ନିକଟରେ ସୋସିଆଲ ମିଡିଆରେ ୨୦୧୬ ଖୁବ ଟ୍ରେଣ୍ଡ କରିବାରେ ଲାଗିଛି ,ସମସ୍ତେ ନିଜର ୧୦ ବର୍ଷ ତଳ କଥାକୁ ମନେ ପକାଇ ଭିଡିଓ ପୋଷ୍ଟ କରିବାରେ ଲାଗିଛନ୍ତି । ଯେଉଁଥିରେ ସାମିଲ ହୋଇଛନ୍ତି କଙ୍ଗନା । ସେହିଭଳି ୨୦୧୬ରେ ସେ ସବୁଠାରୁ ଅଧିକ ଫିସ ନେଉଥିବା ଅଭିନେତ୍ରୀ ପାଲଟିଯାଇଥିଲେ ବୋଲି କହିଛନ୍ତି । କାରଣ ଏହି ସମୟରେ ତାଙ୍କର କୁଇନ, ତନୁ ୱେଡ୍ସ ମନୁ ଭଳି ହିଟ ଫିଲ୍ମ ରିଲିଜ ହୋଇଥିଲା । ହେଲେ ଏହି ବର୍ଷ ଜଣେ ସହକର୍ମୀ ମୋତେ ବିବାଦିତ ନ୍ୟାୟିକ ନୋଟିସ ପଠାଇଥିଲେ ଯାହା ପୁରା ଇଣ୍ଡଷ୍ଟ୍ରୀକୁ ଝଟକା ଦେଇଥିବା କଙ୍ଗନା କହିଛନ୍ତି । ଏଥିରେ କଙ୍ଗନା ହ୍ରିତିକଙ୍କ ନାଁ ନନେଲେ ମଧ୍ୟ ପରୋକ୍ଷରେ ତାଙ୍କୁ ଟାର୍ଗେଟ କରିଛନ୍ତି ।

## ନୀଳ ଲାଇଟ କମାଉଛି ଆତ୍ମହତ୍ୟା

ଆତ୍ମହତ୍ୟା ପ୍ରବଣତା କମାଇବା ପାଇଁ ଜାପାନ ଏକ ନୂଆ ଉପାୟ ଖୋଜିବାରେ ସଫଳ ହୋଇଛି। ଏଠିକାର ପ୍ରଶାସନଙ୍କ ମତରେ ରେଳ ଷ୍ଟେସନରେ ନୀଳ ରଙ୍ଗର ଲାଇଟ ଲଗାଇବା ଫଳରେ ଆତ୍ମହତ୍ୟା ମାମଲା ପାଖାପାଖି ୮୪ ପ୍ରତିଶତ କମିଛି । ଯାହାର ଦାବି ଟୋକିଓ ବିଶ୍ୱବିଦ୍ୟାଳୟର ଷ୍ଟଡିରେ କରାଯାଇଛି । ରିସର୍ଚ୍ଚ ଅନୁସାରେ ନୀଳରଙ୍ଗ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏହି ରଙ୍ଗ ପରୀକ୍ଷଣ ପାଇଁ ଜାପାନର ୨୯ଟି ଷ୍ଟେସନକୁ ବଛାଯାଇଥିଲା ଯେଉଁଥିରେ ନୀଳ ରଙ୍ଗ ଲଗାଯାଇଥିଲା । ଏହାକୁ ମୁଡ ଲାଇଟିଂ ଥେରାପି କହିଥାଆନ୍ତି, ଯେଉଁଥିରେ ଲାଇଟକୁ ବ୍ୟବହାର କରି ଲୋକଙ୍କୁ ମାନସିକ ଶାନ୍ତି ପ୍ରଦାନ କରାଯାଇଥାଏ । ଯେଉଁଭଳି ହଳଦିଆ ରଙ୍ଗ ଏନର୍ଜି ପ୍ରଦାନ କରିଥାଏ ସେହିଭଳି ନୀଳ ରଙ୍ଗ ମାନସିକ ଶାନ୍ତି ଦେଇଥାଏ । ତେବେ ଏହାକୁ ନେଇ ଗବେଷଣା ଜାରି ରହିଛି ଯାହା ଆହୁରି ତଥ୍ୟ ଆସିବାରେ ସାହାଯ୍ୟ କରିବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି ।

## ଇତିହାସ

୧୨୬୫- ଇଂଲଣ୍ଡରେ ସଂସଦର ପ୍ରଥମ ବୈଠକ ଆୟୋଜିତ ।

୧୫୦୩- ଆମେରିକୀୟ ବ୍ୟାପାର ସମାଧାନ ପାଇଁ ସ୍ପେନରେ ବୋର୍ଡ଼ ଅଫ୍ ଟ୍ରେଡ଼ ଗଠନ କରାଗଲା ।

୧୮୧୭- କୋଲକାତାରେ ହିନ୍ଦୁ କଲେଜ ସ୍ଥାପିତ ।

୧୮୪୦- ଡଚ୍ ରାଜା ୱିଲିୟମ୍ ଦ୍ୱିତୀୟଙ୍କ ରାଜ୍ୟାଭିଷେକ ହେଲା ।

୧୮୮୭- ନୌସେନା ଭିତ୍ତିଭୂମି ନିର୍ମାଣ ପାଇଁ ପର୍ଲ ହାର୍ବରଙ୍କୁ ଆମେରିକୀୟ ସିନେଟ୍ ଦ୍ୱାରା ଅନୁମତି ଦିଆଗଲା ।

୧୮୯୨- ବିଶ୍ୱର ସର୍ବପ୍ରଥମ ବାସ୍କେଟ୍ ବଲ୍ ମ୍ୟାଚ୍ ଖେଳାଗଲା ।

୧୯୨୦- ଆମେରିକାରେ ନାଗରିକ ସ୍ୱତନ୍ତ୍ରତା ସଂଘର ସ୍ଥାପନା ।

୧୯୭୨- ମେଘାଳୟ ରାଜ୍ୟର ସ୍ଥାପନା କରାଗଲା ।

୨୦୦୮- ବଲିଉଡ୍ ଅଭିନେତା ଦେବ ଆନନ୍ଦଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ଼ ପ୍ରଦାନ ।

## ସୁସ୍ଥ ପାନୀୟ

ଭାରତୀୟ ମସଲା କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ, ବରଂ ଏହା ଶରୀର ପାଇଁ ଏକ ଔଷଧ ପରି କାମ କରିଥାଏ। **ଆମ ରୋଷେଇ ଘରେ ମିଳୁଥିବା ଡାଲଚିନି, ଲବଙ୍ଗ ଏବଂ ପୁଦିନା ପରି ସାମଗ୍ରୀକୁ ବ୍ୟବହାର କରି ଆମେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟକର ପାନୀୟ ପ୍ରସ୍ତୁତ କରିପାରିବା । ଏହି ପାନୀୟଗୁଡ଼ିକ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଆସନ୍ତୁ ସେହିଭଳି କିଛି ପାନୀୟ ସମ୍ପର୍କରେ ଜାଣିବା ଯେଉଁଗୁଡିକ ଆମକୁ ଏକ ସୁସ୍ଥ ଜୀବନ ପ୍ରଦାନ କରିବେ ।**

**ଡାଲଚିନି ଚା'-** ଡାଲଚିନି ଏକ ଶକ୍ତିଶାଳୀ ମସଲା ଯାହା ଶରୀରର ମେଟାବୋଲିଜିମ୍ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହାକୁ ପାଣିରେ ଫୁଟାଇ ପିଇବା ଦ୍ୱାରା ରକ୍ତରେ ଶର୍କରା ଅଂଶ ନିୟନ୍ତ୍ରିତ ହୋଇ ରହିଥାଏ। ଓଜନ କମାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଡାଲଚିନି ପାଣି ଏକ ଉତ୍କୃଷ୍ଟ ପାନୀୟ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୁଏ । ନିୟମିତ ଏହାକୁ ସେବନ କଲେ ହୃଦୟ ଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

**ଲବଙ୍ଗ ଏବଂ ଗୋଲମରିଚ କାଢ଼ା -** ଲବଙ୍ଗ ଏବଂ ଗୋଲମରିଚରେ ପ୍ରଚୁର ପରିମାଣରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ। ଶୀତଦିନେ କିମ୍ବା ଋତୁ ପରିବର୍ତ୍ତନ ସମୟରେ ହେଉଥିବା କାଶ ଓ ସର୍ଦ୍ଦି ପାଇଁ ଏହି କାଢ଼ା ଅତ୍ୟନ୍ତ ଲାଭଦାୟକ । ଏହା ଶ୍ୱାସତନ୍ତ୍ରକୁ ସଫା ରଖିବା ସହ ଗଳା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏହି ପାନୀୟ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବହୁଗୁଣିତ କରିବାରେ ସାହାଯ୍ୟ କରେ । ଏହାକୁ ପ୍ରସ୍ତୁତ କରିବା ପାଇଁ ପାଣିରେ ୨-୩ଟି ଲବଙ୍ଗ ଓ ଗୋଲମରିଚ ଫୁଟାଇ ସେଥିରେ ଅଳ୍ପ ମହୁ ମିଶାଇ ପିଇପାରିବେ ।



**ପୋଦିନା ଶରବତ -** ପୋଦିନା ପତ୍ର ଶରୀରକୁ ଥଣ୍ଡା ରଖିବା ସହ ହଜମ ପ୍ରକ୍ରିୟାରେ ବିଶେଷ ସାହାଯ୍ୟ କରିଥାଏ । ପେଟ ଫାମ୍ପିବା କିମ୍ବା ଗ୍ୟାସ୍ ସମସ୍ୟା ଥିଲେ ପୁଦିନା ପାଣି ପିଇବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ । ଏଥିରେ ଥିବା ମାନସିକ ଚାପ କମାଇବାରେ ଏବଂ ମନକୁ ଶାନ୍ତ ରଖିବାରେ ସହାୟକ ହୁଏ । ଖରାଦିନେ ଏହି ପାନୀୟ ଶରୀରକୁ ଜଳଶୂନ୍ୟତା ବା ଡିହାଇଡ୍ରେସନରୁ ରକ୍ଷା କରିଥାଏ । ତାଜା ପୋଦିନା ପତ୍ରକୁ ବାଟି ସେଥିରେ ଲେମ୍ବୁ ରସ ଓ ବିଟ୍ ଲୁଣ ମିଶାଇ ଏହି ସ୍ୱାସ୍ଥ୍ୟକର ଶରବତ ପ୍ରସ୍ତୁତ କରାଯାଇପାରିବ ।

**ହଳଦୀ କ୍ଷୀର -** ହଳଦୀକୁ ଭାରତୀୟ ସଂସ୍କୃତିରେ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବେ ଗ୍ରହଣ କରାଯାଏ । କ୍ଷୀରରେ ଅଳ୍ପ ହଳଦୀ ଗୁଣ୍ଡ ମିଶାଇ ପିଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ କ୍ଷତ ଶୀଘ୍ର ଶୁଖିଥାଏ । ଏହା ହାଡ଼କୁ ମଜବୁତ କରିବା ସହ ଗଣ୍ଠି ବ୍ୟଥାରୁ ମଧ୍ୟ ମୁକ୍ତି ଦେଇଥାଏ। ନିୟମିତ ହଳଦୀ କ୍ଷୀର ପିଇବା ଦ୍ୱାରା ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ । ରାତିରେ ଶୋଇବା ପୂର୍ବରୁ ଏହାକୁ ପିଇଲେ ଭଲ ନିଦ ହେବା ସହ ଶରୀର ସତେଜ ରହେ ।

**ଗୁଜୁରାତି ଓ ଅଦା ଚା' -** ଅଦା ଏବଂ ଗୁଜୁରାତି ମିଶ୍ରିତ ଚା' ପାଚନ କ୍ରିୟାକୁ ସକ୍ରିୟ କରିବାରେ ବହୁତ ପ୍ରଭାବଶାଳୀ । ଅଦା ଶରୀରର ବିଭିନ୍ନ ସମସ୍ୟା ପାଇଁ ଉପକାରୀ ହୋଇଥାଏ । ଗୁଜୁରାତି ମୁଖରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ। ଏହି ପାନୀୟ ରକ୍ତ ସଞ୍ଚାଳନକୁ ବଢ଼ାଇବା ସହ ଶରୀରକୁ ଉର୍ଜା ପ୍ରଦାନ କରିଥାଏ । ମୁଣ୍ଡବିନ୍ଧା କିମ୍ବା କ୍ଳାନ୍ତି ଅନୁଭବ ହେଲେ ଏହାକୁ ପିଇବା ଦ୍ୱାରା ଖୁବ୍ଶୀଘ୍ର ଆରାମ ମିଳେ। ପ୍ରତିଦିନ ସକାଳେ ଏହି ପାନୀୟ ସେବନ କଲେ ଦିନସାରା ଶରୀର ସକ୍ରିୟ ରହିଥାଏ ।

## ମାଘମାସ ଶୁକ୍ଳପକ୍ଷ, ଦ୍ୱିତୀୟା
## ୨୦.୧.୨୦୨୬ ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ମେଷ- ବ୍ୟବସାୟରେ ଉନ୍ନତି, ଶତ୍ରୁପିଡ଼ା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଲୋକସମ୍ପର୍କରେ ଉନ୍ନତି, ନୂତନ କାର୍ଯ୍ୟ ଆରମ୍ଭ, ଦୂରଯାତ୍ରା, ମାନସିକ ଶାନ୍ତି, ସ୍ତ୍ରୀ ସହଯୋଗ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୮, ଆରାଧନା- ମା କନକଲକ୍ଷ୍ମୀ ।

ବୃଷ-ଶରୀର ଅସୁସ୍ଥ, ବ୍ୟବସାୟରେ ଲାଭ, ଶତ୍ରୁ ନାଶ, ମୋକଦ୍ଦମାରେ ବିଜୟ, କିଛି ଶୁଭକାର୍ଯ୍ୟରେ ଖୁସି, ଆଶା ସଫଳ, ଦୂରଯାତ୍ରା, ଦାମ୍ପତ୍ୟ ଖୁସି, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ହନୁମାନ ।

ମିଥୁନ- ଯାନବାହନରେ ସତର୍କ, ଅର୍ଥଚିନ୍ତା, ଶରୀର ଅସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଲାଭ, ହଠାତ୍ ଦୂରଯାତ୍ରା, ଦେବକାର୍ଯ୍ୟରେ ଆଗ୍ରହ, କଚେରି ମାମଲା ସମାଧାନ, ଅଯଥା ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ ଅସଫଳ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

କର୍କଟ-ଆର୍ଥିକ ଲାଭ, ଧର୍ମକାର୍ଯ୍ୟ ସଫଳ, ନୂତନ ବନ୍ଧୁଲାଭ, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ଶୁଭଖବର, ଶରୀର ସୁସ୍ଥ, ଉଚିତ କାର୍ଯ୍ୟରେ ଆଗ୍ରହ, ଦାମ୍ପତ୍ୟ କଳହ, ବିଦ୍ୟାରେ ସଫଳ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

ସିଂହ- ବନ୍ଧୁସାହାଯ୍ୟ, ଲୋକସମ୍ପର୍କ, ଶତ୍ରୁ ସମସ୍ୟା ସମାଧାନ, ଶୁଭ ଖବର ପ୍ରାପ୍ତି, ବିଦ୍ୟାଲାଭ, ମୋକଦ୍ଦମାରେ ବିଜୟ, ଗୁରୁଜନଙ୍କ ଠାରୁ ଆଶୀର୍ବାଦ, କିଛି କିଣାବିକା ଯୋଗ, ସ୍ତ୍ରୀ ସହଯୋଗ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା କିଚକେଶ୍ୱରୀ ।


କନ୍ୟା- ନୂତନ କାର୍ଯ୍ୟରେ ଖୁସି, ଶୁଭସମ୍ବାଦ, ବ୍ୟବସାୟରେ ଶତ୍ରୁତା, ବନ୍ଧୁଲାଭ, ଧର୍ମକାର୍ଯ୍ୟରେ ଆଗ୍ରହ, କଚେରୀ ମାମଲାଚାଲିବ, ସମ୍ମାନରେ ବାଧା, ଶରୀର ଅଳ୍ପ ଅସୁସ୍ଥ, ପୁରାତନ କାର୍ଯ୍ୟ ପ୍ରତି ବିପଦ, ଦାମ୍ପତ୍ୟ ସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା- ମା ବଗବଳାମୁଖୀ ।

ତୁଳା- ମାନସିକ ଅଶାନ୍ତି, ଦୂରଯାତ୍ରାରେ ଅସନ୍ତୁଷ୍ଟ, ଶତ୍ରୁ ସମସ୍ୟା, କଚେରି ମାମଲାରେ ଖୁସି, ଶୁଭଖବର ପ୍ରାପ୍ତି, ଦାମ୍ପତ୍ୟ କଳହ, ସମ୍ମାନରେ ବାଧା, ଅର୍ଥ ଚିନ୍ତା, ଗୃହେ ଅଶାନ୍ତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ଭଗବାନ ଶଙ୍କର ।

ବିଛା- ସମ୍ମାନ ଲାଭ, ଉଚ୍ଚଆଶାରେ ବିଳମ୍ବ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ଦାମ୍ପତ୍ୟ ଖୁସି, ଭୂ ସମ୍ପତ୍ତି ଲାଭ, କଚେରି ମାମଲାର ସମାଧାନ, ବ୍ୟବସାୟରେ ଲାଭ, ବିଦ୍ୟାରେ ସଫଳ, ଜ୍ୟେଷ୍ଠା ବିଛା ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ- କର୍ମପ୍ରତି ଅନାଗ୍ରହ, ଶତ୍ରୁ ସମସ୍ୟା, ବନ୍ଧୁ କଳହ, ପାରିବାରିକ ଖୁସି, ଶତ୍ରୁ ସମସ୍ୟାରେ କଷ୍ଟ ଲୋକସମ୍ପର୍କରେ ଉନ୍ନତି, ଦେବକାର୍ଯ୍ୟରେ ଖୁସି, ଅତିଥିଚର୍ଚ୍ଚା, ସ୍ୱାଦିଷ୍ଟ ଭୋଜନ, ଶରୀର ଅସୁସ୍ଥ, ସ୍ତ୍ରୀ ହେତୁ ଧନପ୍ରାପ୍ତି, ବିଦ୍ୟାରେ ଅସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

ମକର- କର୍ମେ ଆନନ୍ଦ, ଶତ୍ରୁନାଶ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା, ଭୂସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ଖୁସିଖବର ପ୍ରାପ୍ତି, ଯାନବାହନରେ ସତର୍କ, ବ୍ୟବସାୟରେ ଉନ୍ନତି, ବହୁକାର୍ଯ୍ୟରେ ପିଲାଙ୍କ ଖୁସି, ବିଦ୍ୟାରେ ସଫଳତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।




କୁମ୍ଭ-ମାନସିକ ଅଶାନ୍ତି, ଶତ୍ରୁକଷ୍ଟ, ବ୍ୟବସାୟରେ ଲାଭ, ବନ୍ଧୁଲାଭ, ଦୂରଯାତ୍ରା, ଯାନବାହନରେ ସତର୍କ, ଲୋକସମ୍ପର୍କ ହାନି, ଶରୀର କଷ୍ଟ, ଜମି ଗଣ୍ଡଗୋଳ, ଦାମ୍ପତ୍ୟ ଖୁସି, ପିଲାଙ୍କ ସଫଳତା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନିଳ, ସଂଖ୍ୟା-୨, ଆରାଧନା - ମା ବଗଳାମୁଖୀ ।

ମୀନ- କର୍ମରେ ସଫଳ, ବ୍ୟବସାୟରେ ଲାଭ, ନୂତନ ନିଯୁକ୍ତି, ଦ୍ରବ୍ୟ ନଷ୍ଟ, ପୁରାତନ ରୋଗସମସ୍ୟା, ଦାମ୍ପତ୍ୟ ସୁଖ, ଶତ୍ରୁ ନାଶ, କିଛି କିଣାକିଣି କରିବେ, ଉଚ୍ଚଆଶା ସଫଳ, ବିଦ୍ୟାରେ ସଫଳତା ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା- ମା ଭଗବତୀ ।

ଶ୍ରୀମନ୍ଦିର ସେବାୟତ ସଂଘ ଓ ବିଭିନ୍ନ ମଠ ପକ୍ଷରୁ ଧନୁକୁ ଭବ୍ୟ ସ୍ୱାଗତ

# ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କଲା ଶ୍ରୀରାମଙ୍କ ଧନୁ

ପୁରୀ (ସବ୍ୟୁ): ରାଉରକେଲା ସନାତନ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ହୋଇ ଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରାର ପ୍ରଭୁ ଶ୍ରୀ ରାମଙ୍କ ପଞ୍ଚ ଧାତୁରେ ନିର୍ମିତ ଦିବ୍ୟ "ଧନୁ" ସୋମବାର ପୂର୍ବାହ୍ନରେ ଏକ ବିରାଟ ଶୋଭା ଯାତ୍ରାରେ ବାହାରି ଶ୍ରୀମନ୍ଦିର ଚତୁର ପାର୍ଶ୍ୱ ପରିକ୍ରମା କରିଛି। ପୂର୍ବାହ୍ନ ୧୧ ଟା ରୁ ବାହାରି ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଦିବ୍ୟ ଧନୁ ଶ୍ରୀମନ୍ଦିର ଚତୁର ପାର୍ଶ୍ୱ ପରିକ୍ରମା କରି ଥିଲା। ଏହି ଶୋଭା ଯାତ୍ରା ସମୟରେ ଜୟ ଶ୍ରୀ ରାମ ଧ୍ୱନୀରେ ପ୍ରକମ୍ପିତ ହୋଇ ଥିଲା ମନ୍ଦିର ଚତୁରପାର୍ଶ୍ୱ। ଯାହା ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରି ଥିଲା। ପରିକ୍ରମା ପରେ ଏହି ଧନୁ ଆଜି ଅଯୋଧ୍ୟା ଅଭିମୁଖେ ଗସ୍ତ କରିଛି। ରାଉଲକେଲା ରୁ ବାହାରି ଏହି ଧନୁ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କଲା ପରେ ଗତ କାଲି ରାତିରେ ଆସି ପୁରୀ ଦୋଳ ବେଦୀକୋଣ ଉତ୍ତରପାର୍ଶ୍ୱ ମଠ ନିକଟ ସତ୍ୟ ନାରାୟଣ ମନ୍ଦିର ଠାରେ ପହଞ୍ଚି ଥିଲା । ଉତ୍ତରପାର୍ଶ୍ୱ ମଠ ମଠାଧୀଶ ଓ ସେବାୟତ ସଂଘ ପକ୍ଷରୁ ଦିବ୍ୟ ଧନୁ କୁ ଭବ୍ୟ ସ୍ୱାଗତ କରା ଯାଇ ଥିଲା। ଏହି ଧନୁ ୨୮୬ କେଜି ଓଜନର ପଞ୍ଚ ଧାତୁରେ ନିର୍ମିତ। ଏହ ସ୍ୱର୍ଣ୍ଣ ଧନୁଷ ଅଟେ। ଯାହା ସ୍ୱର୍ଣ୍ଣ , ରୂପା, ଲୌହ, ଜୀଙ୍ଗ,ପିତଳ ଇତ୍ୟାଦିରେ ନିର୍ମିତ ହୋଇଛି। ଏହାକୁ ବାଲେଶ୍ୱରରେ ନିର୍ମାଣ କରାଯାଇଛି। ଏହି ସ୍ୱର୍ଣ୍ଣ ଧନୁ ଅଯୋଧ୍ୟାକୁ ଯିବ। ଆଉ ଏହା ପରେ ମ୍ୟୁଜିଅମରେ ରଖାଯିବାର ସୂଚନା ଅଛି। ଆଜିର ଏହି କାର୍ଯ୍ୟ କ୍ରମରେ ଉତ୍ତର ପାର୍ଶ୍ୱ ମଠ ମଠାଧୀଶ, ଶ୍ରୀମନ୍ଦିର ସେବାୟତ ସଂଘ ସଭାପତି ଗୌର ହରି ପ୍ରଧାନ, ଉପସଭାପତି ରବିନ୍ଦ୍ର ନାଥ ପ୍ରତିହାରୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ରବି ନାରାୟଣ ଦାସ, ବରିଷ୍ଠ ସେବାୟତ କୃଷ୍ଣ ଚନ୍ଦ୍ର ସାମନ୍ତରା ଓ ଉଦୟ ନାରାୟଣ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।




## ଚିନ୍ତାମଣିଶ୍ୱରରେ ବିଶାଳ ହିନ୍ଦୁ ସମ୍ମିଳନୀ

ଭୁବନେଶ୍ୱର(ସବ୍ୟୁ): ଆଜି ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଚିନ୍ତାମଣିଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ମଞ୍ଚରେ ସାଧୁ ହରି ଓଁ ବାବା, ସଂଘ ମହାନଗର ପ୍ରଚାରକ ରାଜେଶ୍ୱର ରାଉତ, ସ୍ୱାମୀ ଆନନ୍ଦ ରାଜା, ସଂଘ ପୂର୍ବତନ ବରିଷ୍ଠ ଅଧିକାରୀ ହେମନ୍ତ କୁମାର ଜେନା, ରଘୁନାଥ ପତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚିନ୍ତାମଣିଶ୍ୱର ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ଶ୍ରୀନିବାସ ରଥ, ମଧୁସୂଦନ ଦାସ ଏବଂ ବିଶ୍ୱନାଥ ନଗର କମିଟିର ଚନ୍ଦନ ଜେନା, ଚିନ୍ତାମଣିଶ୍ୱର ମନ୍ଦୀର ପରିଚାଳକ ମନୋଜ କୁମାର ମହାନ୍ତି, ଆଖଣ୍ଡଳମଣି ମନ୍ଦିର ପରିଚାଳକ ପ୍ରସନ୍ନ ପାଟଶାଣୀ, ବରିଷ୍ଠ ଆଇନଜୀବୀ ନିରୋଜ ମହାପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୋକ କାନୁନଗୋ ପ୍ରମୁଖଙ୍କୁ ସଂଘ ପକ୍ଷରୁ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କର୍ପୋରେଟରଅମରେଶ ଜେନାଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ସମ୍ପାଦନା ହୋଇଥିଲା ।

## ୨୧ ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା

# ସଚେତନତା, ସମୃଦ୍ଧିର ମହାକୁମ୍ଭ ହେବ ସମାବେଶ : ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ଜନତା ମଇଦାନଠାରେ ଆୟୋଜନ ହେବ । ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ପାଇଁ ଏହି ସମାବେଶ ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ସାଜିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମାବେଶକୁ ଉଦଘାଟନ କରିବେ । ସେହିପରି ଉଦଯାପନୀ ସମାରୋହରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଯୋଗ ଦେବେ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଭଟେରିନାରୀ କଲେଜ ଅଡ଼ିଟୋରିୟମ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ, ଏବର୍ଷ ପାଇଁ ଥିମ ରହିଛି ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା ବିକଶିତ ହେବ ଆମ ଓଡ଼ିଶା । ସମାବେଶରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଚାଷୀ ମୋଟ ୮୧୭୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗ ଦେବେ । ଏହାସହ ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟ ଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ । ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ଚଳିତଥର ମୋଟ ୧୨ଟି ଇଣ୍ଟରାକ୍‌ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛ । ମନ୍ତ୍ରୀଙ୍କୁ ପଚାରନ୍ତୁ କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ମଲ୍ଲିକ । ୩ ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୮ ଟି ଷ୍ଟଲରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶନ ହେବ । ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେସନ୍ କରାଯିବ । ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷ,, (ସୁରବୀର ଏବଂ ଇନ୍ଦର), ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଏବଂ ଗୁଜୁରାଟରୁ କାଙ୍କରେଜ୍ ଷ,, ଆସୁଛି ।୨୩ ତାରିଖ ସକାଳ ୮.୩୦ରେ ଡଗ୍ ଶୋ ହେବାକୁ ଥିବା ବେଳେ ସନ୍ଧ୍ୟା ୬.୩୦ ରେ ପେଟ୍ ଫ୍ୟାଶନ ଶୋ ଆୟୋଜନ ହେବ । ଲାଇଭ୍ ସି ଫୁଡ୍ କିଚେନ୍, ଭର୍ଚୁଆଲ୍ ରିଆଲିଟି ଫାର୍ମ ଟୁର୍, ଡ୍ରୋନ୍ ଶୋ, ଲେଜର୍ ଶୋ, ଚିତ୍ରକଳା ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହ ସେଲଫି ଜୋନ୍ ଆଦି ଆକର୍ଷଣର କେନ୍ଦ୍ର ସାଜିବ । ୨୧ ତାରିଖ ସକାଳ ୬ଟାରେ କଳିଙ୍ଗ ଷ୍ଟାଡିୟମ୍ ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ଓ୍ୱାକାଥନ୍ ଆୟୋଜିତ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣି ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ଦରମା ବିଳମ୍ବକୁ ନେଇ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ଅଙ୍ଗନବାଡ଼ୀ କର୍ମୀଙ୍କୁ ୧୫ ଦିନ ମଧ୍ୟରେ ଦରମା ଦେବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ) : ଜଣେ ଅଙ୍ଗନବାଡ଼ି କର୍ମୀ ସେବା ପ୍ରଦାନ କରୁଥିବା ବେଳେ ଦୀର୍ଘଦିନ ଧରି ତାଙ୍କୁ ଦରମାରୁ ବଞ୍ଚିତ କରିବା ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅଦାଲତ କହିଛନ୍ତି ଯେ ସରକାର ଏବଂ ତାଙ୍କର ବିଭାଗଗୁଡ଼ିକ ଜଣେ ଆଦର୍ଶ ନିୟୋଜକ (ମଡେଲ ଏମ୍ପ୍ଲୟର) ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସେମାନେ କୌଣସି କର୍ମଚାରୀଙ୍କୁ କାମ କରାଇ ତାଙ୍କର ପ୍ରାପ୍ୟ ବା ଦରମାକୁ ଅଟକ ରଖିପାରିବେ ନାହିଁ। ଯଦି ଜଣେ କର୍ମଚାରୀ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି, ତେବେ ତାଙ୍କୁ ଦରମା ନ ଦେବା ଏକ 'ଶୋଷଣ' ସଦୃଶ ଏବଂ ଜଣେ ଆଦର୍ଶ ନିୟୋଜକଙ୍କ ପାଇଁ ଏହା ଶୋଭନୀୟ ନୁହେଁ। ଯାଜପୁର ଜିଲା ରସୁଲପୁର ବ୍ଲକର ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଦାୟର ହୋଇଥିବା ଏକ ରିଟ୍ ଆବେଦନର ରାୟ ପ୍ରକାଶ କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏହା କହିବା ସହିତ ୧୫ ଦିନ ମଧ୍ୟରେ ବକେୟା ଦରମା ପୈଠ କରିବାକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଏବଂ ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଦରମା ପ୍ରଦାନ କରା ନ ଯାଏ ତେବେ ପ୍ରତିପକ୍ଷମାନଙ୍କୁ ବକେୟା ରାଶି ଉପରେ ବାର୍ଷିକ ୯ ପ୍ରତିଶତ ସୁଧ ଦେବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ପୁଷ୍ପାଞ୍ଜଳି ସାହୁ ରସୁଲପୁର ବ୍ଲକର ପ୍ରଥମଖଣ୍ଡି ଗ୍ରାମ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ର ନଂ-୬ରେ କାର୍ଯ୍ୟରତ ଅଛନ୍ତି। ସେ ୨୦୨୫ ଜୁଲାଇ ୨୪ରୁ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କୁ ତାଙ୍କର ପ୍ରାପ୍ୟ ଦରମା ପ୍ରଦାନ କରାଯାଉନଥିଲା। ଏନେଇ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଆବେଦନକାରୀଙ୍କ ସେବା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଇ-ମାନଦେୟ ପୋର୍ଟାଲରେ ଅପଲୋଡ୍ ହୋଇଛି। ଯାହାଫଳରେ ଦରମା ପ୍ରଦାନରେ ଆଉ କୌଣସି ଅସୁବିଧା ହେବ ନାହିଁ। ଅଦାଲତ ମାମଲାର ଶୁଣାଣି କରି କହିଛନ୍ତି ଯେ କେବଳ ତଥ୍ୟ ଅପଲୋଡ୍ କରିଦେଲେ ହେବନି। ଆବେଦନକାରୀ ନିୟମିତ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଦରମା ରୋକିବା ଆଦୌ ଉଚିତ ନୁହେଁ। ତେଣୁ ଆବେଦନକାରୀଙ୍କୁ ୧୫ ଦିନ ମଧ୍ୟରେ ବକେୟା ଦରମା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ସାତବର୍ଷ ପରେ ଖୋଜୁଛି ପୋଲିସ

# ବ୍ୟବସାୟୀ ମୃତ ନା ଜୀବିତ

ଭୁବନେଶ୍ୱର, (ସବ୍ୟୁ) : ଘଟଣାଘଟିବାର ୭ବର୍ଷ ପରେ ଖୋଜୁଛି କମିଶନରେଟ୍ ପୋଲିସ । ନିଖୋଜ ବ୍ୟବସାୟୀ ମୃତ ନା ଜୀବିତ । ତାଙ୍କୁ ତାଙ୍କ ବାନ୍ଧବୀ ଅପହରଣ କରିନେଇ ମାରିଦେଇଛନ୍ତି ନା କେଉଁଠାରେ ଲୁଚାଇ ରଖିଛନ୍ତି ୭ବର୍ଷ ବିତିଯାଇଥିଲେ ମଧ୍ୟ ପୋଲିସ ସ୍ପଷ୍ଟ ହୋଇପାରିନାହିଁ । ହେଲେ ଚପିଯାଇଥିବା ମାମଲାକୁ ପୁନଃଜୀବିତ କରାଯାଇଛି । ଚଳିତ ମାସ ୧୪ ତାରିଖରେ ତାଙ୍କ ବାନ୍ଧବୀଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ବଳରାମଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ରଶ୍ମିତାଙ୍କୁ ରିମାଣ୍ଡ ଆଣିଛି ପୋଲିସ ।

ଗଞ୍ଜାମ ଜିଲ୍ଲାରେ ବଳରାମ ସାହାଣୀଙ୍କ ଘର । ସେ ଚନ୍ଦକା ଥାନା ଅଞ୍ଚଳରେ ସପରିବାରେ ଭଡାକୁ ରହି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ୨୦୧୯ ମସିହାରେ ସେ ବ୍ୟବସାୟକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ୨/୩ଦିନ ଖୋଜଖବର କରି କୌଣସି ସନ୍ଧାନ ନପାଇବାରୁ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲାକୁ ଚାପି ଦେଇଥିଲା । ପୁରୁଣା ମାମଲା ଉପରେ ବର୍ତ୍ତମାନ ଡିସିପି ଜଗମୋହନ ମିନା ଗୁରୁତ୍ୱାରୋପ କରୁଥିବାରୁ ସେହି ମାମଲାରେ ବଳରାମଙ୍କ ବାନ୍ଧବୀ ରଶ୍ମିତା ସ୍ୱାଇଁଙ୍କୁ ପରିବାର ଲୋକଙ୍କ ସୂଚନା ଆଧାରରେ ଚଳିତ ମାସ ୧୪ ତାରିଖରେ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା । ସେ ଜେଲ୍‌ରେ ଥିବାବେଳେ ବଳରାମଙ୍କ ସମ୍ପର୍କରେ ପୋଲିସ ସ୍ପଷ୍ଟ ହେବା ପାଇଁ ତାଙ୍କୁ ରିମାଣ୍ଡରେ ଆଣିଛି । ରିମାଣ୍ଡ ଜେରାବେଳେ ପୋଲିସ ହାତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିଲେ ମଧ୍ୟ ତାହା ଗଣମାଧ୍ୟମକୁ କହିହେବ ନାହିଁ ବୋଲି ଚନ୍ଦକା ଥାନା ଆଇଆଇସି କହିଛନ୍ତି ।

ବଳରାମ ସପରିବାରେ ଚନ୍ଦକା ଥାନା ଅଞ୍ଚଳରେ ଭଡାକୁ ରହୁଥିଲେ ମଧ୍ୟ ବାନ୍ଧବୀ ରଶ୍ମିତାଙ୍କ ସହ ଡେଲ୍‌ଟା ଅଞ୍ଚଳରେ ଲିଭ୍‌ଇନ୍‌ରେ ରହୁଥିଲେ । ସେମାନଙ୍କ ମଧ୍ୟରେ କ'ଣ ହେଲା ତାହା ଜଣାପଡିନଥିବା ବେଳେ ୨୦୧୯ ମସିହାରେ ବଳରାମ ଆଉ ଘରକୁ ଫେରିନଥିଲେ । ଘର ଲୋକେ ଖୋଜଖବର କରି ନପାଇବାରୁ ଥାନାରେ ଏତଲା ଦେଇଥିଲେ । ଏତଲା ଅନୁଯାୟୀ ସେ ସମୟରେ ପୋଲିସ ଖୋଜଖବର କରି କିଛି ସନ୍ଧାନ ପାଇଲା ନାହିଁ ନା ଟଙ୍କା ଲାଞ୍ଚ ନେଇ ମାମଲାକୁ ଚାପିଦେଲା ତାହା ମଧ୍ୟ ସନ୍ଦେହରେ । ୧୪ ତାରିଖ ଗିରଫଦାରୀ ପରେ ସେହି ମାମଲାକୁ ବ୍ୟାପକ ଛାନ୍‌ଭିନ୍ କରାଯାଉଛି । କୁଆଡେ ଗଲେ ବଳରାମ ! ତାଙ୍କୁ ରଶ୍ମିତା ଓ ଅନ୍ୟମାନେ ମିଶି ଅପହରଣ କରିନେଇ ହତ୍ୟା କରିଛନ୍ତି ନା କେଉଁଠାରେ ଲୁଚାଇ ରଖିଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ । ରିମାଣ୍ଡ ଜେରାବେଳେ ପୋଲିସ ଏହି ଦିଗକୁ ନେଇ ରଶ୍ମିତାକୁ ବ୍ୟାପକ ଜେରା କରୁଛି । ସେହି ମାମଲାରେ ରଶ୍ମିତାଙ୍କ ସହ ଆଉ କିଏ ଅଛନ୍ତି ନା ସେ ନିଜେ ଘଟଣା ଘଟାଇଛନ୍ତି ତାହା ପୋଲିସ ସ୍ପଷ୍ଟ ହେବା ପାଇଁ ତଦନ୍ତ ଜାରି ରଖିଛି । ରଶ୍ମିତା ବଳରାମଙ୍କୁ ଅପହରଣ କରିବାର କାରଣ କ'ଣ? ଯଦି ଅପହରଣ କରି ହତ୍ୟାକଲେ ତେବେ ଶବ କୁଆଡେ ଗଲା ? ଯଦି ସେ ଶବ ଜଙ୍ଗଲରେ ଲୁଚାଇଥିଲେ ତେବେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବ । ସେ ଶବକୁ ଯେଉଁଠି ପକାଇଥିଲା ବୋଲି ପୋଲିସକୁ ଗିରଫ ସମୟରେ କହିଥିଲା ତାହା ସତ ନା ମିଛ ସେଥିନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ବଳରାମ ଅପହରଣ ଓ ମୃତ୍ୟୁ ଉପରୁ ପରଦା ହଟାଇବା ପାଇଁ ପୋଲିସ ଆପ୍ରାଣ ଉଦ୍ୟମ କରୁଛି । ହେଲେ ଏହା ୭ବର୍ଷ ପରେ ହେଉଛି ତାହା କମିଶନରେଟ୍ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ପଳାଶୁଣିରେ କାର୍ ଉପରେ ଚଢିଗଲା କାର୍ : ଘଣ୍ଟାଏ ଗାଡି ଚଳାଚଳ ଠପ୍

ଭୁବନେଶ୍ୱର, (ସବ୍ୟୁ) : ପଳାଶୁଣିରେ କାର୍ ଉପରେ ଚଢିଗଲା କାର୍ । ଏହା ବିଶ୍ୱାସ ହେଉନଥିଲେ ମଧ୍ୟ ସତ ଘଟଣା । ଏହି ଦୁର୍ଘଟଣାକୁ ନେଇ ସୋମବାର ଏକଘଣ୍ଟା ଜାତୀୟ ରାଜପଥରେ ଗାଡି ଚଳାଚଳ ଠପ୍ ହୋଇଗଲା । ଜଣେ ଡ୍ରାଇଭର ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।
କଟକରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ପଳାଶୁଣି ଛକରେ ଥିବା ଏକ କାର୍ ଉପରେ ସମ୍ପୂର୍ଣ୍ଣ ଚଢିଯାଇଥିଲା । ଯଦ୍ୱାରା ସେଠାରେ କିଛି ସମୟ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲା । କ୍ରେନ୍ ଆସି ଦୁଇଟି କାର୍‌କୁ ରାସ୍ତାରୁ ହଟାଇବା ପର୍ଯ୍ୟନ୍ତ ପ୍ରାୟ ୧ଘଣ୍ଟା ଗାଡି ଚଳାଚଳ ଠପ୍ ହୋଇଯାଇଥିଲା । ସେଠାରେ ଗୁରୁତର ଭାବେ ଆହତ ହୋଇଥିବା ଜଣେ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ହସ୍ପିଟାଲ ପଠାଗଲା । ରାସ୍ତାରେ ଦୁଇପାର୍ଶ୍ୱରେ ଗାଡି ପ୍ରାୟ ୨କିଲୋମିଟର ବ୍ୟାପି ଲମ୍ବି ରହିଥିଲା । ବାଇକ୍, କାର୍, ଟ୍ରକ୍ ଓ ବସ୍ ପ୍ରଭୃତି ରାସ୍ତାରେ ଅଟକି ରହିଲା । ଏପରିକି କଟକ-ଭୁବନେଶ୍ୱର ଯାତାୟାତ କରୁଥିବା ଆମ୍ବୁଲାନ୍ସ ମଧ୍ୟ ରାସ୍ତାରେ ପଡିରହିଲା । କାରଣ ଏଭଳି ଜାମ୍ ଥିଲା ଯେ, ଆମ୍ବୁଲାନ୍ସ ଅତିକ୍ରମ କରିବା ସମ୍ଭବ ହୋଇନଥିଲା । ବହୁତ ଲମ୍ବାରେ ରାସ୍ତା ଉପରେ ଗାଡି ଲାଗି ରହିଥିବାରୁ ସେସବୁ ସ୍ଥାନ ଅତିକ୍ରମ କରିବା ସମ୍ଭବ ହୋଇନଥିଲା । ବହୁ କଷ୍ଟରେ କ୍ରେନ୍ ଘଟଣାସ୍ଥଳ ପର୍ଯ୍ୟନ୍ତ ଯାଇ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ହଟାଇବାର କିଛି ସମୟ ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଅଳଙ୍କାର ଦୋକାନରୁ ଚୋରି ମାମଲା: ଦୁଇ ଜଣଙ୍କୁ ଜେଲ , ଜୋରିମାନା

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଚିଲିକା ରୋଡ଼ ସ୍ଥିତ ଏକ ଅଳଙ୍କାର ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ ମାମଲାରେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ସମସ୍ତ ସାକ୍ଷୀ ପ୍ରମାଣ ଆଧାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଶନିବାର ଦୋଷୀ ସାବ୍ୟସ୍ତ କରିଛନ୍ତି । ଉଭୟଙ୍କୁ ୩ ମାସ ଜେଲ ଦଣ୍ଡାଦେଶ ସହ ୨୫୦ ଟଙ୍କା ଲେଖାଏଁ ଜୋରିମାନା ଶୁଣାଣୀ କରିଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୭ ଦିନ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ବାଲୁଗାଁ ଅଞ୍ଚଳର କାଳିଆ ଦାସ ଏବଂ ରାହୁଲ ବିଶ୍ୱାସ । ଗତ ଅକ୍ଟୋବର ୩୧ ତାରିଖ ବିଳମ୍ବିତରାତିରେ ବାଲୁଗାଁ ଚିଲିକା ରୋଡ଼ ସ୍ଥିତ ଶମ୍ଭୁ ଜୁଏଲରି ନାମକ ଏକ ସୁନା ଅଳଙ୍କାର ଦୋକାନ ସଟର ତାଲା ଭାଙ୍ଗି କାଳିଆ ଏବଂ ରାହୁଲ ଚୋରି ଉଦ୍ୟମ କରି ଗିରଫ କରିଥିଲା ।

## ଚିକିତ୍ସାଧୀନ ଅବସ୍ଥାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଜଟଣୀ, (ସବ୍ୟୁ): ରବିବାର ସମୟ ପ୍ରାୟ ୨ ଘଟିକା ସମୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ବ୍ୟକ୍ତି ଆସି ତାଙ୍କ ମୁଣ୍ଡ ଭୀଷଣ ଜୋରରେ ବିନ୍ଧୁଥିବା କହିଥିଲେ । ଡ୍ୟୁଟି ରେ ଥିବା ଡାକ୍ତର ତାଙ୍କୁ ଚିକିତ୍ସା କରୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ପୁଲିସ କୁ ଖବର ଦିଆଯିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଶବ ସଂରକ୍ଷଣ କେନ୍ଦ୍ରକୁ ପଠାଇଥିଲେ । ତେବେ ମୃତଙ୍କଙ୍କର କୌଣସି ପରିଚୟ ମିଳିପାରିନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## କୁମ୍ଭାରପଡ଼ା ଥାନା ଦ୍ୱାରା ୩୭୦ ବୋତଲ ଏସକଫ ସିରଫ ଜବତ, ୨ ଗିରଫ

ପୁରୀ, (ସବ୍ୟୁ) : ବେଆଇନ ନିଶା ଔଷଧ କାରବାର ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ଏକ ବଡ ସଫଳତା ମିଳିଛି। ଚକ୍ର ଅଭିଯାନରେ ପୋଲିସ ୩୭୦ ଟି ଏସକଫ ସିରଫ ବୋତଲ ଜବତ କରିଛି। ନିଶା କାରବାର ଅଭିଯୋଗରେ ପୁଲିସ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଗଜପତି ନଗରର ରାମ ଓରଫ ପ୍ରଭାତ ଜେନା (୩୪) ଓ ଅବକାଶ ଲେନର ପ୍ରତାପ କୁମାର ହାତି (୪୩) । ପୁଲିସ ଅଭିଯୁକ୍ତ ଠାରୁ ୩୭୦ ବୋତଲ ଏସକଫ ସିରଫ ସହ ୩ଟି ମୋବାଇଲ ଓ ଓଡି ୧୩ସି ୮୬୮୨ ନମ୍ବର ବିଶିଷ୍ଟ ସ୍କୁଟି ଜବତ କରିଛି । ବିଶେଷ ସୂତ୍ରରୁ ପୁଲିସ ଜାଣିବାକୁ ପାଇଥିଲା ଅବକାଶ ଲେନ ଠାରେ ଏକ ଘରେ ବେଆଇନ ଭାବେ ନିଶା ଔଷଧ କାରବାର ଚାଲିଛି । ଏହି ସୂଚନାକୁ ଆଧାର କରି ପୁଲିସ ଅବକାଶ ଲେନରେ ଏକ ଘର ଉପରେ ଚଢ଼ାଉ କରି ଏସକଫ ସିରଫ ଜବତ କରିଥିଲା ।

# ସଦର ଥାନା ପୋଲିସ ଦ୍ୱାରା ୧୬ ଜୁଆଡ଼ି ଗିରଫ

## ୨୩ ହଜାର ଟଙ୍କା, ୧୫ ମୋବାଇଲ, ୮ ବାଇକ୍ ଜବତ

ପୁରୀ, (ସବ୍ୟୁ): ରବିବାର ସନ୍ଧ୍ୟାରେ ସଦର ଥାନା ପୁଲିସ ସ୍ଥାନୀୟ ସମଙ୍ଗ ଜଳଭଣ୍ଡାର ନିକଟରେ ଥିବା ଏକ ନିକାଞ୍ଚନ ଜଙ୍ଗଲିଆ ସ୍ଥାନରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରି ବିପୁଳ ପରିମାଣର ଟଙ୍କା ଜବତ କରିବା ସହ ୧୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ସେମାନଙ୍କ ନିକଟରୁ ପୋଲିସ ୨ ପ୍ୟାକେଟ ପ୍ଲେଇଙ୍ଗ କାର୍ଡ, ୨୩ ହଜାର ୮୦୦ ଟଙ୍କା, ୧୫ ଟି ମୋବାଇଲ ଫୋନ, ୧ ଗୋଟି ଇ-ବାଇକ ସହ ମୋଟ ୮ ଟି ବାଇକ ଜବତ କରିଛି କ୍ଷ ଅଭିଯୁକ୍ତମାନଙ୍କ ପରିଚୟ ହେଲା ସଦର ଥାନା ଅନ୍ତର୍ଗତ କଡାଜିତର ଗ୍ରାମର ଯୁଧିଷ୍ଠିର ବାରିକ (୩୫), ଗଡ଼ିଶାଗୋଦାର ଗ୍ରାମର ନବଘନ ବେହେରା (୩୦), କୁମ୍ଭାରପଡା ମହାବୀର ଲେନର ଗଣେଶ ସାହାଣୀ (୩୮), ବାସେଳି ସାହି ଥାନା ଅଧୀନ ମଙ୍ଗଳାଘାଟ ବାଇପାସ୍ କୃଷକ ବଜାର ନିକଟରେ ରହୁଥିବା ଗାଣ୍ଡୁଆ ଚଉରା ଛକ ନିକଟର ଫିରୋଜ କୁମାର ଦାସ (୪୨), ବ୍ରହ୍ମଗିରି ଥାନା ହରଚଣ୍ଡୀ ସାହିର ରବୀନ୍ଦ୍ର ନାୟକ (୫୫), ରେବେଣା ନୂଆଗାଁର ଶେଷଦେବ ପାଢ଼ୀ (୪୦), ବଡ଼ ବନ୍ଧକେରାର ଆଲୋକ ପାଣି (୩୫), ବ୍ରହ୍ମଗିରି ଖଜୁରିଆର ସଞ୍ଜୟ ବେହେରା (୩୪), ସଦର କଣ୍ଟପୁରର ଛବି ପ୍ରଧାନ (୨୬), ଖଡ଼ିପଦାର ନିରଞ୍ଜନ ମହାପାତ୍ର (୩୫), ସୁଶାନ୍ତ ସାହୁ (୩୩), ଟାଉନ ଥାନା ଅନ୍ତର୍ଗତ ପୁରୀ ହରଚଣ୍ଡୀ ସାହିର ଭବାନୀ ଶଙ୍କର ମିଶ୍ର (୪୩), କୁଣ୍ଡାଇବେଣ୍ଟ ସାହିର ରଘୁନାଥ ରାୟ (୫୩), ଦୋଳମଣ୍ଡପସାହି ହାବେଳୀଗଳିର ସରୋଜ କୁମାର ମହାପାତ୍ର (୪୭), ଲୋକନାଥ ରୋଡର ସୁନୀଲ ନାୟକ (୨୬) ଓ ବ୍ରହ୍ମଗିରି ନହରପଦା ବଜାର ନିକଟ ସଞ୍ଜୟ କୁମାର ଦାସ (୪୩) । ଏନେଇ ସୋମବାର ମଧ୍ୟାହ୍ନରେ ପୋଲିସ ପକ୍ଷରୁ ସଦର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଥିଲା। ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡ଼ିପିଓ ରବିନାରାୟଣ ଭଞ୍ଜ ଓ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ ଏହି ସୂଚନା ଦେଇଛନ୍ତି । ପୋଲିସ ସୂଚନା ମୁତାବକ ଗତକାଲି ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଥିଲା ଜଳଭଣ୍ଡାର ନିକଟ ସମଙ୍ଗ ଜଙ୍ଗଲରେ ଜୁଆଆଡ୍ଡା ଚାଲିଛି କ୍ଷ ତଥ୍ୟକୁ ଆଧାର କରି ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣା ସ୍ଥଳରେ ଚଢ଼ାଉ କରି ଥିଲା। ପୋଲିସକୁ ଦେଖି ଜୁଆଡିମାନେ ଖସି ପଳାଇବାକୁ ଚେଷ୍ଟା କରି ଥିଲେ। ହେଲେ ବିଫଳ ହୋଇ ଥିଲେ। ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ଥିଲା କ୍ଷ ଏନେଇ ପୋଲିସ ପକ୍ଷରୁ ଥାନାରେ କେଶ ନମ୍ବର ୪୪/୨୦୨୬ କ୍ରମେ ବିଏନ ଏସ ଆକ୍ଟର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ।



## ବିପୁଳ କଫ ସିରପ ଜବତ ଅଭିଯୁକ୍ତ କୋର୍ଟ ଚାଲାଣ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ପକ୍ଷରୁ ଜାତୀୟ ରାଜପଥ ପେଟ୍ରୋଲିଂ ସମୟରେ ଉକ୍ତ ଥାନା ଅନ୍ତର୍ଗତ ପଟ୍ଟନାୟିକିଆ ଛକରେ ବିପୁଳ ପରିମାଣର କଫ ସିରପ ସହ ଦ୍ରୁତ ଗତିରେ ଆସୁଥିବା ଏକ ସନ୍ଦିଗ୍ଧ ଯୁବକକୁ ଧରିବାକୁ ପୋଲିସ ସକ୍ଷମ ହୋଇଛି । ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ୨୬/୨୬ ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଂଜନ ମହାଳିକ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ପୋଲିସ ପେଟ୍ରୋଲିଂ ସମୟରେ ଭୁବନେଶ୍ୱର ରୁ ପୁରୀ ଅଭିମୁଖେ ଏକ ଟିଭିଏସ ଅପାଚି ବାଇକି ନଂ-ଓଡି ୧୩ ସି ୩୫୭୭ ରେ ଜଣେ ଯୁବକ ଦ୍ରୁତ ଗତିରେ ଆସୁଥିଲା । ତେବେ ପୋଲିସର ଉକ୍ତ ବାଇକ ଆରୋହୀଙ୍କ ପ୍ରତି ସନ୍ଦେହ ହେବାରୁ ପେଟ୍ରୋଲିଂ ଗାଡି ଉକ୍ତ ବାଇକ ଆରୋହୀଙ୍କ ପିଛା କରିଥିଲା ।

DAV PUBLIC SCHOOLS, BHUBANESWAR
Managed by
DAV College Managing Committee, New Delhi.
Phone No- (0674)- 2391328, 2740651, 2352392, 2386185
ESTD. 1886
REGISTRATION FOR NURSERY & L.K.G. (2026-27)

Online registration of application for admission into Nursery & L.K.G. classes of DAV Public Schools of Bhubaneswar for the session **2026-27** shall be open from **20.02.2026 to 20.03.2026** on payment of **non-refundable registration fee of Rs.1000/-** (Rupees One Thousand only) through Debit Card/Net Banking. The candidate should be born between **01.04.2022 and 31.08.2023 (both days inclusive)** in the case of Nursery and from **01.04.2021 to 31.08.2022** (both days inclusive) in the case of LKG. 25% of the seats, as per RCFCE Act 2009, are reserved for the candidates belonging to the Weaker Sections and Disadvantaged Groups of the society in the neighbourhood (within 1 K.M. of the school) for admission into entry class i.e. Nursery.

**The last date for submission of Registration Form is 20.03.2026 till 6.00 P.M.**

**The Disadvantaged Group and Weaker Section candidates are required to register on the Govt. portal www.rteparadarshi.odisha.gov.in for admission into entry class (Nursery) under sec.12(1)(c) of the RCFCE Act, 2009 from 10.02.2026 to 10.03.2026 (1st round) and from 04.04.2026 to 24.04.2026 (2nd round) as per the notification by the Govt.**

N.B.
(1) Mere registration will not confer the right to admission.
(2) A help desk for online registration is available on the concerned school campus from 11.30 A.M. to 2.00 P.M. on all working days during the above period.
(3) Aadhaar No. is essential for admission.
(4) Before registration, detailed information regarding the parameters of Admission can be viewed on the respective school Notice Boards/ Websites:

Unit-VIII- www.davunit8.org
Chandrasekharpur - www.davcsp.org
Pokhariput - www.davpkt.org.in
Kalinga Nagar - www.davkng.org.in

Sd/- PRINCIPAL

### ଓୟୁଟିଆର ର ତୃତୀୟ ସମାବର୍ତ୍ତନ ଉତ୍ସବ

# ୧୧୪୪ ଛାତ୍ରଛାତ୍ରୀଙ୍କୁ ଦିଆଗଲା ଡିଗ୍ରୀ ସାର୍ଟିଫିକେଟ୍




ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ତୃତୀୟ ସମାବର୍ତ୍ତନ ଉତ୍ସବ ଭୁବନେଶ୍ୱରର ସ୍ଥିତ ରେଳ ଅଡିଟରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ସଭାପତିତ୍ୱ କରି ଡିଗ୍ରୀ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ ଆଜିର ଦିନ ତୁମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତୁମ ଜୀବନରେ ଆଜି ଠାରୁ ଏକ ନୂଆ ଯାତ୍ରା ଆରମ୍ଭ ହେବ। ଡିଗ୍ରୀ କେବଳ ହାତରେ ମିଳିଛି ତାହା ନୁହେଁ ବରଂ ନିଜର ଜ୍ଞାନକୁ ସମାଜର ବିକାଶ ସହ ବୃହତର ସ୍ୱାର୍ଥ ପାଇଁ କାମ କରିବା ଦରକାର। ଶିକ୍ଷା ତୁମର ଭବିଷ୍ୟତ ନୀତି ନିର୍ଦ୍ଧାରଣ କରିବ ଏବଂ ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ବଳିଷ୍ଠ ଯୋଗଦାନ କରିବ। ଏହି ଶିକ୍ଷାନୁଷ୍ଠାନ ପାଠ ପଢା ସହ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆମେ ଆଞ୍ଚଳିକ ଜାତୀୟ ଓ ବିଶ୍ୱସ୍ତରରେ ସମୟକ୍ରମେ ବହୁ ପରିବର୍ତ୍ତନ ହେଉଛି। ଏଆଇ, ଡାଟା ସାଇନ୍ସ ,ଅଟୋମେସନ ରିନୋବୁଲ ଏନର୍ଜି ଓ ସ୍ପେଶ ଟେକ୍ନୋଲୋଜି ଆଉ ସ୍ୱପ୍ନ ନାହିଁ। ଏହା ଏବେ ଦୈନନ୍ଦିନ ଜୀବନର ଆବଶ୍ୟକ ହୋଇଗଲାଣି। ଡିଗ୍ରୀ ପାଇଥିବା ଛାତ୍ରଛାତ୍ରୀମାନେ ବିକଶିତ ଓଡିଶା , ବିକଶିତ ଭାରତ ଗଠନ ଦିଗରେ ବଳିଷ୍ଠ ଯୋଗଦାନ ଦେବେକୁ ଆହ୍ୱାନ କରିଥିଲେ। ସାହସ ,ଆତ୍ମବିଶ୍ୱାସ ରଖି ଏହି ଦିଗରେ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥାନ କାନପୁର ର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ଓୟୁଟିଆର ସିଇଟି କଲେଜରୁ ନିଜର ଦୀର୍ଘ ଯାତ୍ରା ଆରମ୍ଭ କରି ଆଜି ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପ୍ରଶାସନର ପ୍ରଚେଷ୍ଟା ଯୋଗୁ ଏହା ବିଶ୍ୱବିଦ୍ୟାଳୟ ହୋଇପାରିଛି। ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବୀକରଣ ସମାଜର ଭବିଷ୍ୟତ ପାଇଁ ଦୁଇଟି ପିଲର ସଦୃଶ୍ୟ। ସମାଜର ସାମଗ୍ରିକ ବିକାଶ ପାଇଁ ଛାତ୍ରଛାତ୍ରୀ ପ୍ରଚେଷ୍ଟା କରିବା ସହ ବିଶ୍ୱର ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟର କୂଳପତି ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦନ କରି କହିଥିଲେ । ସମାବର୍ତ୍ତନ ଉତ୍ସବର ସ୍ୱତନ୍ତ୍ର ମଞ୍ଚରେ ୭୩୯ ଜଣଙ୍କୁ ସ୍ନାତକ,୩୩୭ ଜଣଙ୍କୁ ସ୍ନାତକୋତ୍ତର, ୪ଜଣଙ୍କୁ ପ୍ରଥମ ଥର ପାଇଁ ପିଏଚ୍ଡି,୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ,୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତ ନନ୍ଦ ଆଚାର୍ଯ୍ୟ,କନଭୋକେସନ ମୁଖ୍ୟ,ପ୍ରଫେସର ରଞ୍ଜନ କୁମାର ଜେନା,ଡିନ୍ ,ଏକାଡେମିକ୍ ଆଫାୟାର, ପ୍ରଫେସର ଅରୁଣା ତ୍ରିପାଠି , ସ୍ନାତକୋତ୍ତର ଅଧ୍ୟୟନ ଏବଂ ଗବେଷଣା ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀଙ୍କ ସହ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ।

### ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ ଫୋରମ୍ ଉଦ୍‌ଘାଟିତ

# ବିକଶିତ ଓଡ଼ିଶା ଗଠନରେ ଦକ୍ଷତା ବିକାଶ ନିର୍ଣ୍ଣାୟକ ଭୂମିକା ନେବ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ ଫୋରମ୍ ଭୁବନେଶ୍ୱରସ୍ଥିତ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଠାରେ ଉଦଘାଟିତ ହୋଇଛି । ଏହା ସରକାରୀ ନୀତି ଓ ଏହାର କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ସହାୟକ ହୋଇଛି । ସ୍ଥାନୀୟ ଆବଶ୍ୟକତା, ଶିଳ୍ପ କ୍ଷେତ୍ରର ଚାହିଦା ଅନୁଯାୟୀ ଜିଲ୍ଲାଭିତ୍ତିକ ଦକ୍ଷତା ସମାଧାନ ପାଇଁ ଫେଲୋମାନଙ୍କର ଅଭିନବ କ୍ଷେତ୍ରସ୍ତରୀୟ ପଦକ୍ଷେପ ଓ ଅବଦାନକୁ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦଘାଟନ କରି କହିଛନ୍ତି, ୨୦୩୬ରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ମୂଳତଃ ମାନବ ସମ୍ବଳ ବିକାଶ ଉପରେ ଆଧାରିତ । ଏହି ଯାତ୍ରାରେ ଦକ୍ଷତା ବିକାଶ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ।



ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ହେଲେ, ପ୍ରତ୍ୟେକ ଯୁବକଙ୍କ ପାଖରେ ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନିରନ୍ତର ଅଭିବୃଦ୍ଧିର ସୁଯୋଗ ରହିବା ଆବଶ୍ୟକ । କେବଳ ଯୋଜନା ଏବଂ ଭିତ୍ତିଭୂମି ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ନୁହେଁ, ବରଂ ଏଥିପାଇଁ ପ୍ରତିବଦ୍ଧ ପେଶାଦାରମାନଙ୍କ ଆବଶ୍ୟକତା ରହିଛ । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଟାଟା ଷ୍ଟ୍ରାଇଭର ସିଓଓ ଅମେୟ ବଞ୍ଜାରୀ ଏବଂ ଆଇଏସବି, ହାଇଦ୍ରାବାଦର ବରିଷ୍ଠ ନିର୍ଦ୍ଦେଶକ ଡିଏନଭି କୁମାର ଗୁରୁଙ୍କ ସମେତ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋମାନେ ଯୋଗ ଦେଇଥିଲେ ।

### କଣ୍ଟାବାଞ୍ଜି ନିର୍ବାଚନ ମାମଲା

# ଗୁରୁତ୍ୱପୂର୍ଣ୍ଣ ଦଲିଲକୁ ସିଲ କଭରରେ ରଖିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ) : କାଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଧାୟକ ଲକ୍ଷ୍ମଣ ବାଗଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ମାମଲାରେ ଆଜି ଗୁରୁତ୍ୱପୂର୍ଣ୍ଣ ଦଲିଲ ଦାଖଲ କରାଯାଇଛି। ଏହି ଦଲିଲକୁ କୋର୍ଟ ମାଷ୍ଟରଙ୍କ ତତ୍ତ୍ୱାବଧାନରେ ସିଲ କଭରରେ ରଖିବାକୁ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଗିରିରାଜ ସିଂ ମାଝୀଙ୍କ ପକ୍ଷରୁ ଅଦାଲତରେ କେତେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଦାଖଲ କରାଯାଇଥିଲା। ଏହାଛଡ଼ା ଆବେଦନକାରୀଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାଖଲ କରାଯାଇ ବଲାଙ୍ଗୀର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ହେପାଜତରେ ଥିବା କେତେକ ନିର୍ଦ୍ଦିଷ୍ଟ ଦଲିଲ ମଗାଇବାକୁ ପ୍ରାର୍ଥନା କରାଯାଇଛି। ଏହା ଉପରେ ଜବାବ ଦାଖଲ କରିବାକୁ ପ୍ରତିପକ୍ଷ ସମୟ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୮କୁ ଧାର୍ଯ୍ୟ କରାଯାଇଛି।

# ଭାରତୀୟ ସମ୍ବିଧାନ ଦୂରଦର୍ଶୀତା ଓ ଉପଲବ୍ଧିର କସରତ

ଭୁବନେଶ୍ୱର (ସବ୍ୟୁ): ସମ୍ବିଧାନ ପ୍ରସ୍ତୁତିରେ କଂଗ୍ରେସର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ବିଶେଷଭାବେ ଲୋକମାନଙ୍କ ପାଇଁ ଉପଯୋଗୀତା କରିବା ନିମନ୍ତେ ଯୋଗ୍ୟ ଲୋକ ମାନଙ୍କ ଆବଶ୍ୟକତା ଅଛି । ତାହେଲେ ସମ୍ବିଧାନ ର ଗୁରୁତ୍ୱ ମହତ୍ତ୍ୱ ରହିବ । ବିଧାନସଭାକୁ ଠିକଣା ପ୍ରତିନିଧି ଯିବା ଉଚିତ୍ । ଦାୟିତ୍ୱ ମତଦାତା ଓ ରାଜନୈତିକ ଦଳପତିମାନଙ୍କ ନିଷ୍ପତ୍ତି ବୋଲି ଥୀଙ୍କର୍ଷ କ୍ଲବର ୧୪୫ ତମ ଆଭାସି ଆଲୋଚନାରେ ବିଶିଷ୍ଟ ବ୍ୟକ୍ତି ମାନେ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କହିଲେ ସମ୍ବିଧାନ ଯେତିକି ପୁରୁଣା ହେଉଛି ସେତିକି ଜଟିଳ ହେଇଯାଉଚି । ଏଥିପାଇଁ ଆବଶ୍ୟକ ସଂଶୋଧନ କରାଯିବା ଉଚିତ୍ । ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ସମ୍ବିଧାନ ପ୍ରସ୍ତୁତି ରେ ଜାତୀୟ କଂଗ୍ରେସ ଗୁରୁପୂର୍ଣ୍ଣ ଭୂମିକା ଓ ସର୍ଦ୍ଦାର ପଟେଲ ଓ ମହତାବଙ୍କ ଅବଦାନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଥିଙ୍କର୍ସ କ୍ଲବ ସଭାପତି ଅଧିବକ୍ତା ବରଦା ଦାସ ସଂଯୋଜନା କରି ସାଧାରଣତନ୍ତ୍ର ଦିବସ ପର୍ଯ୍ୟନ୍ତ ଏ ସମ୍ବିଧାନ ଜନ ସଚେତନତା ଆଭାସି ଆଲୋଚନା ଆୟୋଜିତ ହେବ । ଆସନ୍ତା ରବିବାର ସମ୍ବିଧାନରେ ସଂରକ୍ଷଣ, ସମାଜବାଦ ଓ ଧର୍ମ ନିରପେକ୍ଷତା ବିଷୟରେ ଆଲୋଚନା ହେବ ବୋଲି କହିଥିଲେ । ନୟାଗଡ଼ରୁ ଲକ୍ଷ୍ମୀଧର ତ୍ରିପାଠୀ, ଉମାଶଙ୍କର ମିଶ୍ର,ବସନ୍ତ ସାହୁ,ପୁଷ୍ପାଞ୍ଜଳି ପରିଡ଼ା, ସୁବାସ ସାହୁ, ଜ୍ୟୋତି ମଲ୍ଲ ଆଦି ଏବଂ ୟୁ ଟ୍ୟୁବ୍ ରେ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

# ଅନ୍ତର୍ଜାତୀୟ ସମ୍ମିଳନୀ 'ଆଇସିଏଆଇବିଏମ-୨୦୨୬'

ଭୁବନେଶ୍ୱର, (ସବ୍ୟୁ): ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ବ୍ୟବସାୟ ପରିଚାଳନା ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ (ଆଇସିଏଆଇବିଏମ-୨୦୨୬)



ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ଆଇଆରଏଜେ ଇଣ୍ଟରନ୍ୟାସନାଲ ଦ୍ୱାରା ଆୟୋଜିତ ହୋଇଥିଲା, ଯାହା ପ୍ରେସିଡେନ୍ସି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟସନ୍, ବ୍ରହ୍ମପୁର ଏବଂ ମାଲେସିଆର ଗ୍ଲୋବାଲ୍ ନେକ୍ସଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆଇସିଏଆଇବିଏମ-୨୦୨୬ରେ ବିଶ୍ୱସ୍ତରୀୟ ଏକାଡେମିକ୍ ଏବଂ ପେସାଦାର ସମ୍ପ୍ରଦାୟର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୫୦ ରୁ ଅଧିକ ଅଂଶଗ୍ରହଣକାରୀ ଏହି ସମ୍ମିଳନୀରେ ଯୋଗ ଦେଇଥିବାବେଳେ ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଗ୍ରୀସ୍ ଏବଂ ୟୁଏଇ ସମେତ ୧୫ ରୁ ଅଧିକ ଦେଶରୁ ୧୪୦ ରୁ ଅଧିକ ଛାତ୍ର, ଗବେଷକ ଏବଂ ଶିଳ୍ପ ବିଶେଷଜ୍ଞ ଭର୍ଚୁଆଲରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ପ୍ରଫେସର (ଡ.) ତ୍ରିଲୋଚନ ନାୟକ, ନିର୍ଦ୍ଦେଶକ, ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଭୁବନେଶ୍ୱର, ଷ୍ଟ୍ରାଟେଜି କନସଲଟାଣ୍ଟ ଆଣ୍ଡ ଏଜୁକେଟର୍, ସାର୍ଟିଫାଏଡ୍ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଟ୍ରାନ୍ସଫର୍ମେସନ୍ କୋଚ୍ ଏବଂ ବ୍ୟକ୍ତିଗତ ବ୍ରାଣ୍ଡିଂ ବିଶେଷଜ୍ଞ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି, ପ୍ରଫେସର ଡ. ଶ୍ରୀନିବାସ ମହାପାତ୍ର, ଅଧ୍ୟକ୍ଷ, ପ୍ରେସିଡେନ୍ସି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍, ବ୍ରହ୍ମପୁର, ଓଡ଼ିଶା ଉପସ୍ଥାପନା ଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଭାରତ ଏବଂ ବିଦେଶର ବିଶେଷଜ୍ଞ ବକ୍ତାମାନଙ୍କ ଏକ ବିଶିଷ୍ଟ ପାନେଲ୍ ଏବଂ ମୁଖ୍ୟ ଉପସ୍ଥାପକମାନେ ଅଂଶଗ୍ରହଣ କରିଥିଲେ।

### ପ୍ରିୟବ୍ରତ ଦାସ ଥିଲେ "ବେଦ ପୁରୁଷ'

# ଶାନ୍ତି ଯଜ୍ଞ ଓ ସ୍ମୃତିସଭାରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ବୈଦିକବିଦ୍ୱାନ, ବେଦ ଗବେଷକ ତଥା ଆର୍ଯ୍ୟସମାଜ, ଭୁବନେଶ୍ୱରର ପ୍ରତିଷ୍ଠାତା ପ୍ରିୟବ୍ରତ ଦାସ ଥିଲେ ବାସ୍ତବରେ ଜଣେ "ବେଦ ପୁରୁଷ'



ବେଦ ଓ ବୈଦିକ ସାହିତ୍ୟ ହିଁ ଥିଲା ତାଙ୍କ ଜୀବନର ବ୍ରତ। ୧୯୭୬ ମସିହାରେ ପ୍ରତିଷ୍ଠା ହୋଇଥିବା ଭୁବନେଶ୍ୱର ଆର୍ଯ୍ୟ ସମାଜ ହେଉଛି ତାଙ୍କର ସର୍ବଶ୍ରେଷ୍ଠ ଦାନ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପ୍ରିୟବ୍ରତ ଦାସଙ୍କ ବିୟୋଗରେ ଆର୍ଯ୍ୟ ସମାଜରେ ଆୟୋଜିତ ଶାନ୍ତିଯଜ୍ଞ ଓ ସ୍ମୃତି ସଭାରେ ଯୋଗଦେଇ ବକ୍ତାମାନେ ଏହା ପ୍ରକାଶ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ମୃତି ସଭାରେ ଯୋଗଦେଇ ବିଶିଷ୍ଟ ସାହିତ୍ୟି କଶାନ୍ତନୁ କୁମାର ଆଚାର୍ଯ୍ୟ କହିଥିଲେ ଯେ, ବୈଦିକ ସାହିତ୍ୟକୁ ପ୍ରିୟବ୍ରତ ଦାସ ଯେଉଁ ଅମୂଲ୍ୟ ଦାନ ଦେଇଯାଇଛନ୍ତି ତାହା ଯୁଗଯୁଗ ଧରି ଅମ୍ଳାନ ହୋଇରହିବ। ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ କହିଥିଲେ ଯେ ପ୍ରିୟବ୍ରତ ଦାସ ଯଦି କେବଳ ଇଞ୍ଜିନିୟରିଂ ବୃତ୍ତିଭିତରେ ରହିଯାଇଥାନ୍ତେ ତେବେବେଦ ଓ ଆର୍ଯ୍ୟସମାଜସମ୍ପର୍କରେଓଡ଼ିଶାବାସୀ ବିଶେଷ କିଛି ଜାଣିବାର ଅବକାଶ ପାଇନଥାନ୍ତେ। ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା କହିଥିଲେ ଯେ, ଓଡ଼ିଶାରେ ବେଦ ଓ ଆର୍ଯ୍ୟସମାଜ କ'ଣ ତାହାଶ୍ରୀବସ୍ତ ପଣ୍ଡାଙ୍କ ପରେସମସ୍ତଶ୍ରେୟ ପ୍ରିୟବ୍ରତ ଦାସଙ୍କୁ ଯିବ ।ବୈଦିକସାହିତ୍ୟରସେ ଥିଲେ ଅଗ୍ରଗଣ୍ୟସାଧକ। ଅନ୍ୟମାନଙ୍କମଧ୍ୟରେ ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ତଥା ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାରସଭାପତିସ୍ୱାମୀବ୍ରତାନନ୍ଦ ସରସ୍ୱତୀ, କୋଲକତାର ବ୍ରହ୍ମଦତ୍ତ ଜୀ, ବେଦଧାମର ମୁଖ୍ୟସ୍ୱାମୀସୁଧାନନ୍ଦ ସରସ୍ୱତୀ, ଦୟାନନ୍ଦ ସର୍ଭିସ୍‌ମିଶନର ଅଧ୍ୟକ୍ଷ ତଥା କଂଗ୍ରେସ ମୁଖପାତ୍ର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସ୍ମୃତିଚାରଣ ପୂର୍ବକଶ୍ରଦ୍ଧାସୁମନ ଅର୍ପଣକରି ପ୍ରିୟବ୍ରତ ଦାସବେଦାୟନର ପଥିକବେଦ ପୁରୁଷ ବୋଲି କହିଥିଲେ। ପ୍ରିୟବ୍ରତ ଦାସଙ୍କର ଚିତ ଭଜନ ପରିବେଷଣ କରିଥିଲେ ଜଗନ୍ନାଥ ପାଣିଗ୍ରାହୀ। ଏହି ଅବସରରେ ପ୍ରିୟବ୍ରତ ଦାସଙ୍କସ୍ମୃତିରେ ପ୍ରକାଶିତ "ବେଦ ପୁରୁଷ' ସ୍ମରଣିକାକୁ ଶନ୍ନୋଦେବୀ, ଆର୍ଯ୍ୟ ସମାଜର ଉପସଭାପତିବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କରଙ୍କ ସମେତଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ।

# ମଦ ଜବତ : ମହିଳା ସମେତ ୩ ଗିରଫ

ବାଲୁଗାଁ , (ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ସୋମବାର ପୃଥକ ଭାବେ ଦୁଇଟି ସ୍ଥାନରୁ ଦେଶୀ ଓ ମହୁଲି ମଦ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ବାଣପୁର ରୋଡ଼ ଆନ୍ତରକିଆରୀ ଗ୍ରାମର ମହିଳା ଶୈଳବାଳା ମହାରଣା ଏବଂ ବଡକୁଳ ଗ୍ରାମର ରାମଚନ୍ଦ୍ର ସାହୁ ଓ ରଘୁ ବେହେରା । ସୁବୁଦ୍ଧିପାଟଣା ଛକ, ବଡକୁଳ ବଜାର ଏବଂ ଗୋପୀନାଥ ପୁର ଛକ ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା । ସେମାନଙ୍କ ଠାରୁ ମୋଟ ୩୪ ଲିଟର ମଦ ଜବତ ହୋଇଛି । ବିଭାଗୀୟ ପକ୍ଷରୁ ୨୬୩,୨୬୪,୨୬୫/ ୨୫-୨୬ ରେ ତିନୋଟି ମାମଲା ରୁଜୁ ହୋଇଛି ।

### ରାଇରଙ୍ଗପୁରସ୍ଥିତ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର

# ପରିଦର୍ଶନ କଲେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ

ଭୁବନେଶ୍ୱର, (ସବ୍ୟୁ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ସୋମବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥିତ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର ପରିଦର୍ଶନ କରିଛନ୍ତି । କୁଳପତିଙ୍କ ଗସ୍ତ ସ୍ଥାନୀୟ ଅଞ୍ଚଳରେ ମୁକ୍ତ ଏବଂ ଦୂରଶିକ୍ଷା ସହିତ କୌଶଳ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କୁଳପତିଙ୍କ ସହ ଇଗ୍ନୋର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ନୟନତାରା ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଶିକ୍ଷାଗତ, ପ୍ରଶାସନିକ ଏବଂ ଢାଞ୍ଚାଗତ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ। ସେ ଆଞ୍ଚଳିକ ନିର୍ଦ୍ଦେଶକ, ଶିକ୍ଷକ-ଶିକ୍ଷୟିତ୍ରୀ, ପରାମର୍ଶଦାତା ଏବଂ ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରି କରିଥିଲେ । ଗ୍ରାମୀଣ, ଜନଜାତି ଓ ଦୁର୍ଗମ ଅଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷାର ସୁଯୋଗ ଯୋଗାଇ ଦେବାରେ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ସେ ମତ ପ୍ରକାଶ କରିଥିଲେ।




କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଜାତୀୟ ଶିକ୍ଷା ନୀତି–୨୦୨୦ ଅନୁସାରେ କୌଶଳ ବିକାଶ ଆଧାରିତ ଏବଂ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରସାରରେ କୌଶଳ କେନ୍ଦ୍ରର ଭୂମିକା ଉପରେ ଜୋର ଦେଇଥିଲେ। ସେ ଅଧିକ ଶିଳ୍ପ-ସମ୍ପର୍କିତ ସାର୍ଟିଫିକେଟ୍ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିବା ସହ ସ୍ଥାନୀୟ ପ୍ରତିଷ୍ଠାନ, ଶିଳ୍ପ ଏବଂ ସରକାରୀ ବିଭାଗ ସହ ସହଯୋଗ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। କୁଳପତି ଏହି ଅବସରରେ ରାଇରାଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଏକ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ଏଥିରେ ଶିକ୍ଷା, କୌଶଳ ବିକାଶ, ଯୁବ ଓ ମହିଳା ସଶକ୍ତିକରଣ ଏବଂ ସରକାରୀ କର୍ମଚାରୀଙ୍କ କ୍ଷମତା ବୃଦ୍ଧି କ୍ଷେତ୍ରରେ ଇଗ୍ନୋ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସହଯୋଗ ନେଇ ଆଲୋଚନା ହୋଇଥିଲା । ଉପଜିଲ୍ଲାପାଳ ଇଗ୍ନୋ କାର୍ଯ୍ୟକଳାପ ପାଇଁ ସମ୍ପୂର୍ଣ୍ଣ ପ୍ରଶାସନିକ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ଆସନ୍ତାକାଲି କୁଳପତି ବାରିପଦା ଠାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି । ସେ ଜିଲ୍ଲା ସ୍ତରରେ ଶିକ୍ଷା, ଡିଜିଟାଲ ସାକ୍ଷରତା, ଉଦ୍ୟମିତା ବିକାଶ ଏବଂ ସମସ୍ତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିବେ ।

### ସଡ଼କ-ସୁରକ୍ଷା ଜୀବନ ରକ୍ଷା

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ସଡ଼କ ସୁରକ୍ଷା ଜୀବନ ରକ୍ଷା, ଦ୍ରୁତଗତି ମହାବିପତି, ରକ୍ତ ବୋହି ନ ଯାଉ ରାସ୍ତା ଉପରେ।




ଦୁର୍ଘଟଣାରେ ହାନି ନ ହେଉ ଧନ ଜୀବନ ମାନିବା ସଭିଁଏ ଟ୍ରାଫିକ୍ ନିୟମ। ଏହି ଭଳି ସ୍ଲୋଗାନ ଦେଇ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର୍ସ-ରେଞ୍ଜର୍ସ ୟୁନିଟ୍ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଡ଼କ-ସୁରକ୍ଷା ସପ୍ତାହ ପାଳନ କରାଯାଇଥିଲା। ଏହି ଅବସରରେ ରୋଭର୍ସ-ରେଞ୍ଜର୍ସ ୟୁନିଟ୍‌ର ଛାତ୍ର ଛାତ୍ରୀମାନେ କଲେଜ ପରିସରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଖୋର୍ଦ୍ଧା ୧୬ ନମ୍ବର ଜାତୀୟ ରାଜପଥ ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାରେ ଯାଉଥିବା ପଥଚାରି ଏବଂ ଗାଡ଼ି ଚାଳକ ମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ବିଷୟରେ ସଚେତନ କରାଇବା ସହ ସତର୍କତାର ବାର୍ତ୍ତା ବାଂଟି ଥିଲେ। ରୋଶନ୍ ପରୱିନ୍, ସୋମେଶ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସାହୁ, ସାଗରିକା ହାତି, ସୋ÷ରଭ ପୃଷ୍ଟି ଓ ରାଜେଶ ବାହାଦୁର ଆଦି ୟୁନିଟ୍‌ର ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ବିନ୍ଦୁଶ୍ରୀ ମିଶ୍ର, ଉପାଧ୍ୟକ୍ଷ ଡ଼ଃ. ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଆଡ଼ମିନ୍‌ଷ୍ଟ୍ରେଟର ପ୍ରମୋଦ କୁମାର ସାହୁ, ଡ଼.ପ୍ରଦିପ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରେଞ୍ଜର୍ସ ଲିଡ଼ରସ ଅଧାପିକା ତରୁଲତା ମଲ୍ଲିକ୍ , ରୋଭର୍ସ ଲିଡ଼ର ଅଧାପକ ଲିଙ୍ଗରାଜ ପରିଡ଼ା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।

# ଗୁଳିମାଡ ରେ ଜଣେ ମୃତ; କାରଣ ଅସ୍ପଷ୍ଟ

ଖୋର୍ଦ୍ଧା, (ସବ୍ୟୁ): ସୋମବାର ସନ୍ଧ୍ୟାରେ ବେଗୁନିଆ ଥାନା ଅନ୍ତର୍ଗତ ଦଲକ ଜାମୁସାହି ଅଂଚଳରେ ଗର୍ଜିଛି ବନ୍ଧୁକ। ଗୁଳିମାଡରେ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ଜାମୁସାହି ଅଂଚଳର ବାସୁଦେବ ପରିଡା (୪୨)। ତେବେ ଗୁଳିମାଡ ର କାରଣ ସ୍ପଷ୍ଟ ହୋଇନଥିବାବେଳେ ଘଟଣାସ୍ଥଳରେ ପୁଲିସ ପହଁଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲ କୁ ପଠାଇଥିବାବେଳେ ନିଜଆଡୁ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏକ ବୁଲେଟ ଗାଡି ଏବଂ ରକ୍ତଛିଟା ଦାଗ ରହିଥିବାବେଳେ ପଡିଥିବା ଖୋକା କୁ ପୁଲିସ ଜବତ କରି ଦେଖିବାକୁ ମିଳିଛି। ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ତିନି ରାଉଣ୍ଡ ଗୁଳିମାଡ ହୋଇଛି। ଦୁଇଟି ଗୁଳି ରୁ ଗୋଟିଏ ମୁଣ୍ଡରେ ଏବଂ ଅନ୍ୟଟି ଛାତିରେ ମାଡ ହୋଇଛି। ଘଟଣାସ୍ଥଳରେ ବାସୁଦେବ ଟଳି ପଡିଥିଲେ। ଏନେଇ ଉକ୍ତ ଗାଁରେ ଓ ମେଡିକାଲରେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ଗିରଫ ଦାବିରେ ହୋ ହାଲା କରୁଥିବା ଦେଖାଯାଇଛି। ଘଟଣାର ତଦନ୍ତ ଚାଲିଥିବାରୁ ଏଥିରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ତଥ୍ୟ ଦେବାକୁ ଶଙ୍କୋଚ କରିଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ୮୦ ରୁ ୨ଟିର ତତ୍କାଳ ସମାଧାନ

କଟକ, (ସବ୍ୟୁ):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣି ରେ ସମୁଦାୟ ୮୦ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୭୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୁହିକ ଅଭିଯୋଗ ରହିଥିଲା ।ଅଭିଯୋଗ ଶୁଣାଣି ଶିବିରରେ




୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଅତିରକ୍ତ ଜିଲ୍ଲାପାଳ କମଲଜିତ୍ ଦାସ, ଉପ ଆୟୁକ୍ତ କମିଶନରେଟ୍ ପୁଲିସ, ଋଷିକେଶ ଖିଲାରୀ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ,ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା , ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ,ଶିକ୍ଷା,କୃଷି,ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# କମିଟ୍ମେଣ୍ଟ ପରେ ଜିଲ୍ଲା କୋର୍ଟକୁ ଗଲା ମାମଲା

ବ୍ରହ୍ମପୁର, (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ବ୍ରହ୍ମପୁର ଏସଡିଜେଏମ କୋର୍ଟରେ କମିଟମେଣ୍ଟ ହୋଇ ସୋମବାର ଜିଲ୍ଲା କୋର୍ଟକୁ ସ୍ଥାନାନ୍ତର କରାଯାଇଛି । କମିଟମେଣ୍ଟ ବେଳେ ଏହି ମାମଲାର ସମସ୍ତ ୧୬ ଅଭିଯୁକ୍ତ ଭିସିରେ ହାଜର କରାଯାଇଥିଲା । ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାରେ ଚାର୍ଜଫ୍ରେମ ହୋଇ ଖୁବଶୀଘ୍ର ବିଚାରଣ ଆରମ୍ଭ ହେବ ବୋଲି କୁହାଯାଉଛି । ପୀତବାସ ହତ୍ୟା ମାମଲାରେ ଗିରଫ ହୋଇ ଆଜକୁ ୩ ମାସ ହେଲା ବ୍ରହ୍ମପୁରରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ସମେତ ପୂର୍ବତନ ମେୟର ପିଣ୍ଟୁ ଦାଶ, ବିଜେଡି କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇଙ୍କୁ ମିଶାଇ ମୋଟ ୧୬ ଜଣ ବିଭିନ୍ନ ଜେଲରେ ରହିଛନ୍ତି । ପିଣ୍ଟୁ ଦାଶ ଫୁଲବାଣୀ ମଣ୍ଡଳ କାରାଗାରରେ ଥିବା ବେଳେ ଅନ୍ୟ ୧୫ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଛନ୍ତି । ଏହି ମାମଲାର ବିଚାରଣ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ଚାଲୁଥିଲା । ଆଜି ଏହି ମାମଲାର କମିଟମେଣ୍ଟ ହୋଇ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ଯାଇଛି । ଏହି ସମୟରେ ବ୍ରହ୍ମପୁର ଓ ଫୁଲବାଣୀରେ ଥିବା ସମସ୍ତ ୧୬ ଅଭିଯୁକ୍ତଙ୍କ ଆଭାସୀରେ ଉପସ୍ଥିତ ଥିଲେ । ଜିଲ୍ଲା ଜଜ ଏହି ମାମଲାର ବିଚାରଣ ଏଡିଜେ-୩ୟଙ୍କ କୋର୍ଟକୁ ପଠାଇ ପାରନ୍ତି ବୋଲି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି । ସାଂସଦ ଓ ବିଧାୟକଙ୍କ ମାମଲାର ବିଚାରଣ ପାଇଁ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲା ଏଡିଜେ-୩ କୋର୍ଟ ଉର୍ଦ୍ଦିଷ୍ଟ ରହିଥିବାରୁ ପୀତବାସ ହତ୍ୟା ମାମଲା ସେହି କୋର୍ଟକୁ ଯାଇପାରେ ବୋଲି ପଟ୍ଟନାୟକ କହିଛନ୍ତି । ପ୍ରକାଶଥାଉକି, ଗତ ଅକ୍ଟୋବର ୬ତାରିଖରେ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁ=ନଗର ବାସଭବନ ନିକଟରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ । ଅଭିଯୋଗ ପରେ ବୈଦ୍ୟନାଥପୁର ପୋଲିସ ଏ ସଂକ୍ରାନ୍ତରେ ଏକ ମମାଲ ରୁଜୁ କରି ପର୍ଯ୍ୟାୟକ୍ରମେ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଭିବିଜି-ରାମ୍-ଜି ଉପରେ ବିଜେପି ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମଶାଳା




ବାରିପଦା, (ସବ୍ୟୁ) : ବିଜେପି ନେତୃତ୍ୱାଧିନ କେନ୍ଦ୍ର ଏନ୍‌ଡିଏ ସରକାର ପ୍ରଣୟନ କରିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ଆଇନ୍‌ର ଆବଶ୍ୟକତା ଓ ପ୍ରାସଙ୍ଗିକତା ଉପରେ ପୂର୍ବ ମୟୂରଭଞ୍ଜ ବିଜେପି ଜିଲ୍ଲା ଶାଖା ପକ୍ଷରୁ ବାରିପଦା ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ପରିବର୍ତ୍ତେ ନୂତନ ଭେବ ପ୍ରଣୟନ ହୋଇଥିବା ବିଶ୍ୱର ଏହି ସର୍ବବୃହତ ସାମାଜିକ ସୁରକ୍ଷା ଆଇନ୍ ଭି.ବି.ଜି-ରାମ-ଜି କୁ କେନ୍ଦ୍ର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତବର୍ଷ ବନିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସାଂସଦ ନବଚରଣ ମାଝୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ପ୍ରଭାରୀ ସିପ୍ରା ବାଜପେୟୀ, ବିଧାୟକ ଭାସ୍କର ମଢେଇ, ବିଧାୟକ ସନାତନ ବିଜୁଳୀ, ବିଧାୟିକା ସଞ୍ଜଳୀ ମୁର୍ମୁ, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାହ୍ନୁ ସୋରେନ୍, ରାଜ୍ୟପ୍ରବକ୍ତା କବିବିଷ୍ଣୁ ଶତପଥି, ଉଦଳା ମ୍ୟୁନିସିପାଲଟିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ୨୦୦୫-୨୦୦୬ ମସିହା ଠାରୁ କାର୍ଯ୍ୟକାରୀ କରିଥିବା ତତ୍‌କାଳୀନ କଂଗ୍ରେସ ସରକାର ମହାତ୍ମାଗାନ୍ଧୀଙ୍କ ନାଁରେ ଅନ୍ୟ ଯୋଜନାକୁ ନାମକରଣ ନକରି ପ୍ରଣୟନ କରିଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ନାଁରେ ହେଉଥିବା ବ୍ୟାପକ ଦୁର୍ନୀତିର ସୁଧାର ଆଣିବା ଓ ରୋକିବା ପାଇଁ ନୂତନ ଭାବେ ପାରିତ ହୋଇଥିବା ଏହି ଭି.ବି.ଜି-ରାମ-ଜି ଆଇନ୍‌ରେ ୧୨୫ଦିନର ନିଯୁକ୍ତି, ବେରୋଜଗାରୀଙ୍କୁ ଭତ୍ତା ପାଇଁ ବ୍ୟବସ୍ଥା, ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ ବ୍ୟବସ୍ଥା, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନ, ବିଜେପିରେ ସମସ୍ତ ଯୋଜନାରେ ସମନ୍ୱୟ, ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସଶକ୍ତି କରଣ କରାଯିବା ସହିତ ଭି.ବି.ଜି.-ରାମ୍-ଜି ର ବିଶେଷତା ମୁଖ୍ୟତଃ ଉନ୍ନୟ ନିଯୁକ୍ତିର ଆଇନ୍‌ଗତ ଗ୍ୟାରେଣ୍ଟି, ଏକ ନୂତନ ଗ୍ରାମୀନ ବିକାଶ ଢାଞ୍ଚା, ମୁଖ୍ୟ କୃଷି ଋତୁରେ କୃଷି ଶ୍ରମିକଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା, ସଶକ୍ତ ଯୋଜନା ସମାଗମ ଏବଂ ସମଗ୍ର-ସରକାରୀ ଢାଞ୍ଚା, ସାର୍ବଜନୀତ କାର୍ଯ୍ୟର ବିଷୟ ଗତ ପ୍ରାଥମିକତା ନିର୍ଦ୍ଧାରଣ, ଭି.ବି. ଜି.-ରାମ୍-ଜିର ଚାରୋଟି ପ୍ରାଥମିକତା, ନିରପେକ୍ଷ ଏବଂ ଉଦ୍ଦେଶ୍ୟ ମୂଳକ ସମ୍ବଳ ଆବଣ୍ଟନ ଓ ଆଧୁନିକ, ପ୍ରଯୁକ୍ତି ବିଦ୍ୟା ବାବଦରେ ସକ୍ଷମ ସଂରଚନା ଆଦି ସମ୍ପର୍କରେ ଅତିଥି ମାନେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବାବେଳେ, ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କେନାଲରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମ ନିକଟସ୍ଥ ଜାମୁ ଗଳେଇ କେନାଲରୁ ଜନୈକ ଯୁବକଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମର ଅରୁଣ ସାହୁ (୪୩) । ଏନେଇ କେସ୍ ନଂ ୫/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତକାଲି ସନ୍ଧ୍ୟା ସାତଟାରେ ଅରୁଣ ଘରୁ ବାହାରି ଆଉ ଫେରି ନଥିଲେ । ତେବେ ଖୋଜାଖୋଜି କରିବା ବେଳେ ଆଜି ଅପରାହ୍ନରେ କେନାଲ ପାଣିରେ ଅରୁଣଙ୍କ ଭାସମାନ ଶବ ଦେଖିବାକୁ ମିଳିଥିଲା । ଏନେଇ ଖବର ପାଇବା ପରେ ସେଠାରେ ପୋଲିସ ପହଞ୍ଚି ଦମକଳବାହିନୀ ସହାୟତାରେ ଶବକୁ ଉଦ୍ଧାର କରାଯାଇଥିଲା । ପୋଲିସ ଶବକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଯୁବକଙ୍କୁ ଆକ୍ରମଣରେ ଘଟଣାରେ ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା । ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟ ପଲିଗୁମୁଳାର ସାଇ ପ୍ରସାଦ ସମାନ୍ତରା((୨୫) ଓ ପାଟପୁର ଥାନା ଢେଙ୍ଗାଡିର ସୀମାଞ୍ଚଳ ପାତ୍ର(୧୯) । ପୋଲିସ ଏକ ବାଇକ ଜବତ କରିଛି । ପୂର୍ବଶତ୍ରୁତାରୁ ଅଭିଯୁକ୍ତ ମାନେ



ସୁଶାନ୍ତ ବେହେରା ନାମକ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି । ମାମଲା ନଂ୨୬/୨୬ ରେ ଉକ୍ତ ଅଭିଯୁକ୍ତ ମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ସୁଶାନ୍ତ ଗତ ୭ ତାରିଖ ଅପରାହ୍ନରେ ଶିଳ୍ପାଞ୍ଚଳ ଛକ ଦେଇ ଫେରୁଥିବା ବେଳେ କିଛି ଯୁବକ ତାଙ୍କୁ ଅତର୍କିତ ଆକ୍ରମଣ କରି ଚମ୍ପଟ ମାରିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ପରେ ଏନେଇ ଆହତ ବଡ ଭାଇ ପ୍ରଦୀପ ବେହେରା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ବେଳେ ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କୁ କାବୁ କରିଥିଲା ।

## ନବମ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରି ଲହୁ ଲୁହାଣ କଲେ ପ୍ରଧାନ ଶିକ୍ଷକ

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଫେରାଦ ହେଲା ପରିବାର

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ହୁମ୍ମା ସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସରକାରି ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଡ ମାରି ଲହୁ ଲୁହାଣ କରିଦେଇଥିବା ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ମାଡ ଖାଇଥିବା ଛାତ୍ର ଜଣକ ବାଲୁଗାଁ ସାମନ୍ତରାପୁର ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା । ସୂଚନା ପ୍ରକାରେ ଅନ୍ତର୍ଯ୍ୟାମୀ ବିଦ୍ୟାଳୟରେ ହେବାକୁ ଥିବା ଡ୍ୟାନ୍ସ ପ୍ରୋଗ୍ରାମ ପାଇଁ ଗତ ୧୦ ତାରିଖରେ ନିଜ ସାଙ୍ଗ ମାନଙ୍କ ସହ ମୋବାଇଲରେ ଡ୍ୟାନ୍ସ ଭିଡିଓ ଦେଖୁଥିଲେ । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ ଏବଂ କିଛି ଶିକ୍ଷକ ତାଙ୍କୁ ଏକ ବଡ଼ ବାଉଁଶରେ ମାଡ ମାରି ଲହୁଲୁହାଣ କରିଥିଲେ । ପରେ ଛାତ୍ର ଅନ୍ତର୍ଯ୍ୟାମୀଙ୍କୁ ବିଦ୍ୟାଳୟ ପରିସରରେ ଥିବା ଅନ୍ୟ ଏକ ପ୍ରକୋଷ୍ଠରେ ରଖି ଦେଇଥିଲେ । ଖବର ପାଇ ୧୬ ତାରିଖ ଦିନ ଅନ୍ତର୍ଯ୍ୟାମୀଙ୍କ ମାଉସୀ ରଜନି ବେହେରା ବିଦ୍ୟାଳୟରେ ପହଂଚି ତାଙ୍କୁ ପ୍ରଥମେ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ । ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟାଙ୍କୁ ଭେଟି ଏକ ଅଭିଯୋଗ କରିଥିଲେ । ଅନ୍ତର୍ଯ୍ୟାମୀ ଙ୍କ ବାପା ମାଆ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ରଜନୀ ତାଙ୍କ ପୁତୁରାଙ୍କୁ ଗତ ଚାରିବର୍ଷ ହେଲା ଏହି ବିଦ୍ୟାଳୟରେ ପାଠ ପଢାଇବା ନିମନ୍ତେ ଜଏନ କରିଥିଲେ । ତେବେ ପ୍ରଧାନ ଶିକ୍ଷକ ତାଙ୍କ ପୁତୁରାଙ୍କୁ ଶାରୀରିକ ମାନସିକ ଯନ୍ତ୍ରଣା ଦେଇଛନ୍ତି । ଫଳରେ ତାଙ୍କ ପୁତୁରା ଆହାତ ହେବା ସହିତ ଭୟଭୀତ ଅବସ୍ଥାରେ ରହିଛନ୍ତି । ପୂର୍ବରୁ ମଧ୍ୟ ବିଦ୍ୟାଳୟରେ କାର ଧୋଇବା, କ୍ଲାସରୁମ ଝାଡୁ କରିବା ଭଳି ବିଭିନ୍ନ କାର୍ଯ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷକ ମାନେ ବାଧ କରୁଥିବା ଛାତ୍ର ଅନ୍ତର୍ଯ୍ୟାମୀ ଅଭିଯୋଗ କରିଛନ୍ତି । ଏହା ସହିତ ତାଙ୍କ ଅନ୍ୟ ତିନିଜଣ ଛାତ୍ରଙ୍କୁ ମଧ୍ୟ ଏଭଳି ମାଡ଼ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆସିଲା ମାତ୍ରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କଟା ନବମ ଶ୍ରେଣୀ ଛାତ୍ର ଅନ୍ତର୍ଯ୍ୟାମୀ ଏବଂ ତାଙ୍କ ମାଉସୀଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ନିମନ୍ତେ ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ବିଦ୍ୟାଳୟକୁ ମୋବାଇଲ ମନା, ତଥାପି ଅନ୍ତର୍ଯ୍ୟାମୀ ମୋବାଇଲ ଧରି ଅନ୍ୟ ପିଲାଙ୍କ ସହ ଅଶ୍ଳୀଳ ଭିଡିଓ ଦେଖିଥିବାରୁ ମୁଁ ସେମାନଙ୍କୁ ତାଗିଦ କରିଥିଲି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ କହିଛନ୍ତି ।

## ତ୍ରିରଙ୍ଗା କ୍ଲବର ମକର ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ପୁରସ୍କୃତ ହେଲେ ୭୦

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ୬ଦିନିଆ ମକର ମହୋତ୍ସବ - ୨୦୨୬ ର ୧ମ ତିନିଦିନ ଧରି ଦୌଡ଼, ଡିସ୍କସ ଓ ସଟପୁଟ ଥ୍ରୋ, ମା ମାଉସୀଙ୍କ ଶଙ୍ଖ ଫୁଙ୍କା, ମ୍ୟୁଜିକ ଚେୟାର ସମେତ କୁନିକୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ଦିନ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ସହିତ ପ୍ରାୟ ୭୦କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ତତ୍‌ସହିତ ଜୁନିୟର ଗ୍ରୁପର ବାଳିକ ବିଭାଗରେ ଚମ୍ପିୟାନ ହୋଇଥିବା ସୋନୁ ଗୋଛାୟତ ତଥା ଭଲିବଲ ପ୍ରତିଯୋଗିତାର ଚମ୍ପିୟାନ ଜଗନ୍ନାଥ ଓ୍ୱାରିୟାର୍ସ ଏବଂ ରନର୍ସ ଅପ ଶକ୍ତିମାନ ସିକ୍ସ ଷ୍ଟାର୍ସ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିପଦା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ପୁରସ୍କାର ବିତରଣ କରିବା ସହ ମକର ଉତ୍ସବ ପାଳନ ଅବସରରେ ବିଭିନ୍ନ ଖେଳାକୁଦ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରୁଥିବାରୁ କ୍ଲବର ଉଦ୍ୟମର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ୧୫ ନଂ ଓ୍ୱାର୍ଡ କାଉନସିଲର ନିରୁପମା ମହାନ୍ତି, ଶିକ୍ଷାବିତ ନବ କିଶୋର ପାଲବାବୁ ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ଓ ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ଦ୍ୱାରା

# ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର ପରିଦର୍ଶନ ଓ ଆଲୋଚନା

ବାରିପଦା, (ସବ୍ୟୁ) : ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ୧୯ ଜାନୁଆରୀ ୨୦୨୬ ତାରିଖରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର, ରାୟରାଙ୍ଗପୁରକୁ ଅଧିକାରିକ ପରିଦର୍ଶନ ଓ ଆଲୋଚନା କରିଥିଲେ । କୁଳପତିଙ୍କ ଦ୍ୱାରା ଏହି ପରିଦର୍ଶନ ଓ ଆଲୋଚନା ଏହି ଅଞ୍ଚଳରେ ମୁକ୍ତ ଓ ଦୂରଶିକ୍ଷା ସହିତ କୌଶଳ ଉନ୍ନୟନ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ପରିଗଣିତ ହେବ/ହୋଇଛି । କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସହ ଡାଇରେକଟର, ସ୍ପେସିଆଲ୍ ପ୍ରୋଜେକଟ, ଇଗ୍ନୋ ପ୍ରଫେସର ନୟନତାରା ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ଦର୍ଶନ କାଳୀନେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଶିକ୍ଷାତ୍ମକ, ପ୍ରଶାସନିକ ଏବଂ ଢାଞ୍ଚାଗତ ବ୍ୟବସ୍ଥା ଗୁଡ଼ିକର ସମୀକ୍ଷା କରିଥିଲେ । ସେ ଆଞ୍ଚଳିକ ନିର୍ଦ୍ଦେଶକ, ଶିକ୍ଷାକ ଶିକ୍ଷକ-ଶିକ୍ଷିକା, ଏକାଡେମିକ୍ (ଶିକ୍ଷାବିଦ୍ୟାସମ୍ପର୍କୀୟ)



କାଉନ୍‌ସେଲର ଏବଂ ଅନ୍ୟ କର୍ମଚାରୀମାନଙ୍କ ସହ ଆଲୋଚନା କରି, ଗ୍ରାମୀଣ, ଜନଜାତି ଓ ଦୁରଗମ ଅଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷାର ସୁଯୋଗ ପହଞ୍ଚାଇବାରେ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମତପ୍ରକାଶ କରିଥିଲେ । ଏହା ଇଗ୍ନୋର ସମାବେଶୀ ଶିକ୍ଷା ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସମନ୍ୱୟ ରଖେ । କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ କୌଶଳମୁଖୀ ଓ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରଚାରରେ କୌଶଳ କେନ୍ଦ୍ରର ଭୂମିକା ଉପରେ ଜୋର ଦେଇଥିଲେ । ସେ ଅଧିକ ଶିଳ୍ପ-ସମ୍ପର୍କିତ ସର୍ଟିଫିକେଟ୍ ଓ ଡିପ୍ଲୋମା କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ସ୍ଥାନୀୟ ପ୍ରତିଷ୍ଠାନ, ଶିଳ୍ପ ଏବଂ ସରକାରୀ ବିଭାଗମାନଙ୍କ ସହ ସହଯୋଗ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ୧୯ ଜାନୁଆରୀ ୨୦୨୬ ତାରିଖରେ କୁଳପତି ରାୟରାଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଏକ ସୌଜନ୍ୟମୂଳକ ଆଲୋଚନା କରିଥିଲେ । ଆଲୋଚନାରେ ଶିକ୍ଷା, କୌଶଳ ଉନ୍ନୟନ, ଯୁବ ଓ ମହିଳା ସଶକ୍ତିକରଣ ଏବଂ ସରକାରୀ କର୍ମଚାରୀଙ୍କ କ୍ଷମତା ବୃଦ୍ଧି କ୍ଷେତ୍ରରେ ଇଗ୍ନୋ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସହଯୋଗ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା । ଉପଜିଲ୍ଲାପାଳ ମହୋଦୟ ଇଗ୍ନୋ କାର୍ଯ୍ୟକଳାପ ପାଇଁ ସମ୍ପୂର୍ଣ୍ଣ ପ୍ରଶାସନିକ ସହଯୋଗ ଦେବାକୁ ଆଶ୍ୱାସନ ଦେଇଥିଲେ । ପରବର୍ତ୍ତୀ ଦିନ ୨୦ଜାନୁଆରୀ ୨୦୨୬ରେ କୁଳପତି ବାରିପଦା ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିବେ ବୋଲି ମତପ୍ରକାଶ କରିଥିଲେ । ଏଥିରେ ଜିଲ୍ଲା ସ୍ତରରେ ଶିକ୍ଷା, ଡିଜିଟାଲ ସାକ୍ଷରତା, ଉଦ୍ୟମିତା ବିକାଶ ଏବଂ ସମସ୍ତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତି ରହିବ ବୋଲି ଜଣାଇଥିଲେ । ଜିଲ୍ଲାପାଳ ଇଗ୍ନୋର ପ୍ରତିଷ୍ଠା ଏବଂ ପରିଚାଳନା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ ବୋଲି ଆଶା ପ୍ରକାଶ କରିଥିଲେ । କୁଳପତିଙ୍କ ଏହି ଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ପ୍ରତି ଇଗ୍ନୋଉ ଅଙ୍ଗୀକାରକୁ ପୁନଃ ସ୍ଥାପିତ କରିଥାଏ ଏବଂ ଏହା ମୟୂରଭଞ୍ଜ ଅଞ୍ଚଳରେ ଶିକ୍ଷା ଓ କୌଶଳ ଉନ୍ନୟନ କାର୍ଯ୍ୟକଳାପକୁ ନୂତନ ଦିଗ ଦେବ ବୋଲି ଆଶା କରାଯାଉଛି ।

## ବୁଗୁଡ଼ାରେ ସଡକ ସୁରକ୍ଷା ମାସ ପାଳନ

ବୁଗୁଡ଼ା, (ସବ୍ୟୁ) : ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ଶ୍ରୀ ବଳଦେବସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ନୂଆଁ ବସଷ୍ଟାଣ୍ଡ ପରିସରରେ ସଡକ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବସ୍ ମାଲିକ ସଂଘ ସଭାପତି ହର ପ୍ରସାଦ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଏସଡିପିଓ ଡକଟର ଦୀପକ ମିଶ୍ର, ମୁଖ୍ୟ ବକ୍ତା ଭାବେ ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର, ସମ୍ମାନିତ ଅତିଥି ଭାବେ ଏମଭିଆଇ କିଶୋର ଦେଓ, ଶ୍ରୀ ବଳଦେବ ଜୀଉ ମହିଳା ଏଚଏସ୍‌ଏସ୍ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର, ଏଟିଏସଆଇ ଏସ.କେ.ଆସୁରୁଦ୍ଦିନ୍ ପ୍ରମୁଖ ଯୋଗ ଦେଇ ସଡକ ସୁରକ୍ଷା ନିୟମ ପାଳନ ପୂର୍ବକ ସଡକ ଦୁର୍ଘଟଣାରୁ ଦୂରେଇ ରହି ଜୀବନ ରକ୍ଷା ପ୍ରତି ଯନିବାନ ହେବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ କିପରି ସଚେତନତାରୁ ସୁରକ୍ଷା ଏବଂ ପ୍ରଯୁକ୍ତିର ପରିବର୍ତ୍ତନ କିପରି ସମ୍ଭବ ସେନେଇ ଆଲୋକପାତ କରିଥିଲେ । ଏ ଅବସରରେ ସଡକ ସୁରକ୍ଷା ସକାଶେ ସାମୁହିକ ଶପଥ ପାଠ ଗ୍ରହଣ ସାଙ୍ଗକୁ ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାର କରାଯାଇ ନଗର ପରିକ୍ରମା ପୂର୍ବକ ସଡକ ସୁରକ୍ଷା ସମ୍ପର୍କେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡା ଶିକ୍ଷକମାନଙ୍କ ସମେତ ବସ୍ ମାଲିକ ସଂଘର ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ ।

# ବାରିପଦାରେ ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬

ବାରିପଦା, (ସବ୍ୟୁ) : ବାରିପଦାରେ ଏକ ଉତ୍ସାହପୂର୍ଣ୍ଣ ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଏବଂ ବାରିପଦା ମ୍ୟୁନିସିପାଲଟିଙ୍କ ମିଳିତ ଆନୁକୂଲ୍ୟରେ ଉତ୍ସବରେ ସ୍ଥାନୀୟ ଶିଶୁ ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା । ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱର୍ ପିଲାମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଚଳିତ ବର୍ଷର ଥିମ୍ ଥିଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିର ଗୁଡ଼ିକର ଚିତ୍ରାଙ୍କନ । ଶିଶୁ ଉଦ୍ୟାନରେ ସକାଳ ୧୦ଟାରୁ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୫୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ୍ ଦେଇ ପୁରସ୍କୃତ କରାଯାଇଥିଲା । ସଂଧ୍ୟା ପ୍ରାୟ ୬ଟାରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ଏକ ବିଶେଷ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଡିଭାଇନ ଡିପ୍ଲମା କଲେଜର ଡିନ୍ ଡ଼ ରଂଜିତ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏବଂ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫଟସ୍ ପ୍ରିନ୍ସିପାଲ୍ ରବୀନ୍ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରିନ୍ସିପାଲ୍ ଶୁଭସ୍ମିତା ଭାରତୀ ହୋତା ଏବଂ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତ ଚିତ୍ରକଳାଗୁଡ଼ିକୁ ଡିସପ୍ଲେ କରାଯାଇ ଦର୍ଶକଙ୍କୁ



ଆକର୍ଷିତ କରିଥିଲା । ଶ୍ରୀ ଜଗନ୍ନାଥ କଳା ଏକାଡେମୀ ୫ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ଦେଇ ଆସୁଥିବା ବେଳେ ଏହି ପ୍ରଦର୍ଶନୀ ଏହାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଛି । କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟ ଗୁରୁ ତପନ କୁମାର ବେହେରା, ସୁଜିତ କୁମାର ଧଳ, ସାଇରା ପ୍ରଧାନ, ଯୋଗ ଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାବ୍ୟତୀତ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ, ଅଙ୍କୁର ଖୁରାନା, ପବିତ୍ର ମୋହନ ପାଢ଼ୀ, ଦେବାଶିଷ ନାୟକ, ସୁକୁଲ ସୋରେନ ଏବଂ ଏନଏସଏସ୍ ସ୍ୱେଚ୍ଛାସେବୀ ଗଣ ଉପସ୍ଥିତି ରହିବା ସହିତ ସହଯୋଗ କରିଥିଲେ । ଏହି ପ୍ରଦର୍ଶନୀ ମୟୂରଭଞ୍ଜର କଳା ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ନୂଆପିଢ଼ିଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ଘଟାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବାରିପଦାର କଳା ପ୍ରେମୀମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିବସ ହୋଇ ରହିଛି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କାତି ଆକ୍ରମଣ

ଗୋଳନ୍ଥରା, (ସବ୍ୟୁ) : ଏହି ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କାତିରେ ଆକ୍ରମଣ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି । ଆହତ ଯୁବକ ଜଣକ ହେଲେ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ବୋଲି ସୂଚନା ମିଳିଛି । ଅନ୍ୟ ପଟେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଖବର ଅନୁସାରେ ଏହି ଥାନା ଅଧିନସ୍ଥ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ଆଜି ସକାଳେ କନିଷି ହାଟ ତୁଲୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭାବଗ୍ରାହୀଙ୍କୁ ଅଟକାଇ ଚାରିରୁ ଉର୍ଦ୍ଧ୍ୱର୍ ଜଣ ଏକ କାତିରେ ସଂଘବଦ୍ଧ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ । ପରେ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ତାଙ୍କ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

# ଫେରାର ଦୁଇ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ କେତେକ ଅସାମାଜିକ ଯୁବକ ଗତ ନଭେମ୍ବର ୨୫ ରେ ଏକତ୍ରିତ ହୋଇଥିବା ବେଳେ ପୋଲିସ ସେଠାରେ ଚଢଉ କରିଥିଲା । ଉକ୍ତ ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି । ସେମାନେ ହେଲେ ଲାଞ୍ଜିପଲି ଢ଼ିପ ସାହିର ବାବୁ ଗୌଡ଼(୩୫) ଓ ଏନ. ପ୍ରସାଦ ପାତ୍ର(୨୦) । ସେମାନେ ଡକାୟତି ପାଇଁ ଯୋଜନା ସହ ରାଜୁ ଦୋରା ନାମକ ଜଣେ ଯୁବକଙ୍କୁ ହତ୍ୟା ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି । ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଗତ



ନଭେମ୍ବର ୨୫ ତାରିଖ ରାତ୍ର ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲା । କିଛି ଅସାମାଜିକ ଯୁବକ ସେଠାରେ ଏକତ୍ରିତ ହୋଇ ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା । ପୋଲିସ ଟିମକୁ ଦେଖି ଡ଼କାୟତ ଗ୍ୟାଙ୍ଗର ଯୁବକ ମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଅନ୍ୟପଟେ ଜଣେ ୧୬ ବର୍ଷର ନାବାଳକଙ୍କୁ ପୋଲିସ ଧରିଥିଲା । ଜଣେ ନାବାଳକଙ୍କୁ ଧରିଥିଲା । ପୋଲିସ ଘଟଣା ସ୍ଥଳରୁ ଗୋଟିଏ ବୋମା, ୩ ଗୋଟି କାତି ଓ ମଦ ବୋତଲ ପ୍ରଭୃତି ଜବତ କରିଥିଲା । ମାମଲା ନଂ ୫୯୦/୨୫ ରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଉକ୍ତ ନାବାଳକଙ୍କ ବୟାନ ଅନୁଯାଇ ପୋଲିସ ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା



ଠାକୁରଗଡ ,(ସବ୍ୟୁ) : କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭେଷଜ , ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସହ ଖାଲିଥିବା ନର୍ସ, କର୍ମଚାରୀ ନିଯୁକ୍ତି, ଆନୁସଙ୍ଗିକ ଉପକରଣ, ଔଷଧ ଯୋଗାଣ ସେବା, ସମସ୍ତ ପ୍ରକାର ପରୀକ୍ଷା ମାଗଣାରେ ଯୋଗାଇ ଦେବା,ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରିବା, କିଶୋରନଗର ରେ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରିବା, ଜଳ ଭଣ୍ଡାର ନିର୍ମାଣ କରି ସୁରେଶ୍ରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦାବି କୁ ନେଇ ସୋମବାର ଦିନ ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ସମୟରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇ ଆନ୍ଦୋଳନ କରାଯାଇଛି । ରମଣୀ ରଂଜନ ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ପିତାମ୍ବର ପ୍ରଧାନ, ତୀର୍ଥ ବାସୀ ଭୋଇ, ଲକ୍ଷ୍ମଣ ବେହେରା, ଗୌର ସାହୁ, ପ୍ରଫୁଲ୍ଲ ପ୍ରଧାନ,ବାବାଜୀ ଚରଣ ବେହେରା, ଚିତ୍ତ ରଂଜନ ମେହୁଲିଙ୍କ ସମେତ କମିଟି ର ସଦସ୍ୟମାନେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ , କିଶୋରନଗର ବ୍ଲକରେ ଏବେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ବହୁ ଡାକ୍ତର ପଦ ଖାଲି ପଡିଥିବା ଯୋଗୁଁ ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରୁ ନାହାନ୍ତି । ସେହିପରି ଜଳସେଚନ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ଅବହେଳାକୁ ତୀବ୍ର ନିନ୍ଦା କରିଥଲେ । ଗଣଧାରଣା ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଛଅ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବିଭିନ୍ନ ମେସିନ ସ୍ଥାପନ, କିଶୋରନଗର ଠାରେ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। କମିଟି ପକ୍ଷରୁ ଉପସ୍ଥାପିତ ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକଲେ ଆହୁରି ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ ଦେଇ ଗଣଧାରଣା ଶେଷ ହୋଇଥିଲା ।

# ମିଶ୍ରଣ ପର୍ବ ଏବଂ ସମ୍ବର୍ଦ୍ଧନା ସଭା

## କଂଗ୍ରେସରେ ବିଜେଡି ଓ ବିଜେପି କର୍ମୀଙ୍କ ଯୋଗଦାନ

ଅନୁଗୋଳ,(ସବ୍ୟୁ) : ଆଜି ପ୍ରିୟଙ୍କା ଗାନ୍ଧୀ ସଂଗଠନ ଅଭ ଇଣ୍ଡିଆ, ଓଡ଼ିଶା ପ୍ରଦେଶ ପକ୍ଷରୁ ଏକ ମିଶ୍ରଣ ପର୍ବ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ପ୍ରିୟଙ୍କା ଗାନ୍ଧୀ ସଂଗଠନ ର ରାଜ୍ୟ ସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଗଲା ଏବଂ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଗଲା । ଉକ୍ତ ସଭାରେ ନୃସିଂହ କୁମାର ଦଳବେହେରା ସଭାପତିତ୍ୱ କରିଥିଲେ ଏବଂ ମଞ୍ଚାସିନ ଅତିଥିମାନେ କଂଗ୍ରେସ ଦଳ ବିଷୟରେ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ । ଏଥିରେ ବରିଷ୍ଠ କଂଗ୍ରେସ ନେତା ଦିବାକର ଗଡନାୟକ ନିଜ ବକ୍ତବ୍ୟ ରେ କଂଗ୍ରେସ ଦଳର କାର୍ଯ୍ୟକ୍ରମ ବାବଦରେ କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ ଏବଂ ପୂର୍ବତନ ସାଧାରଣ ସମ୍ପାଦକ ଜୟନ୍ତ ସାହୁ ଆଗାମୀ ଦିନରେ କଂଗ୍ରେସ କିଭଳି କ୍ଷମତାକୁ ଆସିବ ଏବଂ କଂଗ୍ରେସ କର୍ମୀମାନେ ଏକଯୁଟ ହୋଇ କାମ କଲେ କୌଣସି ଶକ୍ତି ହରେଇ ପାରିବ ନାହି ବୋଲି କହିଥିଲେ । ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ କଂଗ୍ରେସ ନେତା ବଳବିର ସିଂହ ନିଜ ବକ୍ତବ୍ୟରେ କିପରି ସଂଘଟିତ ହେଇ କାମ କରିବେ ସେ ବିଷୟରେ କହିଥିଲେ । ଏଥିରେ ଛାତ୍ର ଜିଲ୍ଲା ଛାତ୍ର ସଭାପତି ପଦ୍ମନ ସାହୁ ସଭା କାର୍ଯ୍ୟରେ ଧନ୍ୟବାଦ୍ ଦେଇଥିଲେ । ବିଜେପି ଏବଂ ବିଜେଡି ଦଳରୁ ଆସିଥିବା କର୍ମୀମାନଙ୍କୁ ଉପସଭାପତି ମାନସ ବିଶ୍ୱାଳ ସ୍ୱାଗତ କରିଥିଲେ ଏବଂ ଏଥିରେ ବାଲୁଅପଟା ପଞ୍ଚାୟତର ୨୦୦ରୁ ଉର୍ଦ୍ଧ୍ୱ ବିଜେପି ଏବଂ ବିଜେଡି କର୍ମୀ କଂଗ୍ରେସ ଦଳରେ ନୂତନ ଭାବେ ଯୋଗଦାନ କଲେ ଏବଂ କର୍ମୀ ମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଭିଷେକ ନାୟକ(ରାଜା) ଏବଂ ସୁନିଲ ଗୁଛାଇତ,ରାକେଶ ଗୋହ୍ଲାଇତ ଜଗନ୍ନାଥ ବେହେରା,ନିରଞ୍ଜନ ସାମଲ, ଏବଂ ବଲୁଆ କଟା ପଞ୍ଚାୟତର ପ୍ରିୟଙ୍କା ଗାନ୍ଧୀ ସଂଗଠନ ର ଯୁବଣୀ ବେହେରା ଏବଂ କୁମୁଣ୍ଡିହ ପଞ୍ଚାୟତର ଶ୍ରୀ କ୍ରିଷ୍ଣା ଗୁଛାୟତ, ଏବଂ ପରଙ୍ଗ ପଞ୍ଚାୟତ ର ମାନସ ଗୋଲ୍ଲାୟତ,ବାବୁ ଗୋଲ୍ଲାୟତ କର୍ମୀ ମାନଙ୍କୁ ଉପସ୍ଥିତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ସଭା ଶେଷରେ ଦୀପକ କୁମାର ରାଉତ ଧନ୍ୟବାଦ ଦେଇଥିଲେ । ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ନିଜର ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଲୋକଙ୍କ ପାଇଁ କାମ କରିବା ସହ ଏହି ଭ୍ରଷ୍ଟାଚାର ଦଳ ବିଜେପି ଏବଂ ବିଜେଡି ଦଳକୁ କଟୁ ସମାଲୋଚନା କରିଥିଲେ । ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ଅକ୍ଷର ଅରୁ ଆରମ୍ଭ ସେମିତି ଅନୁଗୋଳ ଜିଲ୍ଲା ଅ ରୁ ଆରମ୍ଭ ସେହି ପରି ଆଜି ଏହି ଅ ରୁ ମୂଳଦୁଆ ପଡ଼ିଲା ଏବଂ ଆଗାମୀ ଦିନରେ ଏହି ଭ୍ରଷ୍ଟାଚାର ଦଳକୁ ନ ହଟେଇବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ।

## ବିନିକେଇ ପୀଠର ଉନ୍ନତି ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଦାବି

ଆଠମଲ୍ଲିକ,(ସବ୍ୟୁ) :ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କାଣ୍ଡୋଳୋ ପଞ୍ଚାୟତ ଚଢ଼ଇ ଗ୍ରାମ ନିକଟସ୍ଥ ତଥା ମହାନଦୀ ଗଣ୍ଡର ନିକଟରେ ଥିବା ମା ବିନିକେଇଙ୍କ ମହାନ ଶକ୍ତି ପୀଠର ଉନ୍ନତି ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟଶଙ୍କର ପ୍ରଧାନଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ଅଛି ଯେ ଅନୁଗୋଳ ଜିଲ୍ଲାର ବିନିକେଇ ପୀଠରେ ପ୍ରତିବର୍ଷ ଉତ୍ସବ ପାଳନ କରାଯାଏ ଓ ପଞ୍ଚାୟତରେ ଆସି ମା ଙ୍କ ଦର୍ଶନ କରନ୍ତି । ପୀଠର ଉନ୍ନତି ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି । ଉପଯୁକ୍ତ ପାନୀୟ ଜଳ ଓ ରାସ୍ତାଘାଟ ସମସ୍ୟା ସମାଧାନ ଏବଂ ନଦୀ ଉପରେ ଏକ ସେତୁ ନିର୍ମାଣ କରିବାକୁ ଦାବୀ କରାଯାଇଛି । ସେହିପରି ବିନିକେଇ ନିକଟରେ ଏକ ପାର୍କ ନିର୍ମାଣ ପାଇଁ ଦାବୀ କରାଯାଇଛି । ଦାବିପତ୍ର ଦେବା ସମୟ ରେ ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତି ରେ ସହକାରୀ ଜିଲ୍ଲା ପାଳ ଜ୍ୟୋତିରଞ୍ଜନ ବାଗ ଦାବିପତ୍ର ଗ୍ରହଣ କରିଥିଲେ ।

# ନବମିଶ୍ର କଲୋନୀ ମନ୍ଦିରର ପ୍ରଥମ ଜନ୍ମବାର୍ଷିକ କଳସଯାତ୍ରା



ତାଳଚେର,(ସବ୍ୟୁ) :ତାଳଚେର ପୌରପରିଷଦ ଅନ୍ତର୍ଗତ ହାଟତୋଟା ରୋଡ଼ ନିକଟସ୍ଥ ନବମିଶ୍ର କଲୋନୀରେ ପ୍ରଥମ ଜନ୍ମବାର୍ଷିକ କଳସଯାତ୍ରା ଆଜି ମହାଆଡ଼ମ୍ବର ସହକାରେ ହେଇଯାଇଛି। ଏହି କଳସଯାତ୍ରା କାର୍ଯ୍ୟକ୍ରମରେ ନବମିଶ୍ର କଲୋନୀରେ ଥିବା ୩ଟି ମନ୍ଦିର ଯଥା- ଗାୟତ୍ରୀ, ମହାକାଳେଶ୍ୱର ଓ ଚତୁର୍ଦ୍ଧାମୂର୍ତି ଜଗତରନାଥ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କ ନିମନ୍ତେ ସକାଳ ସମୟରେ କଲୋନୀବାସୀ ତାଳଚେର ଚିରୋସ୍ରୋତା ବ୍ରାହ୍ମଣୀନଦୀକୁ ଯାଇ ପୁରୋହିତଙ୍କ ଦ୍ୱାରା ନଦୀ ବାଲିରେ ପୂଜାର୍ଚ୍ଚନା, ଧୂପଦୀପ, ନୈବେଦ୍ୟ, ହୋମଯଜ୍ଞ, ସୂର୍ଯ୍ୟପୂଜା ଓ ୩୩କୋଟି ଦେବାଦେବୀଙ୍କୁ ଆହ୍ୱାନ ପରେ କଳସଯାତ୍ରା ଆରମ୍ଭ ହୋଇଥିଲା। ଏହି କଳସଯାତ୍ରା ତାଳଚେର ଜଗନ୍ନାଥଙ୍କ ମନ୍ଦିର ନିକଟରୁ ବାହାରି ଘୋଡ଼ାଶାଳ, ବଡ଼ବଜାର, ନୂଆଁବଜାର, ମୁନିସ୍ପାଲିଟି ମାର୍କେଟ, ଫାଷ୍ଟଗେଟ୍, ବାଇପାସ୍ ଛକ ଦେଇ ନବମିଶ୍ର କଲୋନୀ ଠାରେ ପଂହଚି ୩ଟି ମନ୍ଦିରରେ କଳସ ସ୍ଥାପନ କରାଯାଇ ପୂଜାପାଠ କରାଯାଇଥିଲା। ଏହି କଳସଯାତ୍ରା କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟକର୍ତା ଭାବେ ଅଶୋକ ବର୍ମା ଓ ତାଙ୍କ ସହଧର୍ମିଣୀ, ଗୋପାଳ ମୋଦି ଓ ସହଧର୍ମିଣୀ, ଶମନ୍ତ ଦାସ ଓ ସହଧର୍ମିଣୀ ରହିଥିବା ବେଳେ ପଣ୍ଡିତ ଦାମଦର ନନ୍ଦ ଓ ସହଯୋଗୀ ପଣ୍ଡିତ ରୋହିତ ଦାସ କମିଟି ପକ୍ଷରୁ ପ୍ରଦୀପ୍ତ ଜେନା ସମେତ କଲୋନୀର ଅନ୍ତେଃବାସୀମାନଙ୍କ ସହଯୋଗରେ ତିନିଦିନ ବ୍ୟାପୀ ଚାଲୁ ରହିଥିଲା।

# ବିପୁଳ ପରିମାଣର ବ୍ରାଉନସୁଗର ଜବତ

ବଅଁରପାଳ, (ସବ୍ୟୁ ): ଅନୁଗୋଳ ଜିଲ୍ଲା ଅନୁଗୋଳ ଟାଉନ ହାତୀଶାଳପଡାର ଏକ ଭଡ଼ା ଘରେ ବ୍ରାଉନସୁଗର କାର ବାର ହେଉଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ସ୍ୱତନ୍ତ୍ର ପୋଲିସ ଟିମ୍ ଉକ୍ତ ଘର ଉପରେ ଚଢ଼ାଉ କରିଥିଲେ । ଘର ଭିତରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ ହେବା ସହ ପ୍ରାୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି ବୋଲି ସୂଚନା ମିଳିଛି । ଏଥିସହିତ ଦୁଇ ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁ ଛନ୍ତି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟଙ୍କା ଗଣା ମେସିନ୍ ସହାୟତାରେ ଚାଲିଛି ଟଙ୍କା ଗଣା । ଖବର ଲେଖା ଶେଷ ହେବା ପର୍ଯ୍ୟନ୍ତ ପୋଲିସର ତଦନ୍ତ ପ୍ରକ୍ରିୟା ଜାରି ରହିଛି ଛ ଏଠାରେ ସୂଚନାଯୋଗ୍ୟ କି ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ରାହୁଲ ଜୈନ ଯୋଗଦାନ କରିବା ପରେ ଚୋରା ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ସ୍ୱତନ୍ତ୍ର ପୋଲିସ ଟିମ୍ ଦ୍ୱାରା ଚାଲିଛି ଅପରେସନ୍ ପ୍ରହାର ବିଭିନ୍ନ ସ୍ଥାନରୁ ଚଢ଼ାଉ କରି ପ୍ରତିଦିନ ବ୍ରାଉନସୁଗର ,ଗଞ୍ଜେଇ ,ମଦ ଓ କଫ୍ ସିରଫ୍ ଜବତ ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଉଛି । ଯେତିକି ଧରା ପଡୁଛି ସେତିକି ନୂଆ ନୂଆ ବାହାରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ସୁର ସଙ୍ଗମ ସଂଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ରେଙ୍ଗାଳି ,(ସବ୍ୟୁ) : ରେଙ୍ଗାଳି ପ୍ରକଳ୍ପସ୍ଥିତ ସୁର ସଙ୍ଗମ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ମଞ୍ଚାସିନ ସମସ୍ତ ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିବା ପରେ ସ୍ୱଳ୍ପ ସମୟ ପାଇଁ ଅତିଥି ମାନେ ଅଭିଭାଷଣ ରଖିବା ପରେ କୁନି କୁନି କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ । ଏହି ମଞ୍ଚରେ ମୁଖ୍ୟବକ୍ତା ଭାବେ ଓଏଚପିସି ର ସିନିଅର ଜିଏମ ସରୋଜ କୁମାର ବହିଦାର ,ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ଧ୍ରୁବ ଚରଣ ଧିର, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସୁର ସଙ୍ଗମ ମହାବିଦ୍ୟାଳୟର ସଭାପତି ରବିନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ରାଜେଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ବୌଦ୍ଧଧର୍ମ ଓ ବୟନ ଶିଳ୍ପର ଗାଁ ସରାକପାଟଣା

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଭାପୁର ଅନ୍ତର୍ଗତ ସରାକପାଟଣା ଗ୍ରାମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୩ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ସେଠାରେ ପହଁଚିବା ପରେ ସରାକପାଟଣା ରଙ୍ଗଣୀ ସମାଜ ପକ୍ଷରୁ ପଦଯାତ୍ରୀମାନଙ୍କୁ ବୁଦ୍ଧ ମନ୍ଦିର ଠାରେ ସ୍ୱାଗତ କରା ଯାଇଥିଲା। ମଠ, ମନ୍ଦିର, ରାଜବାଟୀ, ଦୁର୍ଗ ଇତ୍ୟାଦିକୁ ବାଦ୍ ଦେଲେ ଏମିତି ଆହୁରି ଅନେକ ଗାଁ ଓ ସାଂସ୍କୃତିକ ସଂଗଠନ ରହିଛି, ଯେଉଁମାନେ ଯୁଗ ଯୁଗ ଧରି ଆମ ମାଟିର ଐତିହ୍ୟ ଓ ସ୍ୱାଭିମାନକୁ ଧାରଣ କରି ରହିଛନ୍ତି । ମାତ୍ର ଦୀପତଳ ଅନ୍ଧାର ଭଳି ଏଗୁଡିକ ଲୋକ ଲୋଚନ ଅନ୍ତରାଳରେ ରହି ଯାଇଛନ୍ତି । ସେମିତି ଏକ ଗାଁ ହେଉଛି ଢେଙ୍କାନାଳ ଜିଲ୍ଲାର ଭାପୁର ଅନ୍ତର୍ଗତ ସରାକ ପାଟଣା। ଦୀର୍ଘ ୪୦୦ ବର୍ଷଧରି ଏହି ଗ୍ରାମରେ ତନ୍ତୁବାୟ ସଂପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି । ଗାଁଟିର ଗୋଟିଏ ପାର୍ଶ୍ୱରେ ବୋହି ଯାଉଛି ସାପୁଆ ନଦୀ । ସରାକପାଟଣା ଗାଁର ପ୍ରତ୍ୟେକ ପରିବାର ତନ୍ତରେ ଲୁଗା ବୁଣି ପରିବାର ଭରଣ ପୋଷଣ କରିଥାନ୍ତି । ଘରେ ଘରେ ହସ୍ତତନ୍ତ ଦ୍ୱାରା ବସ୍ତ୍ର ବୟନ ଏବେ ମଧ୍ୟ କରାଯାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ସରାକ ପାଟଣାର ୯୮ ପ୍ରତିଶତ ଲୋକ ହେଉଛନ୍ତି ବୌଦ୍ଧ ଧର୍ମାବଲମ୍ବୀ । କାହିଁ କେଉଁ ପ୍ରାଚୀନ କାଳରୁ ସରାକ ସଂପ୍ରଦାୟର କିଛି ପରିବାର ସାପୁଆ ନଦୀର ତୀରରେ ବସତି ସ୍ଥାପନ କରି ହସ୍ତତନ୍ତ ଦ୍ୱାରା ଲୁଗା ବୁଣି ଜୀବିକା ନିର୍ବାହ କରୁଥିଲେ । ସେହି ସରାକ ମାନଙ୍କର ନାମ ଅନୁଯାୟୀ ଏହି ଗ୍ରାମର ନାମ ସରାକପାଟଣା ହୋଇଛି । ସାଧାରଣତଃ ଏହି ଗ୍ରାମରେ ରଂଗଣୀ ସଂପ୍ରଦାୟର ଲୋକେ ଏବେ ବସବାସ କରି ନିଜର କୌଳିକ ବୃତିକୁ ଧରି ରଖିଛନ୍ତି । ପ୍ରାୟ ସମସ୍ତଙ୍କ ଘରେ ଏକାଧିକ ତନ୍ତ ରହିଛି ଓ ପରିବାରର ବୟସ୍କ ଓ ଯୁବକ ମାନେ ଏହି ହସ୍ତତନ୍ତରେ ଲୁଗା ବୁଣାବୁଣି କରୁଛନ୍ତି । ଏହି ଗ୍ରାମର ମଧ୍ୟସ୍ଥଳରେ ରହିଛି ଏକ ବୁଦ୍ଧ ମନ୍ଦିର । ମନ୍ଦିରରେ ସ୍ଥାପିତ ହୋଇଛି ବୁଦ୍ଧଙ୍କର ପାଷାଣ ପ୍ରତିମା । ଗ୍ରାମର ସମସ୍ତେ ବୌଦ୍ଧ ହୋଇଥିବାରୁ ଏଠାରେ ସମସ୍ତ ଲୋକ ସାକାହାରୀ ଓ ଜନ୍ମମୃତ୍ୟୁ ସଂସ୍କାର ଠାରୁ ଆରମ୍ଭ କରି ସବୁ ସାମାଜିକ ରୀତିନୀତି ବୌଦ୍ଧ ଧାରା ଅନୁଯାୟୀ ଅନୁଷ୍ଠିତ ହୁଏ । ବୈଶାଖ ପୂର୍ଣ୍ଣିମା ବୁଦ୍ଧ ଜୟନ୍ତୀରେ ସରାକପାଟଣାରେ ଏକ ବଡ଼ ଉତ୍ସବ ଆୟୋଜିତ ହୋଇଥାଏ । କାହିଁକି, କେଉଁ ପରିସ୍ଥିତିରେ ଏହି ଗ୍ରାମର ଲୋକ ବୌଦ୍ଧଧର୍ମାବଲମ୍ବୀ ହେଲେ ତାର ସଠିକ ତଥ୍ୟ ନାହିଁ। ମାତ୍ର ଭାରତରୁ ବୌଦ୍ଧ ଧର୍ମ ବିଲୁପ୍ତ ହୋଇ ଯାଉଥିବାବେଳେ ଢେଙ୍କାନାଳ ଜିଲ୍ଲାର ସରାକ ପାଟଣା ଗାଁର ୯୮ପ୍ରତିଶତ ଲୋକ ବୌଦ୍ଧଧର୍ମକୁ ଧରି ରଖିଛନ୍ତି ତାହା ସମସ୍ତଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ନିଶ୍ଚୟ। ବୋଧହୁଏ କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସରାକପାଟଣା ହେବ ଏକମାତ୍ର ବୌଦ୍ଧ ଧମର୍ର ଗାଁ। ଯାହାକି ଢେଙ୍କାନାଳ ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ଏକ ଜ୍ୱଳନ୍ତ ଉଦାହରଣ । ଅତୀତରେ ଏହି ଗ୍ରାମକୁ ଚୀନ, ଜାପାନ, ତିବ୍ବତ ଓ ଶ୍ରୀଲଙ୍କାରୁ ବୌଦ୍ଧ ସନ୍ନ୍ୟାସୀ ମାନେ ପରିଦର୍ଶନରେ ଆସିଥିବା କଥା ଗ୍ରାମର ବରିଷ୍ଠ ସଂସ୍କୃତି ପ୍ରେମୀ ଜଗବନ୍ଧୁ ସାହୁ ସୂଚନା ଦେଇଥିଲେ । ତନ୍ତରେ ଲୁଗା ବୁଣିବାର ଓ ଏହାର କୌଶଳ ତଥା ବୁଣାକାର ମାନଙ୍କର ଜୀବନ ଜୀବିକା ସଂପର୍କରେ ପଦଯାତ୍ରୀ ମାନେ ୫୦ରୁ ଉର୍ଦ୍ଧ୍ୱ ତନ୍ତ ପରିଦଶର୍ନ କରି ସେମାନଙ୍କ ସହିତ ଆଲୋଚନା କରିଥିଲେ । ଆଜିର ପଦଯାତ୍ରାରେ ବୌଦ୍ଧଧମର୍ର ଐତିହ୍ୟକୁ ଧାରଣ କରିଥିବା ଓ ସରାକପାଟଣାର ଏହି ଅନନ୍ୟ ସାଂସ୍କୃତିକ ଐତିହ୍ୟକୁ ଅନ୍ୱେଷଣ କରିବା ଓ ସେମାନଙ୍କ ଜୀବନ ଧାରଣ ଶୈଳୀ ଓ ଆଧ୍ୟାତ୍ମିକ ଭାବଧାରାକୁ ଜାଣିବା ପାଇଁ ପଦଯାତ୍ରୀ ମାନେ ଚେଷ୍ଟା କରିଥିଲେ । ଆଜିର ପଦଯାତ୍ରାର ପ୍ରେଫସର ଦୁର୍ଗା ଚରଣ ବିଶ୍ୱାଳ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ଗବେଷକ ତପନ କୁମାର ଶତପଥୀ, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଅଜର୍ନ ନାୟକ, ସ୍ୱର୍ଣପ୍ରଭା ସେଠୀ,ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ହରପ୍ରିୟା ରାଉତ, ସୁଶାନ୍ତ କୁମାର ସାହୁ, ଅକ୍ଷୟ କୁମାର ଦାସ, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା, ସୁମିତ୍ରା ଦେବତା, ସୁଜିତ ଦେବତା, ପିୟୁଷ ଅଗ୍ରୱାଲ, ଶ୍ରେୟା ସାମଲ୍, ସୁରେଶ ସାହୁ, ସ୍ମିତାଲୀ ବେହେରା ଓ ଢେଙ୍କାନାଳ କେଲଜର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସରାକପାଟଣାର ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ ।

# ଟ୍ରଲର ଧକ୍କାରେ ଜଣେ ମୃତ

ଠାକୁରଗଡ,(ସବ୍ୟୁ): କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟରାଜ ପଥ ର ହଣ୍ଡପା ଥାନା କମରେଇ ନିକଟରେ ଏକ ଟ୍ରଲର ଧକ୍କାରେ ରାଜସ୍ଥାନ ଅଞ୍ଚଳର ମହାବୀର କୁମାରଙ୍କର ସୋମବାର ମୃତ୍ୟୁ ହୋଇଛି । ରବିବାର ସନ୍ଧ୍ୟାରେ କମରେଇ ନିକଟରେ ମହାବୀର ରାସ୍ତା କାମ କରୁଥିବା ବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଟ୍ରଲର (ଏନ ଏଲ ୦୧ ଏଜି ୩୭୭୫ ) ତାଙ୍କୁ ପଛ ରୁ ଧକ୍କା ଦେଇଥିଲା । ଫଳରେ ଘଟନା ସ୍ଥଳରେ ମହାବୀର ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ସେଠାରେ ତାଙ୍କର ସୋମବାର ଦିନ ମୃତ୍ୟୁ ହୋଇଥିଲା । ତାଙ୍କ ଶବ ହଣ୍ଡପା ପୋଲିସ ଜବତ କରି ଏ ନେଇ ନମ୍ବର ୨୯/୨୬ ରେ ଏକ ମାମଲା ରୁଜୁ କରିଛି ।

# ୧୦୦ ଲିଟର ଦେଶୀ ମହୁଲି ଜବତ, ୧ ଗିରଫ

ବଇଣ୍ଡା ,(ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ସରଗିପାଲି ରେଲୱେ ବ୍ରିଜ ନିକଟରୁ ବିଶେଶ୍ୱର ବେହେରା ବୁଦ୍ଧୁଲିମୁଣ୍ଡା ଗ୍ରାମରୁ ଦେଶୀ ମହୁଲି ମଦ ଆଣୁଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି । ତାଙ୍କ ନାମରେ ଆଗରୁ ଦେଶୀ ମହୁଲି ଚାଲାଣ କରୁଥିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତିକରି ହଣ୍ଡପା ଥାନା ଅଧିକାରୀ ରାଜେଶ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରକାଶ ବାରିକ ଓ ତାଙ୍କ ଟିମ୍ ଯାଇ ବିସେଶ୍ୱରଙ୍କ ଗ୍ରାମ ପାଖାପାଖି ଥିବା ସର୍ଗିପାଲି ରେଲୱେ ଫାଟକ ପାଖରେ ତାଙ୍କୁ ଧରିଥିଲା ଓ ବିଶେଶ୍ୱର ବେହେରା ଙ୍କ ପାଖରୁ ଏକ ବାଇକ୍ ଓଡି ୧୫ ଇ ୪୮୫୨ ଓ ଦୁଇଟି ଜ ।ରରେ ଦେଶୀ ମହୁଲିମଦ ମଧ କାବୁ କରିଥିଲା । ସେଥିରେ ପାଖାପାଖି ୧୦୦ଲିଟରରୁ ଅଧିକ ଦେଶୀ ମହୁଲି ମଦ ଜବତ କରିବା ସହିତ ତାକୁ ଗିରଫ କରିକୋର୍ଟ ଚାଲାଣ କରିଥିବା ହଣ୍ଡପା ଥାନା ଅଧିକାରୀ ରାଜେଶ ଶତପଥି ସୂଚନା ଦେଇଛନ୍ତି ।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତାଳଚେର,(ସବ୍ୟୁ) : ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଘଂଟପଡ଼ା ସ୍ଥିତ ବାଘମରା ଅଂଚଳର ସଞ୍ଜିବ ସାହୁ (୪୬) ଆଜି ସକାଳ ୭ଘଟିକା ସମୟରେ ବାଘମରା ଜଙ୍ଗଲରେ ଏକ ଆମ୍ବଗଛରେ ନିଜର ଗାମୁଛାକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ସେହି ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି। ସେ ଦୀର୍ଘବର୍ଷ ହେବ ଜଗନ୍ନାଥ କୋଇଲା ଖଣିରେ କାର୍ଯ୍ୟ କରୁଥିଲେ ଆଜି କୌଣସି କାରଣରୁ ଆତ୍ମହତ୍ୟା କରିଛନ୍ତି ଚିତ୍ର ବର୍ତମାନ ସୁଦ୍ଧା ଅସ୍ପଷ୍ଟ ଥିବା ବେଳେ ତାଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ଶବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡ଼ିଛି। ତେବେ ସେ ମେଳାପୀ ଓ ମିଷ୍ଟଭାଷୀ ହୋଇଥିବା ବେଳେ କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି କରିଲେ ତାକୁ ନେଇ ଅଂଚଳରେ ଚର୍ଚ୍ଚା ଯୋରଧରିଛି। କୋଲିୟରୀ ପୋଲିସ୍‌କୁ ଏସମ୍ପର୍କରେ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନଥିଲା।

# ଚୋରା କୋଇଲାଟ୍ରକ ଜବତ ମାଲିକ, ଚାଳକ କୋର୍ଟଚାଲାଣ

କଣିହାଁ,(ସବ୍ୟୁ): ଏନଟିପିସି ଟାଉନ ପୁଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ ଓଡ଼ି ୩୫ସି ୩୦୫୯ ଜବତ କରିବା ସହ ଏଥିରେ ସଂପୃକ୍ତ ମାଲିକ ଓ ଚାଳକ କୁ ଗିରଫ କରି ସୋମବାର ତାଳଚେର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାଲିକ ହେଲେ ଢେଙ୍କାନାଳ ଜିଲ୍ଲା ନାଧରା ଅଞ୍ଚଳର ବିଘ୍ନେଶ୍ୱର ଭୂୟାଁ (୨୬) ଓ ଚାଳକ ହେଲେ ଅନୁଗୋଳ ଜିଲା ଜରପଡା ଥାନା ଅନ୍ତର୍ଗତ କୁଶକିଳା ଗ୍ରାମର ସତ୍ୟବ୍ରତ ସାହୁ (୨୯) । ଉକ୍ତ ଚୋରା ଟ୍ରକ ତାଳଚେରରୁ କୋଇଲା ନେଇ ଆସୁଥିବା ବେଳେ ଏନଟିପିସି ଥାନା ନିକଟସ୍ଥ ଏମଜିଆର ନିକଟରେ ପୁଲିସ ଧରିଥିଲା । ତଦନ୍ତ ବେଳେ କୌଣସି କାଗଜ ପତ୍ର ନଥିବା ପୁଲିସ ଏହା ଚୋରା କୋଇଲା ଜାଣି ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ବଇଣ୍ଡା ,(ସବ୍ୟୁ) :ଜନତା ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହୋଇଯାଇଛି । ଅଧକ୍ଷ ପ୍ରଶାନ୍ତ ଖମାରିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ ଉପସ୍ଥିତ ଥିଲେ । ପ୍ରଶିକ୍ଷଣ ଶିବିର ର ସଂଯୋଜିକା ଅଧ୍ୟାପିକା ସୁମିତ୍ରା ସ୍ୱାଇ ଧନ୍ୟବାଦ ଅର୍ପଣ କରିଥିଲେ । ଅଂଶଗ୍ରହଣ କରିଥି ସମସ୍ତ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ଜବରଦଖଲ ଉଚ୍ଛେଦ ଜୋରଦାର


ତାଳଚେର,(ସବ୍ୟୁ) :ତାଳଚେର ପୌରପରିଷଦ ଫାଷ୍ଟଗେଟ୍ ରାମଚନ୍ଦ୍ର ବଜାର ଠାରୁ ହାଟତୋଟା ଦେଇ ହାଣ୍ଡିଧଉଆଁ ପର୍ଯ୍ୟନ୍ତ ଅହରହ ଗାଡ଼ି ମଟର ଚଳାଚଳ ଯୋଗୁଁ ରାସ୍ତାଟି ଜାମ ରହୁଥିବାରୁ ପୂର୍ବ ନିଷ୍ପତି ଅନୁଯାୟୀ ତାଳଚେର ପୌରପରିଷଦ ପକ୍ଷରୁ ମାଜିଷ୍ଟ୍ରେଟ୍ ପୋଲିସ୍‌ଙ୍କ ଉପସ୍ଥିତିରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାମଚନ୍ଦ୍ର ମାର୍କେଟ ଠାରୁ ଆରମ୍ଭକରି ରାସ୍ତାର ଉଭୟପାର୍ଶ୍ୱରେ ସରକାରୀ ଜମି ଜବରଦଖଲକରି ଦୋକାନ ବଜାର ନିର୍ମାଣ କରି ଦୀର୍ଘବର୍ଷରୁ ପରିବାର ଗୁଜୁରାଣ ମେଟାଂଇ ଆସୁଥିବା ବେଳେ ଏଥିନେଇ ଗାଡ଼ି ମଟର ଚଳପ୍ରଚଳ କରିବାରେ ବ୍ୟତୀକ୍ରମ ହେବାରୁ ପୌରପରିଷଦ ପକ୍ଷରୁ ଉନ୍ନୟନ ମୂଳକକାର୍ଯ୍ୟ ହୋଇପାରୁନଥିବା ବୋଲି କୁହାଯାଉଛି। ତେବେ ଏହାକୁ ବିଚାରକୁ ନେଇ ଆଜି ଉଚ୍ଛେଦ କାର୍ଯ୍ୟ ଯୋରସୋର ଚାଲିଥିବା ବେଳେ ଅଂଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯିବା ସହିତ ବହୁବର୍ଷରୁ ଦୋକାନ ବଜାର କରିଥିବା ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ଅନ୍ୟତ୍ର ବ୍ୟବସ୍ଥା କରିବାନେଇ ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ତେବେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ ବଡ଼ବଜାର ଠାରୁ ଆରମ୍ଭକରି ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ସରକାରୀ ଜାଗାରେ ଦୋକାନ ଘର ନିର୍ମାଣ କରିଥିବା ବ୍ୟବସାୟୀଙ୍କୁ କେବେ ଉଚ୍ଛେଦ କରାଯିବ ତାହା ଦେଖିବାକୁ ବାକି ରହିଲ ।

# କାଳିକା ପ୍ରସାଦ ପ୍ରାଥମିକବିଦ୍ୟାଳୟରେ ଅଚଳାଅବସ୍ଥା: ପ୍ରଧାନ ଶିକ୍ଷକ ନିଲମ୍ବିତ

ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା କାଳିକା ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ବିଶ୍ୱାଳଙ୍କ ଦାୟିତ୍ୱ ହୀନତା ଯୋଗୁଁ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ଘୋର ଅବ୍ୟବସ୍ଥା ଲାଗି ରହିଥିଲା । ବିଳମ୍ବରେ ବିଦ୍ୟାଳୟକୁ ଆସିବା, ଶିକ୍ଷା ଦାନ ବଦଳରେ ଶ୍ରେଣୀ କକ୍ଷ ଓ କାର୍ଯ୍ୟାଳୟ ମଧ୍ୟରେ ଶୋଇବା ଏପରିକି ସ୍କୁଲ ବାରଣ୍ଡା ଏପରିକି ଚଉପାରିରେ ଶୋଇବା ଭଳି ଘଟଣା ତାଙ୍କୁ ବିବାଦ ମଧ୍ୟକୁ ଟାଣି ନେଇଥିଲା । ବିଦ୍ୟାଳୟ ଛାତ୍ର ଅଭିଭାବକ କମିଟିର କେତେକ ସଭ୍ୟ ସଭ୍ୟା, ଅଭିଭାବକ ଅଭିଭାବିକା ତାଙ୍କୁ ନିଜେ ଠିକ୍ ବାଟରେ ପରିଚାଳିତ ହେବା ପାଇଁ ସର୍ବଦା ଚେତାଇ ଦେଇ ଆସୁ ଥିଲେ । ଏଥିରେ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳଙ୍କର କୌଣସି ପରିବର୍ତ୍ତନ ନହେବାରୁ ସମସ୍ତ ଅଭିଭାବକ ଅଭିଭାବିକା ଗତ ବର୍ଷ ଡିସେମ୍ବର ମାସରେ ଓ ଚଳିତ ବର୍ଷର ପ୍ରଥମ ଭାଗରେ ହିନ୍ଦୋଳ ବି ଇ ଓ ଙ୍କୁ ଲିଖିତ ଅଭିଯୋଗ ଦେବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହୋଇଥିଲେ । ସମସ୍ତ ଅଭିଯୋଗ ଓ ପ୍ରମାଣଙ୍କୁ ଭିତି କରି ବି ଇ ଓ ଗତ ୧୬ ତାରିଖ ଦିନ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୯ ରେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ଦେଇ ଥିବା ଜଣା ଯାଇଛି । ଉକ୍ତ ଚିଠିରେ ନିଲମ୍ବିତ ପ୍ରଧାନ ଶିକ୍ଷକ ୬ ମାସ ଧରି ଅଧା ଦରମାରେ ବି ଇ ଓ ଙ୍କ କାର୍ଯ୍ୟାଳୟରେ ପ୍ରତ୍ୟହ ଉପସ୍ଥିତ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛ । କାର୍ଯ୍ୟାଳୟ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ନାମା (ଚିଠି) ଜାରି କରା ନଯିବା ପର୍ଯ୍ୟନ୍ତ ସେ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଚିଠିରେ ଜଣେଇ ଦିଆ ଯାଇଛି ।

# ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ ଗ୍ୟାରେଣ୍ଟି

## (ଗ୍ରାମୀଣ)ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ସହ ଜଡ଼ିତ : ଖାଉଟି କଲ୍ୟାଣ ମନ୍ତ୍ରୀ



ଅନୁଗୁଳ,(ସବ୍ୟୁ) :ଆଜି ଅନୁଗୁଳ ସର୍କିଟ ହାଉସଠାରେ ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ ଗ୍ୟାରେଣ୍ଟି (ଗ୍ରାମୀଣ)ଭିବି ଗ୍ରାମ ଜି -୨୦୨୫ ସଂମ୍ପର୍କରେ ଅନୁଗୁଳ ଭାଜପା ଜିଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମୀଳନୀରେ

ରାଜ୍ୟ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ଭାରତ ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଣୟନ କରାଯାଇଥିବା ଭି ବି ଗ୍ରାମ ଜି ଆଇନ - ୨୦୨୫ ସମ୍ପର୍କରେ ଯୋଜନାର ଉପକାରିତା ସଂପର୍କରେ ଆଲୋଚନା କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ଭାରତର ସାମାଜିକ - ଅର୍ଥ ନୈତିକ ସରଞ୍ଜନାରେ ଗ୍ରାମୀଣ ରୋଜଗାର କାର୍ଯ୍ୟକ୍ରମ ଗୁଡ଼ିକ ଐତିହାସିକ ଭାବେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ସମ୍ପତ୍ତି ସୃଷ୍ଟି, ଗ୍ରାମ ବିକାଶ ଏବଂ ସାମାଜିକ ସ୍ଥିରତାରେ ଏକ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ । ୨୦୦୬ ମସିହାରେ ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ (ଏମଜି ଏନଆରଇଜିଏ) ମଜୁରୀ ଭିତ୍ତିକ ରୋଜଗାର ପାଇଁ ଏକ ସାମ୍ବିଧାନିକ ଗ୍ୟାରେଣ୍ଟି ପ୍ରଦାନ କରି ସମାଧାନ ନିମନ୍ତେ ଚେଷ୍ଟା କରିଥିଲା କିନ୍ତୁ ଏଥିରେ ଦୁର୍ବଳ ଶାସନ ବ୍ୟବସ୍ଥା, ଦୁର୍ନୀତି ଏବଂ ବିକାଶ ମୂଳକ ଆଭିମୁଖ୍ୟର ଅଭାବ ଯୋଗୁଁ ଦୀର୍ଘ କାଳୀନ ପ୍ରଭାବ ହ୍ରାସ ପାଇଥିଲା । ତେଣୁ ଭାରତ ସରକାର ଏହି ଆଇନକୁ ବିକଶିତ ଭାରତ-ରୋଜଗାର ଏବଂ ଆଜୀବିକା ମିଶନ ଗ୍ୟାରେଣ୍ଟି (ଗ୍ରାମୀଣ) ଭିବି ଗ୍ରାମ ଜି -୨୦୨୫ ପ୍ରଣୟନ କରିଛନ୍ତି ଯାହାକି ଗ୍ରାମୀଣ ରୋଜଗାରକୁ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସହ ଯୋଡ଼ିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ ଯୋଗୁଁ ଦୁର୍ନୀତି ରୋକିବା ସହ ଗ୍ରାମାଞ୍ଚଳର ବିକାଶ ହୋଇ ପାରିବ । ମହାତ୍ମା ଗାନ୍ଧୀ ନାମ ପରିବର୍ତ୍ତନ କରା ଯାଇଥିବା ନେଇ ସାମ୍ବାଦିକ ମାନେ ପ୍ରଶ୍ନ ପଚାରିବାରୁ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ କାହା ନାମକୁ ନେଇ ବିକାଶ ହୁଏ ନାହିଁ ବରଂ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟ କରିଲେ ବିକାଶ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଏମଜି ଏନଆରଇଜିଏ ଯୋଜନା ଦ୍ୱାରା ଅସ୍ଥାୟୀ ରାସ୍ତା କିମ୍ବା ଅଣଯୋଜନାବଦ୍ଧ ମାଟି କାମ ସ୍ଥାୟୀ ଅର୍ଥନୈତିକ ଲାଭଦେବାରେ ବିଫଳ ହୋଇଥିଲା । ଜାଲ୍ ଜବ୍ କାର୍ଡ, ମିଥ୍ୟା ହିତାଧିକାରୀ ଏବଂ ମାଷ୍ଟର ରୋଲରେ ହେରଫେର ଭଳି ଅଭ୍ୟାସ ବ୍ୟାପକ ଥିଲା । ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ତେଲେଙ୍ଗାନା ଭଳି ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ସାମ୍ନାକୁ ଆସିଥିଲା । ଚାଷ ସମୟରେ ମଧ କାମ ଜାରି ରହିବା ଫଳରେ ଚାଷୀମାନେ ଶ୍ରମିକ ଅଭାବର ସମ୍ମୁଖୀନ ହେଉଥିଲେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସମ୍ୟକ୍ ଭାବେ ଆଇନ ପ୍ରଣୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି,ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଭାଜପା ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ ଓ ସୁଦୀପ ଗଡ଼ନାୟକ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର,ବରିଷ୍ଠ ନେତା ଦିଲ୍ଲୀପ ପ୍ରଧାନଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ସାହିତ୍ୟ ସାମାଜିକ ସଂହତିର ସୂତ୍ରଧର



ଆନନ୍ଦପୁର , (ସବ୍ୟୁ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁରଠାରେ ସାହିତ୍ୟିକ ନରହରି ପାତ୍ରଙ୍କ ଲିଖିତ ଉପନ୍ୟାସ ଜ୍ୟେଷ୍ଠ କୌନ୍ତେୟ ଓ କବିତା ପୁସ୍ତକ ଉଡ଼ନ୍ତା ପକ୍ଷୀର ଛାଇକୁ ଉନ୍ମୋଚନ କରି ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ କହିଥିଲେ ଯେ ସାହିତ୍ୟ ହିଁ ସାମାଜିକ ସଂହତିର ସୂତ୍ରଧର । ସାମ୍ପ୍ରତିକ ସମାଜରେ ପରସ୍ପର ମଧ୍ୟରେ ଥିବା ସମ୍ପର୍କ କ୍ରମଶଃ ଦୁର୍ବଳ ହୋଇ ପଡୁଥିବା ବେଳେ ସାହିତ୍ୟ କେବଳ ସମ୍ପର୍କକୁ ସୁଦୃଢ କରି ପାରିବ । ସମ୍ମାନିତ ଅତିଥି ଭାବରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ମତ ଦେଇଥିଲେ କବି ଲେଖକମାନେ ଆମ ଅଞ୍ଚଳକୁ ରାଜ୍ୟ ଓ ଜାତୀୟ ସ୍ତରରେ ଗୌରବାନ୍ୱିତ କରିଛନ୍ତି । ସୁସ୍ଥ ସମାଜ ପାଇଁ ସେମାନେ ଲେଖନୀ ଚାଳନା କରିବା ଉଚିତ । କେନ୍ଦୁଝର ଜିଲ୍ଲା ପରିଷଦ ଉପସଭାପତି ସୋମନାଥ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବରେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ସାହିତ୍ୟିକ ରମାକାନ୍ତ ନାୟକ ନରହରି ପାତ୍ରଙ୍କ ଉନ୍ମୋଚିତ ଦୁଇ ପୁସ୍ତକର ଭୂୟସୀ ପ୍ରଶଂସା କରିବା ସହିତ ଏହା ସମାଜକୁ ନୂତନ ଦିଗଦର୍ଶନ ଦେବ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ବିଶିଷ୍ଟ କବି ଅଶୋକ ପୁହାଣ,ସାହିତ୍ୟିକ ଗଣେଶ ପ୍ରସାଦ କର ଶର୍ମା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପୁସ୍ତକ ଦୁଇଟିର ସମୀକ୍ଷା କରିଥିଲେ କବି ଚତୁର୍ଭୁଜ ପହି । କବି ମୋହନ ଚରଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାଞ୍ଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବହୁ କବି ଲେଖକ ଯୋଗ ଦେଇଥିଲେ ।

# ବିକଶିତ ଭାରତ ଗଠନର ଏକ ସଂକଳ୍ପ ଭିବି-ଜିରାମ ଜି

କେନ୍ଦୁଝର, (ସବ୍ୟୁ): କନ୍ଦୁଝର ଜିଲ୍ଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ସଭାଗୃହରେ ଭିବି-ଜିରାମ ଜି ବିକଶିତଭାରତ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଥିଲା । ମୁଖ୍ୟ ଅତିଥି ଭାବେ ବିଧାୟକ ବଡତଣା ତଥା ଭିବି- ଜିରାମ ଜିର ରାଜ୍ୟ ଟୋଲୀର ସଦସ୍ୟ ଅମର ନାୟକ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ବିକଶିତ ଭାରତ ଭିବି-ଜିରାମ ଜି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମକ ଉଦ୍ଦେଶ୍ୟ ଶ୍ରମିକଙ୍କ ଭିବି-ଜିରାମ ଜିଯୋଜନାରେ ଜବ କାର୍ଡ ଧାରୀଙ୍କୁ ୧୦୦ ଦିନ କମ ବଦଳରେ ଏବେ ୧୨୫ ଦିନକୁ ବୃଦ୍ଧି କରାଯାଇଛି ବୋଲି କହିଛନ୍ତି । ସେହିପରି ବନାଞ୍ଚଳ ଅନୁସୂଚିତ ଜନଜାତି ଶ୍ରମିକଙ୍କୁ ୨୫ ଦିନର ଅତିରିକ୍ତ ନିଯୁକ୍ତି ପ୍ରଦାନ କରାଯିବା ତାହା ସହିତ ୭ ଦିନରେ ମଜୁରୀ ପୈଠ ସହିତ ୧୫ ଦିନ ମଧ୍ୟରେ କାମ ନ ପାଇଲେ ସେମାନଙ୍କୁ ବେକାରୀ ଭତ୍ତା ମିଳିବ, ଗ୍ରାମିଣ ବିକାଶ ଏବଂ କଲ୍ୟାଣ କୁ ପ୍ରୋତ୍ସାହିତ କରୁଥିବା ଉତ୍ପାଦକ ଏବଂ ସ୍ଥାୟୀ ଗ୍ରାମୀଣ ସମ୍ପତ୍ତି ନିର୍ମାଣ ଉପରେ ବିଶେଷ ଧ୍ୟାନ ରହିବା ସହିତ ଏକ ନୂତନ ଗ୍ରାମୀଣ ବିକାଶ ଢାଞ୍ଚା ରହିଛି।ଏହି ସାମ୍ବାଦିକସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ, ରାଜ୍ୟ ସମ୍ପାଦିକା ମମତା ସିଂ, ଆନନ୍ଦପୁର ବିଧାନସଭା ନେତା ଆଲୋକ ସେଠୀ, ଘସିପୁରା ବିଧାନସଭା ନେତା ଡ଼ଃ. ଶମ୍ଭୁନାଥ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ଭିବି-ଜିରାମ ଜି ର ଜିଲ୍ଲା ସଂଯୋଜକ ଅନୁବ୍ରତ ବେହେରା, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ମଞ୍ଚାସିନ ହୋଇଥିଲେ। ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ସାମ୍ବାଦିକ ସମ୍ମିଳନୀ କୁ ପରିଚାଳନା କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀ ପରେ ଜିଲ୍ଲାର ସମସ୍ତ ସାଙ୍ଗଠାନିକ ମଣ୍ଡଳ ର ସଭାପତି, ଜିଲ୍ଲା ପଦାଧିକାରୀ ଏବଂ ଭିବି-ଜିରାମ ଜି ର ମଣ୍ଡଳ ସ୍ତରର ସଂଯୋଜକ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ଭଦ୍ରାୟଣୀରେ ଉତ୍ତେଜନା ଅଧାରୁ କାର୍ଯ୍ୟକ୍ରମ ବନ୍ଦ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲା ମହୋତ୍ସବ ଭଦ୍ରାୟଣୀର ସୋମବାର ଥିଲା ୨ୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇବାରୁ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସନ୍ଧ୍ୟା ୬ଟାରେ କିଛି ଯୁବକ ପହଞ୍ଚି ଷ୍ଟଲ ବଣ୍ଟନରେ ହେରଫେର ହୋଇଥିବା ଅଭିଯୋଗ କରି ହୋହାଲ୍ଲା କରିବା ସହ କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ଜିଲା ମହୋତ୍ସବରେ ସ୍ଥାନୀୟ ଲୋକଙ୍କୁ ଷ୍ଟଲ ନ ଦେଇ ଅଧିକ ଟଙ୍କା ନେଇ ବାହାର ଲୋକଙ୍କୁ ଷ୍ଟଲ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ସେହିପରି ଉଦ୍ଘାଟନୀ ସନ୍ଧ୍ୟାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ କାହିଁକି ମୁଖ୍ୟଅତିଥି ଘୋଷଣା କରାଗଲା ବୋଲି ପ୍ରଶ୍ନ କରି ହୋହାଲ୍ଲା ମଧ୍ୟ କରିଛନ୍ତି। ତେବେ ଉପଜିଲାପାଳ କାର୍ଯ୍ୟକ୍ରମ ବନ୍ଦ କରିଥିବା ଯୁବକ ମାନଙ୍କୁ ବୁଝାଇବା ସହ ଆଲୋଚନା ଜାରି ରଖିଛନ୍ତି। ଏହା ମଧ୍ୟରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ପାରିବାରୁ ଖବର ଲେଖା ଯାଏ କାର୍ଯ୍ୟକ୍ରମ ବନ୍ଦ ରହିଛି।

# ପାଟଳୀପୁରା ପଞ୍ଚାୟତର ଦାରିହା କୁଣ୍ଡିରେ ପକ୍ଷୀ ଗଣନା



ବେତନଟୀ,(ସବ୍ୟୁ): ବାରିପଦା ବନଖଣ୍ଡର ବେତନଟି ଫରେଷ୍ଟ ରେଞ୍ଜ ଅଧିନସ୍ଥ ନଡପୁର ଫରେଷ୍ଟ ବିଟ ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଞ୍ଚାୟତର କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ନିକଟସ୍ଥ ବେଲାଣପୁରା –ଦାରିହା କୁଣ୍ଡି ପ୍ରାକୃତିକ ଜଳାଶୟରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାୟକଙ୍କର ମାର୍ଗ ଦର୍ଶନରେ ବନରକ୍ଷୀ ନମିତା ସେଠୀଙ୍କର ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ପକ୍ଷୀ ଗଣନା ପ୍ରତ୍ୟୁଷ ସାଢ଼େ ୫ଟାରୁ ପୂର୍ବାହ୍ନ ୧୦ ଟା ପର୍ଯ୍ୟନ୍ତ ଚଳିଥିଲା । ପକ୍ଷୀ ଗଣନା ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଯଥା ଲିଟିଲ କର୍ମୋରଣ୍ଟ (ପାଣି କୁଆ) କମନ କିଙ୍ଗ ଫିସର (ମାଛରଙ୍କା) ଗାଡ଼ ୱାଲ, କମନ ମୁରହେନ ପ୍ରଭୃତିର ୨୦ ରୁ ଅଧିକ ପ୍ରଜାତିର ପ୍ରାୟ ଦୁଇ ହଜାରରୁ ଅଧିକ ପକ୍ଷୀ ଗୁଡିକ ଚିହ୍ନଟ କରାଯାଇଥିଲା । ଏଠାରେ ଉଲ୍ଲେଖ ନୀୟଯେ ଏହି ଆଦ୍ରଭୂମି ପ୍ରାକୃତିକ ଜଳାଶୟ ରେ ଅନେକ ପ୍ରକାର ବିଦେଶୀ ପକ୍ଷୀ ପକ୍ଷୀ ମଧ୍ୟ ବିଚରଣ କରୁଥିବାର ଦେଖିବାକୁ ମିଳିଥିଲା । ଏହି ପକ୍ଷୀ ଗଣନାରେ ପ୍ରୋଟେକ୍ସନ ଏସିଷ୍ଟାଣ୍ଡ ଶ୍ରୀଧର ମହାକୁଡ଼, ପ୍ରୋଟେକ୍ସନ ସ୍କୁର୍ଡ ସୁଶାନ୍ତ ମହାନ୍ତ, ଫାୟାର ୱାଚଓ୍ୱାର ଦେବାନନ୍ଦ ମହାନ୍ତ, ଗଜସାଥୀ ରାଜୀବ କୁମାର କବାଟ,ଇକୋ ଫ୍ରେଣ୍ଡ ଡ଼କ୍ଟର ରମାକାନ୍ତ ମହାନ୍ତ,ଇକୋ କ୍ଲବ ଭାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ,ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ସ୍ୱେଚ୍ଛାସେବୀ ଗୋବିନ୍ଦ ଚନ୍ଦ୍ର ଦୁର୍ଗା,ଡାକ୍ତର ଧ୍ରୁବଚରଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

# ଟୋକନରେ ଧାନବିକ୍ରି ପରିମାଣ କମିବା ନେଇ ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ଗ୍ରାମର ଚାଷୀ ରାମକୃଷ୍ଣ ବିଶ୍ୱାଳ ୨୦୨୪-୨୫ ବର୍ଷ ଓ ପୂର୍ବରୁ ମଧ୍ୟ ଟୋକନ ପାଇ ୨୪.୮ କ୍ୱିଣ୍ଟାଲ ଧାନ ବିକ୍ରୟ କରି ଆସୁଥିଲେ। ଚଳିତ ବର୍ଷ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଟୋକନ ଆସିଛି। ଏହାକୁ ନେଇ ରାମକୃଷ୍ଣ ପ୍ରଶ୍ନ ଉଠାଇ ଧାନକ୍ରୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ରାମକୃଷ୍ଣଙ୍କ ପୈତୃକ ଚାଷଜମି ପରିମାଣ ୨ଏକର ୬୨ ଡେସିମିଲ ଅଟେ। ବଡକୋଲିପଦୀ ରାଜସ୍ୱ ଗ୍ରାମର ଖାତା ନଂ ୧୫୮ ଓ ପ୍ଲଟ ନଂ୧୯୭ରେ ୧.୯୦ ଡେସିମିଲ ଓ ଖାତା ନଂ ୧୬୬ ଓ ପ୍ଲଟ ନଂ ୩୦୩ରେ ୬୦.୭୨ ଡେସିମିଲ ଚାଷଜମି ପରିବାର ନାମରେ ରହିଛି। ୨ ଭାଇ ରାମକୃଷ୍ଣ ଓ ରାଜେନ୍ଦ୍ରଙ୍କ ମଧ୍ୟରେ ୧.୩୧ ଡେମିମିଲ ଜମି ଭାଗ ହୋଇଛି। ପ୍ରତ୍ୟେକ ଏ୧.୩୧ଡେସିମିଲ ଜମି ଧାନବିକ୍ରୟ ପାଇଁ ପଞ୍ଜିକରଣ କରିଆସୁଛନ୍ତି। ଏଥର ମଧ୍ୟ ସାନଭାଇ ରାଜେନ୍ଦ୍ର ନାମରେ ୨୪.୮୯କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି। ମାତ୍ର ବଡଭାଇ ରାମକୃଷ୍ଣଙ୍କ ନାମରେ ୧୫୪୦୬୩୦ନମ୍ବର ଟୋକନ ଯୋଗେ ମାତ୍ର ୬.୮୪ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଛି ଏହାକୁ ନେଇ ହତବାକ ହୋଇଛନ୍ତି ଚାଷୀ ରାମକୃଷ୍ଣ। ରାମକୃଷ୍ଣ ବ୍ଲକ ମାର୍କେଟିଂ ଇନିସପେକ୍ଟର, ଜିଲ୍ଲା ସମବାୟ ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ। ମାତ୍ର ଏହାର କୌଣସି ପ୍ରତିକାର ହୋଇନାହିଁ। ଅନ୍ୟପକ୍ଷରେ ମଣ୍ଡିରେ ପଞ୍ଜିକରଣ ସମୟରେ ସମସ୍ତ ଜମି ଦରଜ କରାଯାଇ ଚାଷୀଙ୍କ ଆଇସ୍କାନ କରାଯାଇଛି ବୋଲି ଏ ସମ୍ପର୍କରେ ସିରିଡିସାଇ ମଣ୍ଡି ପକ୍ଷରୁ କୁହାଯାଇଛି। ବ୍ୟବସ୍ଥା ଜନିତ ତ୍ରୁଟି ପାଇଁ ଚାଷୀଙ୍କ ସ୍ୱାର୍ଥ ବଳିପଡୁଛି ବୋଲି ରାମକୃଷ୍ଣ ପ୍ରକାଶ କରିଛନ୍ତି। ତୁରନ୍ତ ତ୍ରୁଟି ସଂଶୋଧନ କରି ଉପଯୁକ୍ତ ପରିମାଣ ଧାନ ବିକ୍ରୟ ପାଇଁ ସୁଯୋଗ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି




ବାଲେଶ୍ୱର,(ସବ୍ୟୁ): ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବାହାନଗା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୧୧୭ ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ୯୯ ଗୋଟି ବ୍ୟକ୍ତିଗତ ଏବଂ ୦୬ ଗୋଟି ସାମୂହିକ ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୧୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା।ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବାର୍ଷିକ ପାଠଚକ୍ର ଉଦ୍‌ଘାଟିତ

ଆଗରପଡ଼ା,(ସବ୍ୟୁ): ସୋମବାର ଆଗରପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେଦ୍ୱି-ଦିବସୀୟ ଜିଲ୍ଲାସ୍ତରୀୟ ବାର୍ଷିକ ପାଠଚକ୍ର ଉଦ୍ଘାଟିତ ହୋଇଯାଇଛି। ଉକ୍ତ ପାଠଚକ୍ରରେ ଆଗରପଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ନାରାୟଣ ଚନ୍ଦ୍ର ପାତ୍ର,ଫକୀରମୋହନ ବିଶ୍ୱବିଦ୍ୟାଳୟ ସହକାରୀ ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ରାଉତ,ଶିକ୍ଷା-ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର,ନୂଆଦିଲ୍ଲୀ କୁନାଲ ପବ୍ଲିକେସନର ମୁଖ୍ୟ ପୁରୋଧା ପ୍ରେମସିଂ ବିଷ୍ଟ,ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ,ବନ୍ତ ବ୍ଲକ ଶିକ୍ଷାଧିକାରିଣୀ ଡକ୍ଟର ସୁକୀର୍ତ୍ତି କର,ସହ-ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ,ବାସୁଦେବପୁର ବ୍ଲକ ସହ-ଶିକ୍ଷାଧିକାରିଣୀ ଉର୍ମିଳା କର,ଚାନ୍ଦବାଲି ବ୍ଲକର ସହ-ଶିକ୍ଷାଧିକାରିଣୀ ଅନୀତା ମିଶ୍ର ଅତିଥି ଭାବେ ଯୋଗ ଦେଇ ପାଠଚକ୍ର ମୁଖ୍ୟ ବିଷୟବସ୍ତୁ ଇନ୍ନୁଭେଟିଭ ପେଡ଼ା ଯୋଜିକାଲ ପ୍ରାକ୍ଟିସ ଫର ଟ୍ରାନ୍ସଫର୍ମିଙ୍ଗ ଷ୍ଟୁଡେଣ୍ଟସ ଲାର୍ଣ୍ଣିଙ୍ଗ ଉପରେ ନିଜନିଜର ମନ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ.କାର୍ତ୍ତିକେଶ୍ୱର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ଓ ପ୍ରଶିକ୍ଷକ ପ୍ରଫୁଲ୍ଲ ଗୋଛାୟତ ସଂଯୋଜନା କରିଥିଲେ। ଏହି ଅବସରରେ ଗବେଷଣାମୂଳକ ୩ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରଶିକ୍ଷକ ଡକ୍ଟର ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁସୂଦନ ଜେନାଙ୍କ ସ୍ମୃତି ସମାରୋହ

ଭଦ୍ରକ,(ସବ୍ୟୁ): ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ ପୁରୁଣା ବଜାର ସ୍ଥିତ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭା ସମାରୋହରେ ସଭାପତି ଏସଏମ ଫାରୁକଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅବଦୁଲ ମୁକିତ ଖାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଅତିଥି ମାନଙ୍କୁ ମଂଚ ଉପରେ ଆମନ୍ତ୍ରଣ କରିଥିଲେ। ଏହି ସଭାରେ ଅତିଥି ଭାବେ ଲଲାଟେନ୍ଦୁ ମହାନ୍ତି,ଆସିଆନା ପ୍ରତିଷ୍ଠାତା ଶେଖ ଅବୁ ସଲାମ,ପୌରପାଳିକା ଅଧ୍ୟକ୍ଷ ଗୁଲମାକ୍କୀ ଦଲଓ୍ୱାଜି ହବିବ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ପୁରାତନ ଛାତ୍ର ମୋହନ ମାଜିଥିଆ,ତ୍ୟାଗଭୂମି ପ୍ରତିଷ୍ଠାତା ଅଜୟ ନାୟକ,ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ,ଶାନ୍ତନୁ ରାଉତ ଓ ଶିକ୍ଷକ ତଥା କବି ମୁସ୍ତାକ ଗୌହର ଯୋଗଦାନ କରି ମଧୁସୂଦନ ଜେନାଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ମଧୁସୂଦନ ଜେନା ୧୯୫୩ ରୁ ୧୯୭୧ ପର୍ଯ୍ୟନ୍ତ ତଥା ୧୮ବର୍ଷ ଧରି ନାରାୟଣ ଚନ୍ଦ୍ର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ସୁରୁଖୁରେ ଦାୟିତ୍ୱ ରହି ଅବସର ନେଇଥିଲେ। ଭଦ୍ରକରେ ଶିକ୍ଷାଜ୍ୟୋତି ପ୍ରଚାରରେ କାର୍ଯ୍ୟ କରିଥିବାରୁ ରତ୍ନାକାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ୨୦୨୫ ମସିହାରେ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ଆନୁକୂଲ୍ୟରୁ ମେଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିଥିବା ଛାତ୍ର ଶେଖ ଅବଦୁଲ ଖାଲିକ ଓ ଜେନବ କାଦରୀଙ୍କୁ ମଧ୍ୟ ଫୁଲତୋଡ଼ା ସହ ଅର୍ଥରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସ୍କୁଲର ଛାତ୍ର/ଛାତ୍ରୀ ସହିତ ଅଭିଭାବକ ଓ ଗୁରୁଜନ ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶନିଦେବଙ୍କର ବାର୍ଷିକ ଉତ୍ସବ

ବନ୍ତ,(ସବ୍ୟୁ):ବନ୍ତ ବ୍ଲକ ଚଣ୍ଡିପୁରସ୍ଥିତ ଶନିଦେବ ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସକାଳେ ଗ୍ରାମ୍ୟ ପୁଷ୍କରିଣୀରୁ କଳସ ଅଣାଯାଇ ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ଧନଞ୍ଜୟ ସ୍ୱାଇଁ, ଦମୟନ୍ତୀ ସ୍ୱାଇଁ ସଂକଳ୍ପ କରିଥିଲେ । ପୂଜକ ଉଦୟନାଥ କର, ରବିନ୍ଦ୍ର ନାରାୟଣ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଧରଣୀଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣେଶ ସ୍ୱାଇଁ, ସୁରେଶ ସ୍ୱାଇଁଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ ।

# ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ କବଜାରେ ନୀଳଗିରି ଆଇଟିଡିଏ ସରକାରୀ ଅନୁଦାନ

ନୀଳଗିରି ,(ସବ୍ୟୁ): ନୀଳଗିରି ପଞ୍ଚାୟତସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟାମାନେ ୨୦୨୩/୨୪ ଏବଂ ୨୫/୨୬ଆର୍ଥିକବର୍ଷରେ ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଉନ୍ନୟନକାର୍ଯ୍ୟ କରିବାକୁ ଦିଆଯାଉଥିବା ନେଇ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏହି ପତ୍ରରେ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ୨୦୨୩/୨୪ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୧୩ଗୋଟି ରାଜସ୍ୱଗ୍ରାମରେ ଗ୍ରାମସଭା କରାଯାଇ ୨କୋଟି ୬୦ଲକ୍ଷ ଅନୁଦାନ ଆସିଥିବା ବେଳେ ଅନୁରୂପ ଭାବେ ୨୦୨୩/୨୪ରେ ସ୍ୱତନ୍ତ୍ର ଉନ୍ନୟନପରିଷଦ(ଏସଡିସି)ଯୋଜନାରେ ୧କୋଟି ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ,୨୦୨୫/୨୬ଆର୍ଥିକ ବର୍ଷରେ ଛାତ୍ରାବାସ ମରାମତି ୪୪ଲକ୍ଷ ୬୬ହଜାର, ସେହିପରି ୨୫/୨୬ଆର୍ଥିକ ବର୍ଷରେ ପାଚେରୀ ଉଚ୍ଚତା ପାଇଁ ୨କୋଟି, ଷ୍ଟାଫକ୍ୱାଟର ମରାମତି ପାଇଁ ୩୮ଲକ୍ଷ, ସ୍କୁଲରେ ପାନୀୟଜଳ ଯୋଗାଣ ପାଇଁ ୭ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏସମସ୍ତ ଅର୍ଥର ଉନ୍ନୟନକାର୍ଯ୍ୟ କରିବାପାଇଁ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଅଭିଯୋଗକରି ଆସନ୍ତା ଜାନୁଆରୀ ୨୮ତାରିଖ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବବୋଲି ଏହି ଲୋକପ୍ରତିନିଧିମାନେ କହିବା ସହ ବାଲେଶ୍ୱର ଜିଲ୍ଲାପାଳ, ଏସପି, ନୀଳଗିରି ଉପଜିଲ୍ଲାପାଳ, ଏସଡି ପିଓ, ଆଇଆଇସି ଏବଂ ଏସଡିଏମଓଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ନୀଳଗିରି ପଞ୍ଚାୟତସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ସମିତିସଭ୍ୟା ବିନତା ମଢେଇ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାୟବ ସରପଂଚ ହରେକୃଷ୍ଣ ମାଝୀ, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ, ରମାକାନ୍ତ ମଢ଼େଇ ,ମଛୁଆ ସମିତିସଭ୍ୟ ପ୍ରମୁଖ ବହୁ ନିର୍ବାଚିତ ଲୋକପ୍ରତିନିଧି ଏହି ଅଭିଯୋଗ ଆଣିଥିବା ସୂଚନା ମିଳିଛି।

# ଅଟୋକୁ ବିନା ହେଲମେଟର ଫାଇନ

ଭଦ୍ରକ, (ସବ୍ୟୁ): ଅଟୋକୁ ବିନା ହେଲମେଟର ଫାଇନ ।ଏହି ଘଟଣା ଭଦ୍ରକ ଜିଲ୍ଲା ଆଗରପଡ଼ା ଅଞ୍ଚଳରେ ଘଟିଛି । ସେଠାରେ ଗୋଟିଏ ଅଟୋ ଗାଡି ନାଁରେ କଟାଯାଇଛି ବିନା ହେଲମେଟ ଚାଲାଣ । ନିଜ ଅଟୋର ପଲ୍ୟୁସନ ସାର୍ଟିଫିକେଟ କରିବାକୁ ଯିବା ବେଳେ ନଜରକୁ ଆସିଛି ଏଭଳି ସାଙ୍ଘାତିକ ତ୍ରୁଟି । ଅଟୋ ଚାଳକ ରାମକୃଷ୍ଣ ନାଥଙ୍କ ନିଜ ଅଟୋ ନେଇ ପ୍ରଦୂଷଣ ଯାଞ୍ଚ କରିବାକୁ ଯାଇଥିଲେ । ସେହି ସମୟରେ ଗାଡି ନାମରେ ଏକ ହଜାର ଟଙ୍କାର ବକେୟା ଫାଇନ୍ ଦେଖାଇଥିଲା । ତାହା ଗାଡିର କାଗଜପତ୍ର କିମ୍ବା ପଲ୍ୟୁସନ ପାଇଁ ନୁହେଁ, ବରଂ ହେଲମେଟ ପିନ୍ଧି ନଥିବା କାରଣରୁ କଟାଯାଇଛି। ମୋଟର ଯାନ ଅଧିନିୟମ ଅନୁଯାୟୀ କେବଳ ଦୁଇ ଚକିଆ ଯାନ ପାଇଁ ହେଲମେଟ୍ ବାଧ୍ୟତାମୂଳକ। କିନ୍ତୁ ତିନି ଚକିଆ ଅଟୋ ପାଇଁ ହେଲମେଟ୍ ଚାଲାଣ କଟିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।ଏହି ଚାଲାଣଟି ଆଜିର ନୁହେଁ, ବରଂ ୧୭ ନଭେମ୍ବର ୨୦୨୧ ମସିହାର ବୋଲି ଜଣା ପଡ଼ିଛି।ତେବେ ଏହି ତ୍ରୁଟି ପାଇଁ ରାମକୃଷ୍ଣ ହଇରାଣ ହେବା ସହ ତାଙ୍କ ଗାଡିର ପଲ୍ୟୁସନ୍ ସାର୍ଟିଫିକେଟ୍ ଅଟକି ରହିଛି।

# ଦେଢ଼ଶୁର ଆକ୍ରମଣରେ ଭାଇବୋହୂ ଗୁରୁତର : ଦୁଇ ଗିରଫ

ସୋର,(ସବ୍ୟୁ): ଗତ ଜାନୁଆରୀ ୧୨ ତାରିଖରେ ସୋର ଥାନା ଚିଉଳ ଗ୍ରାମରେ ଗଛ କଟାକୁ କେନ୍ଦ୍ର କରି ଦେଢ଼ଶୁରଙ୍କ ଆକ୍ରମଣରେ ଭାଇବୋହୂ ଗୁରୁତର ଆହତ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି।ଅଭିଯୋଗ ଅନୁସାରେ ଏହି ଗ୍ରାମର ଅଭିରାମ ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ତାଙ୍କ ବାଡ଼ିରେ ଏକ ଆମ୍ବ ଗଛ ଲଗାଇଥିଲେ। କିନ୍ତୁ ଆମ୍ବ ଗଛ ଟିକୁ କେହି କାଟି ଦେଇଥିବାରୁ ଅହଲ୍ୟା ଗାଳି ଗୁଲଜ କରିଥିଲେ। ଫଳରେ ଏଥିରେ ଉତକ୍ଷିପ୍ତ ହୋଇ ଦେଢ଼ଶୁର ପ୍ରଫୁଲ୍ଲ ନାୟକ(୬୪) ଏବଂ ଶିଶିର ନାୟକ(୪୬) ବିଭିନ୍ନ ମରଣାସ୍ତ୍ର ସହ ଅହଲ୍ୟାଙ୍କ ଘର ମଧ୍ୟରେ ପଶି ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅହଲ୍ୟାଙ୍କ ମୁଣ୍ଡ, ଗୋଡ଼, ଦେହରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ଏହା ଦେଖି ତାଙ୍କ ଝିଅ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବରପାଇ ଅହଲ୍ୟାଙ୍କ ସ୍ୱାମୀ ଅଭିରାମ ଘରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଅହଲ୍ୟା ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନାରେ କେଶ୍ ନମ୍ବର ୪୩/୨୬ ରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ ଉଭୟଙ୍କୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୨୫ ବାଲି ବୋଝେଇ ହାଇୱା ଜବତ

ଆଗରପଡ଼ା/ବନ୍ତ,(ସବ୍ୟୁ): ବନ୍ତ ପୋଲିସ୍ ଓ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅପରେସନ ବାଲୁବଜ୍ରରେ ୨୫ଟି ବାଲି ବୋଝେଇ ହାଇୱା ଜବତ୍ ହେବା ସହ ୫ଜଣ ଚାଳକ ଅଟକ ଥିବାର ଜଣା ପଡ଼ିଛି। ଭଦ୍ରକ ଓ ବନ୍ତ ପୋଲିସ୍ ଓ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଭଦ୍ରକ ଆନନ୍ଦପୁର ୫୩ନମ୍ବର ରାଜ୍ୟ ରାଜପଥର ଆପଣ୍ଡା ଛକ ଠାରୁ ବନ୍ତ ବଜାର ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ନିକଟସ୍ଥ କେନ୍ଦୁଝର ହାଟଡିହି ତହସିଲ ଅଂଚଳର ହାବଳେଶ୍ୱର,ଆଇତପୁର,ଅମୃତପୁର ସମେତ ବିଭିନ୍ନ ବେଆଇନ ବାଲିଘାଟରୁ ହାଇୱା ଗୁଡ଼ିକ ବେଧଡ଼କ ଭାବେ ଭଦ୍ରକ ଆନନ୍ଦପୁର ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ପରିବହନ କରୁଥିବାବେଳେ ଚଢ଼ାଉ ସମୟରେ ଏହି ୨୫ଗୋଟି ହାଇୱା ଜବତ୍ କରାଯାଇଛି। ଏହା ସହ ପୋଲିସର ଏହି କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟାକୁ ଦେଖି କେତେକ ଚାଳକ ରାଜପଥର ଉଭୟ ପାଶର୍ବରେ ଓ ମଝିରେ ବାଲି ଢ଼ାଳି ଖସି ଯାଉଥିବାବେଳେ ସେହି ଗାଡ଼ି ଗୁଡ଼ିକୁ ମଧ୍ୟ ପୋଲିସ୍ ନିଜ ହେପାଜତକୁ ନେବା ସହ ୫ଜଣ ଚାଳକଙ୍କୁ ଅଟକ ରଖି ମାମଲା ରୁଜ୍ଜୁ କରିଥିବା ଜଣାପଡ଼ିଛି। ତେବେ ବେଆଇନ ବାଲି ଚାଲାଣରେ ସମ୍ପୃକ୍ତ ହାଇୱା ମାଲିକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପୋଲିସ୍ ପକ୍ଷରୁ ସୂଚନା ରହିଛି।

# ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର



ବାଲେଶ୍ୱର,(ସବ୍ୟୁ): ଆନନ୍ଦମାର୍ଗ ପ୍ରଚାରକ ସଂଘ ବାଲେଶ୍ୱର ଶାଖା ଦ୍ୱାରା ଆୟୋଜିତ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର ଆଲୋଚନା ଚକ୍ର ଓ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଚଳିତମାସ ୧୬ ତାରିଖ ଠାରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସଦର ବ୍ଲକ ଅନ୍ତର୍ଗତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିଂଶ ଶତାବ୍ଦୀର ଋଷି ,ଦାର୍ଶନିକ ପ୍ରଭାତ ରଂଜନ ସରକାର ଆତ୍ମିକ ଦର୍ଶନ ଓ ସାମାଜିକ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ସମାଜସେବୀ, ଦାର୍ଶନିକ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଡକ୍ଟର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇଥିବା ବେଳେ ଆନନ୍ଦମାର୍ଗ ବିଦ୍ୟାଳୟର ଚେୟାରମେନ ଭଗବାନ ଗୁପ୍ତା ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଉଷ୍ଟି ବ୍ଲକ କାହ୍ନୁ ଚରଣ ବେହୁରା, ରାଜଶ୍ରୀ ବିଶ୍ୱାଳ, ଯୁବ ବିକାଶ ସଂସ୍ଥାପକ ଗୋବିନ୍ଦ ଦଳେଇ, ନ୍ୟୁଜିଲାଣ୍ଡରୁ ଆନନ୍ଦ ଅନୁପ୍ରଭା ଆଚାର୍ଯ୍ୟ, ଡକ୍ଟର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅବଦୂତ ଭାବା ମିତ୍ର ନନ୍ଦ, ପ୍ରମୋଦ କୁମାର କରଣ, ରଂଜନ କୁମାର ନାୟକ,ଚୌଧୁରୀ ଶରତ କୁମାର ଦାସ, ଅଧ୍ୟାପିକା ଅନସୂୟା ପାତ୍ର, ତରୁଲତା ଜେନା,ଚନ୍ଦ୍ରଗୁପ୍ତ ଲେଙ୍କା, ପିତାମ୍ବର ଭୂୟାଁ, ଅରବିନ୍ଦ ବେହେରା, ଡକ୍ଟର କୁଳମଣି ନାୟକ, କେଦାରନାଥ ସାହୁ, ତରଣୀସେନ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର, ଭଦ୍ରକ, କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାଗୁଡ଼ିକରୁ ଶତାଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଘାଟିତ



ଯୋଡା ,(ସବ୍ୟୁ): ଯୋଡା ମହିଳା ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଦିନ ଉଦଘାଟିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୩୦ ତାରିଖ ଯାଏ ଚାଲିବ । ଏହି କାର୍ଯ୍ୟକ୍ରମରେ ୧୩୯ ଜଣ ଛାତ୍ରୀ ୩ ଟି ଗ୍ରୁପରେ ବିଭକ୍ତ ହୋଇ ଅଂଶଗ୍ରହଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ତଥା ଅବସରପ୍ରାପ୍ତ ସୈନିକ ଭକ୍ତ ହେମ୍ବ୍ରମ। ସ୍ୱାଗତ ଭାଷଣ ଦେଇଥିଲେ କଲେଜର ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ବିଜୟ କୁମାର ନାୟକ। କଲେଜ ପଢୁଥିବା ଝିଅମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅତ୍ୟନ୍ତ ଜରୁରୀ କାରଣ ଏହା ସେମାନଙ୍କୁ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ଭାବରେ ସଶକ୍ତ କରିଥାଏ। ଏହା ଭୟକୁ ଶକ୍ତିରେ ଏବଂ ଦୁର୍ବଳତାକୁ ଆତ୍ମବିଶ୍ୱାସରେ ପରିଣତ କରିଥାଏ, ଯାହା ସୁରକ୍ଷିତ ଶିକ୍ଷାଗତ ସ୍ଥାନ ଏବଂ ଏକ ଅଧିକ ସଶକ୍ତ ସମାଜ ଗଠନରେ ଯୋଗଦାନ କରିଥାଏ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ମାଷ୍ଟର ଟ୍ରେନର ଭାରତୀ ଭଗବତୀ ଓ ସାଇପ୍ରିୟା ରାଉତ ।ଏହି କାର୍ଯ୍ୟକ୍ରମର ସଂଯୋଜନା କରୁଛନ୍ତି ଅଧ୍ୟାପିକା ସୁମନପ୍ରଭା ତିର୍କୀ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିବା ଅନ୍ୟ ଅଧ୍ୟାପିକାମାନେ ହେଲେ ଗୀତା ମିଶ୍ର, ଜୟଶ୍ରୀ ମହାନ୍ତି, ସୁଚିତ୍ରା ଦାଶ ଓ ଶ୍ରୁଶ୍ରୀ ଶୁଭଦର୍ଶିନୀ ପଣ୍ଡା । ଉଦଘାଟନ କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ଅଧ୍ୟାପକ ଅନୀଲ ଜେନା ।

# ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସଫଳତା




କେନ୍ଦୁଝର, (ସବ୍ୟୁ): ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଗତ୧୬ ଓ ୧୭ ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ନବ ସୃଜନ ଓ ନୂଆ ଉଦ୍ୟମ କାର୍ଯ୍ୟକ୍ରମରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ଶ୍ରୀୟା ପ୍ରଧାନ ସଫଳତା ଲାଭ କରିଛନ୍ତି । ଏହି କୃତୀ ଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଭାବେ ଦିଗ ଦର୍ଶନ ଦେଇଛନ୍ତି କମ୍ପ୍ୟୁଟର ସାଇନ୍ସ ବିଭାଗର ଅଧ୍ୟାପିକା ଭାର୍ଗବୀ ମହାନ୍ତ ଏବଂ ଏହି ବିଜ୍ଞାନଭିତ୍ତିକ ପ୍ରକଳ୍ପକୁ ପ୍ରଦର୍ଶିତ କରିବା ପାଇଁ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ସଂଯୋଜିକା ଡକ୍ଟର ପ୍ରୀତିମଞ୍ଜରି ମିଶ୍ର ସହଯୋଗ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଉଦ୍ଦେଶ୍ୟରେ ଛାତ୍ରୀଙ୍କ ଉତ୍ତରତ୍ତୋର କାମନା କରି କହିଛନ୍ତି ଯେ ଆମ ମହାବିଦ୍ୟାଳୟର ତଥା କେନ୍ଦୁଝର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ଏ ଯୁବ ବୈଜ୍ଞାନିକଙ୍କ ପାଇଁ । ଏହି ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଛାତ୍ରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିବା ସହ ଆଶୀର୍ବାଦ କରିଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଯୁବକଯୁବତୀଙ୍କ ନବ ଭାବନା, ସୃଜନଶୀଳତା ଓ ଉଦ୍ୟମକୁ ପ୍ରୋତ୍ସାହନ ଦେବା । ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଯୋଗୀମାନେ କୃଷି, ସ୍ୱାସ୍ଥ୍ୟ, ପରିବେଶ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପୂର୍ବ କୌଶଳ ଓ ସ୍ୱୟଂରୋଜଗାର ସମ୍ବନ୍ଧୀୟ ନବ ନବ ବୁଦ୍ଧିମତା ପ୍ରଦର୍ଶନ କରିଥିଲେ । ତାଙ୍କର ନୂଆ ଚିନ୍ତାଧାରା ଓ ବ୍ୟାବହାରିକ ପରିକଳ୍ପନା ନ୍ୟାୟାଧୀଶମଣ୍ଡଳୀଙ୍କୁ ବେଶ ପ୍ରଭାବିତ କରିଥିଲା । ବାସ୍ତବତାର କଥା ଏହା ଯେ ଶ୍ରେଷ୍ଠ ଦଶଗୋଟି ପ୍ରକଳ୍ପ ମଧ୍ୟରେ ସରକାରୀ ମହିଳା ମହାବଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶ୍ରୀୟା ପ୍ରଧାନଙ୍କୁ ଚୟନ କର୍ତ୍ତାମାନେ ଭୂୟସୀ ପ୍ରଶଂସା କରିଥିଲେ ଓ ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଓ ଆର୍ଥିକ ସହାୟତା ପୂର୍ବକ ୫ଲକ୍ଷ ଟଙ୍କା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ପ୍ରଦାନ କରିଥିଲେ ଓ ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତି ପାଇଁ ଆଶୀର୍ବାଦ କରିବା ସହ ଆବଶ୍ୟକୀୟ ସରଞ୍ଜାମ ସରକାରଙ୍କ ପକ୍ଷରୁ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂର୍ବରୁ ଧରଣୀଧର ବିଶବିଦ୍ୟାଳୟ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କ ଭିତରେ ମନୋନୀତ ହେବା ସହ ମାନପତ୍ର, ଉପଢୌକନ ଓ ଏକ ଲକ୍ଷ ଟଙ୍କା ସହାୟତା ରାଶି ମିଳିଥିଲା । ଏଥି ସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

# ୫ ନମ୍ବର ୱାର୍ଡ କାଉନସିଲରଙ୍କ ଜନହିତକର କାର୍ଯ୍ୟ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ପୌରପାଳିକାର ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକଙ୍କ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ରବିବାର ମାନସିଂ ବଜାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୦୦ ଜଣଙ୍କ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ସେହିପରି ଜନସେବା କେନ୍ଦ୍ର ସାହାଯ୍ୟରେ ବିଦ୍ୟାଳୟ ଠାରେ ୱାର୍ଡର ଅନେକ ହିତାଧିକାରୀ ମାନଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ଶ୍ରମିକ କାର୍ଡ ଅନ ଲାଇନ ଆବେଦନ, ବିଭିନ୍ନ ପ୍ରକାର ଭତ୍ତା ଆବେଦନ, ନୂଆ ଭୋଟର ପରିଚୟ ପତ୍ର ସଂଯୋଗୀକରଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରିତିକ ଜି, ଦେବାଶିଷ ଦାଶ, ମନୋରଞ୍ଜନ ମିଶ୍ର, ଅନ୍ନପୂର୍ଣ୍ଣା ବେହେରା, ଶାନ୍ତିଲତା ବେହେରା, ଉମାକାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

# ନନ୍ଦୋର ମୁନୀ ମହୋତ୍ସବ ଉଦ୍‌ଯାପିତ

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନନ୍ଦୋର ମୁନୀ ପଡିଆରେ ଚାଲିଥିବା ଓଝାପୋଖରୀ ନନ୍ଦୋର ମୁନୀ ମହୋତ୍ସବ ରବିବାର ସନ୍ଧ୍ୟାରେ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ଶେଷ ସଂଧ୍ୟାରେ ଓଡିଶାର ଖ୍ୟାତିସମ୍ପର୍ଣ୍ଣ କଳକାର ଅଭିଷେକ ପଣ୍ଡା ଓ ପ୍ରୀତି ବିଶ୍ୱାଳଙ୍କ ସଂଳାପ ଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଆୟୋଜିତ ସଭାରେ ସୋର ରେଞ୍ଜର ହରିହର ମାଝୀ ଓ ସାମ୍ବାଦିକ ତପୋଧନ ବାରିକ,ସମାଜସେବୀ ବୈକୁଣ୍ଠ ସାମଲ,ଟିପୁ ଓଝା,ଆଦର୍ଶ ଶିକ୍ଷକ ନରହରି ରାଉଳ ଯୋଗ ଦେଇ ମହୋତ୍ସବ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଦୁର କରି ଆପଣା ପଣିଆରେ ବାନ୍ଧି ରଖିଥାଏ ବୋଲି କହିଥିଲେ । ମଞ୍ଚ ପରିଚାଳକ ସୁଶାନ୍ତ ମହାପାତ୍ର ଓ ସୁବାସ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ସଂଧ୍ୟାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ଜିଲ୍ଲା ପରିଷଦ ମାନସ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

**AFFIDAVIT**

By virtue of an affidavit no. 122 dated- 13/01/2026 sworn before The Executive Magistrate, Karanjia, I, PRIYANKA PRIYADARSHINEE, D/o Banchhanidhi Prusty aged about 34 yrs, resided at Manika Chhaka, Karanjia, Mayurbhanj, PIN-757037, Odisha declare that DEBASMITA PRUSTY and PRIYANKA PRIYADARSHINEE are one and the same person. Henceforth I will be known as **PRIYANKA PRIYADARSHINEE** for all future purposes.

**AFFIDAVIT**

I, Karyampudi Vasantha Lakshmi W/o-Akurathi Pavan Kumar, resident of E-47, NTPC, Talcher, Thermal Township, Talcher Thermal, PS- Talcher, dist-Angul, Odisha-759101, declare by this affidavit No-515 DT-19.01.2026, at Executive magistrate Talcher, that now onwards I shall be known as **Karyampudi Vasantha Lakshmi** instead of **Vasantha Lakshmi Akurathi** for all future purpose.

(ଶ୍ରୀମଦ୍ଭଗବଦ୍ ଗୀତା ୨/୧୯)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

**ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।**
**ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ।। ୧୯ ।।**

(ତଦେବଂ ଭୀଷ୍ମାଦିମୃତ୍ୟୁନିମିତ୍ତଃ ଶୋକଃ ନିବାରିତଃ ଯତ୍ ଚ 'ଏତାନ୍ ନ ହନ୍ତୁ ଇଚ୍ଛାମି' ଇତ୍ୟାଦିନା ଆତ୍ମନଃ ହନ୍ତୃତ୍ୱନିମିତ୍ତଂ ଦୁଃଖମୁକ୍ତଂ: ତଦପି ତଦ୍ୱଦେବ ନିର୍ନିମିତ୍ତମିତ୍ୟାହ)–ଯଃ ଏନଂ......... ।। ୧୯ ।।

# ପଚିଶ ବର୍ଷର ଅତିକ୍ରମଣ, ୱିକିପେଡିଆ

ଏବେ ବିଶ୍ୱରେ ଆଦୃତ ହୋଇଥିବା ଅନ୍‌ଲାଇନ ୱିକିପେଡିଆ ପଚିଶ ବର୍ଷ ଅତିକ୍ରାନ୍ତ କରିଛି ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହା ଏକ ବିରାଟ ଆବଶ୍ୟକତା ବୋଲି ମନେ ହୋଇଛି । ୱିକିପେଡିଆ ଫାଉଣ୍ଡେସନର ବିଦାୟୀ ସିଇଓ (ଚିଫ୍ ଏକଜିକ୍ୟୁଟିଭ ଅଫିସର) ମାରିୟାନା ଇଜକାନଜର ଆଗାମୀ ଭବିଷ୍ୟତରେ ଏହାର ଅପରିହାର୍ଯ୍ୟତା ଓ ଆହ୍ୱାନ ବିଷୟରେ ସୂଚନା ଦେଇଛନ୍ତି । ସେ ହିଂମାଂଶି ଧାୱନଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ଯେ ସାରା ବିଶ୍ୱରେ ୱିକିପେଡିଆ ଦେଖଣାହାରୀଙ୍କ ସଂଖ୍ୟାର ପଞ୍ଚମ ସର୍ବାଧିକ ସ୍ଥାନରେ ଭାରତ ରହିଛି ।

ପ୍ରଥମେ ଭାରତ କମ୍ପ୍ୟୁଟର ବା ଡିଜିଟାଲ କ୍ଷେତ୍ରରେ ବହୁ ପଛରେ ପଡି ରହିଥିଲା । ମାତ୍ର ଏହି ଡିଜିଟାଲ ପ୍ରୟୋଗ କ୍ଷେତ୍ରରେ ଭାରତ ଏବେ ଖୁବ୍ ଆଗରେ ରହିଛି । ଅତ୍ୟାଧୁନିକ ଏହି ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ଭାରତରେ ଅଧିକ ପ୍ରଶସ୍ତ କରାଯାଇ ଏ.ଆଇ. (କୃତ୍ରିମ ବୁଦ୍ଧିମତ୍ତା)କୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେପରି ଉଦ୍ୟମ ଜାରି ରଖିଛନ୍ତି, ତାହା ଯେ ଭାରତକୁ ଅଗ୍ରସର ହେବା ଦିଗରେ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ । ଯୁଗ ବଦଳୁଛି, ଯୁଗ ସହିତ ତାଳ ଦେଇ ଆଗକୁ ଚାଲିବାକୁ ହେବ । ଏହି ଏକବିଂଶ ଶତାବ୍ଦୀର ଗୋଟିଏ ପର୍ଯ୍ୟାୟ ଅର୍ଥାତ୍ ପଚିଶ ବର୍ଷ ଆମେ ଅତିକ୍ରମ କରୁଛୁଁ । ଆଉ ପ୍ରାୟ ବାଇଶ ବର୍ଷ ପରେ ଭାରତ ଯେତେବେଳେ ତା' ସ୍ୱାଧୀନତାର ଶତବାର୍ଷିକରେ ଉପନୀତ ହେବ, ସେତେବେଳକୁ ଭାରତ ଆଉ ବିକାଶଶୀଳ ରାଷ୍ଟ୍ର ନ ହୋଇ ହୁଏତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ । ସେହି ବିକଶିତ ରାଷ୍ଟ୍ରକୁ ଦେଖିବା ଲାଗି ଆମମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ଆଉ ନଥିବେ । ଦୀର୍ଘ ଦିନର ପରାଧୀନତା ପରେ ଯେତେବେଳେ ସ୍ୱାଧୀନ ଭାରତ ଏବେ ଆତ୍ମନିର୍ଭର ପଥରେ ଆଗକୁ ଆଗକୁ ବଢୁଛି, ସେତେବେଳେ ଆମର କର୍ତ୍ତବ୍ୟ କ'ଣ ? ଏ ବିଷୟରେ ଆତ୍ମସମୀକ୍ଷା କରାଯିବା ଆବଶ୍ୟକ ।

**ଆଉ ପ୍ରାୟ ବାଇଶ ବର୍ଷ ପରେ ଭାରତ ଯେତେବେଳେ ତା' ସ୍ୱାଧୀନତାର ଶତବାର୍ଷିକରେ ଉପନୀତ ହେବ, ସେତେବେଳକୁ ଭାରତ ଆଉ ବିକାଶଶୀଳ ରାଷ୍ଟ୍ର ନ ହୋଇ ହୁଏତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ । ସେହି ବିକଶିତ ରାଷ୍ଟ୍ରକୁ ଦେଖିବା ଲାଗି ଆମମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ଆଉ ନଥିବେ । ଦୀର୍ଘ ଦିନର ପରାଧୀନତା ପରେ ଯେତେବେଳେ ସ୍ୱାଧୀନ ଭାରତ ଏବେ ଆତ୍ମନିର୍ଭର ପଥରେ ଆଗକୁ ଆଗକୁ ବଢୁଛି, ସେତେବେଳେ ଆମର କର୍ତ୍ତବ୍ୟ କ'ଣ ? ଏ ବିଷୟରେ ଆତ୍ମସମୀକ୍ଷା କରାଯିବା ଆବଶ୍ୟକ ।**

ଯେଉଁ ୱିକିପେଡିଆ ଏବେ ପଚିଶ ବର୍ଷ ଅତିକ୍ରମ କରିଛି, ତାହା ଭାରତ ବିରୋଧୀ ଓ ହିନ୍ଦୁ ବିରୋଧୀ ବୋଲି ମଧ୍ୟ ଅଭିଯୋଗମାନ ହୋଇଛି । ମାତ୍ର ଏହାକୁ ନିର୍ଭୁଲ ଓ ନିରପେକ୍ଷ କରାଯିବା ବିଷୟରେ ଉଦ୍ୟମ ଜାରି ରହିଛି ବୋଲି ଏହାର ବିଦାୟୀ ସିଇଓ ଶ୍ରୀମତୀ ମାରିୟାନା ଇଦକା ନଜର ପ୍ରକାଶ କରିଛନ୍ତି । ଏହାର ତ୍ରୁଟିପୂର୍ଣ୍ଣ ଭୂମିକା ବିଷୟରେ ଅନେକ ସମୟରେ ଅଭିଯୋଗମାନ ହୋଇ ଆସିଛି । ଥରେ ଓଡ଼ିଶା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିମଳ ଦାସ ଏ ଲେଖକଙ୍କୁ ପ୍ରଶ୍ନ କରିଥିଲେ, (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଗୌରଚନ୍ଦ୍ର ମହାପାତ୍ର ୨୦୧୮ରେ ପରଲୋକ ଗମନ କରିବା ପରେ) ଯେ ୱିକିପେଡିଆରେ କାନ୍ତକବିଙ୍କର ଜଣେ ମାତ୍ର ପୁତ୍ର ନିତ୍ୟାନନ୍ଦ ମହାପାତ୍ର ଅଛନ୍ତି ବୋଲି ଦର୍ଶାଯାଇଛି । ସେ ପର୍ଯ୍ୟନ୍ତ ଏ ଲେଖକ ମଧ୍ୟ ତାହାକୁ ଆବିଷ୍କାର କରି ନଥିଲା । ପରେ ସମ୍ଭବତଃ ଏହାର ସଂଶୋଧନ ପାଇଁ ଉଦ୍ୟମ ହୋଇଥିଲା । ସେହିପରି ଓଡ଼ିଶାର ପ୍ରଥମ ମହିଳା ସତ୍ୟାଗ୍ରହୀ, ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କର ଜନ୍ମ ଦିବସ ୧୯୦୪, ଅଗଷ୍ଟ ୯ ତାରିଖରେ ଜଗତସିଂହପୁର ଜିଲ୍ଲାରେ ହୋଇଥିଲେ ମଧ୍ୟ କେତେଜଣ ତାହା ୧୯୦୪, ଅଗଷ୍ଟ ୧୯ ତାରିଖ ବୋଲି କୁଆଡେ ମନ୍ଦ ଉଦ୍ଦେଶ୍ୟ ରଖି ପରିବର୍ତ୍ତନ କରିଥିଲେ । ୱିକିପେଡିଆରେ ଦୀର୍ଘ ଦିନ ଧରି ତାହା ଅଗଷ୍ଟ ୧୯ ବୋଲି ରହିବା ପରେ ଏବେ ତାହାର ପରିବର୍ତ୍ତନ କରାଯାଇ ସାରିଛି । ଅଥଚ ଦୀର୍ଘ ଦିନ ଧରି ଏ ସଂକ୍ରାନ୍ତରେ ପ୍ରମାଣଯୋଗ୍ୟ ତଥ୍ୟ ଗୁଗଲକୁ ଓ ୱିକିପେଡିଆକୁ ଦିଆଯିବା ପରେ ମଧ୍ୟ ତାହାର ପରିବର୍ତ୍ତନ ବିଳମ୍ବରେ ହୋଇଥିଲା ବୋଲି ସାରଳା ଦେବୀଙ୍କର ଜଣେ ପୌତ୍ର ଶ୍ରୀ ଭବାନୀ ମହାପାତ୍ର ପ୍ରକାଶ କରିଛନ୍ତି ।

ଇଂରାଜୀ ଭାଷାରେ ପ୍ରକାଶିତ ଏହି ଅନ୍‌ଲାଇନ ୱିକିପେଡିଆ ପଚିଶ ବର୍ଷ ଅତିକ୍ରାନ୍ତ କରିଥିଲେ ମଧ୍ୟ ଏହା ଅନ୍ୟତମ ଜନାଦୃତ ସୂଚନା ସମ୍ବଳିତ ତଥ୍ୟ, ଯାହା ଆଧାରରେ ଅନେକ କଥା କୁହାଯାଇ ପାରୁଛି ଓ ଲେଖାଯାଇ ପାରୁଛି । ଏଥିରେ ସାରା ବିଶ୍ୱରେ ୨୬୭, ୦୯୦ ଜଣ ସମ୍ପାଦକ ସ୍ୱେଚ୍ଛାକୃତ ଭାବେ ସକ୍ରିୟ ରହିଛନ୍ତି । ସେହିପରି ଏଥିରେ ୭ ଲକ୍ଷ ୧୨୪ ହଜାର ୨୮ ଗୋଟି ନିବନ୍ଧ ସନ୍ନିହିତ ବୋଲି କୁହାଯାଉଛି ।

ଗତ ୨୦୦୧ ଜାନୁଆରୀ ମାସରୁ ଏହି ୱିକିପେଡିଆ ନୁପେଡିଆର ଏକ ପାର୍ଶ୍ୱ ପରିଯୋଜନା ଭାବେ ଆରମ୍ଭ କରାଯାଇଥିଲା । ବିଭିନ୍ନ ଆଲେଖ୍ୟ ସହଯୋଗରେ ଏହା ଗଠନ କରାଯାଇଥିଲା । ଗତ ୨୦୦୧ ଜାନୁଆରୀ ୧୧ ତାରିଖରେ ସଙ୍ଗର ନାମକ ଜଣେ ବ୍ୟକ୍ତି, ଅବିଳମ୍ବେ କେତେକ ଶବ୍ଦର ବ୍ୟବହାର କରିବା ସକାଶେ ଏହାର ନାମ ୱିକିପେଡିଆ କରିଥିଲେ ବୋଲି ଜଣାଯାଇଛି । ହଜାର ହଜାର ବ୍ୟକ୍ତି ଏହାର ସ୍ୱେଚ୍ଛାକୃତ ସମ୍ପାଦକ ଭାବେ ଏବେ କାର୍ଯ୍ୟରତ । ଭାରତରେ ଯଦିଓ ଏହା ଖୁବ୍ ଲୋକପ୍ରିୟ, ତଥାପି ପ୍ରକୃତ ତଥ୍ୟ ଓ ନିରପେକ୍ଷତା ଆଧାରରେ ଏହା ଅଗ୍ରଗମନ କରିବ ବୋଲି ଆମେମାନେ ଆଶା କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶାରେ ଅର୍ଥନୀତିର ବିକାଶପାଇଁ ପର୍ଯ୍ୟଟନ ଶିଳ୍ପ



ବିଦ୍ୟାଧର ମହାରଣା

ଅସରନ୍ତି ପ୍ରାକୃତିକ ସମ୍ପଦ, ବିସ୍ତୀର୍ଣ୍ଣ ବେଳାଭୂମି, ବିଶ୍ୱପ୍ରସିଦ୍ଧ ଧାର୍ମିକ ଅନୁଷ୍ଠାନ, ଐତିହ୍ୟ ଓ ଐତିହାସିକ ପର୍ଯ୍ୟଟନ ସ୍ଥଳ ଏବଂ ଅସଂଖ୍ୟ ଜଳପ୍ରପାତ ଥାଇ ମଧ୍ୟ ଦେଶରେ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସେତେଟା ଅଗ୍ରଗତି କରିପାରିନାହିଁ । ଉତ୍ତର ଭାରତ ଓ ଦକ୍ଷିଣ ଭାରତର ମିଶ୍ରିତ ଜଳବାୟୁ , ସମୁଦ୍ର ପତ୍ତନଠାରୁ ଆରମ୍ଭ କରି ସୁଉଚ୍ଚ ପାର୍ବତ୍ୟମାଳା, ଅଭୟାରଣ୍ୟ, ଚିଲିକା ଓ ଅଂଶୁପା ହ୍ରଦ, ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମର ପ୍ରାଚୀନ କୀର୍ତ୍ତି , ଶିଳ୍ପୀଗ୍ରାମ ,ଚାହା ଓ କଫି ବଗିଚା, ଆଧୁନିକ ଜଳସେଚନ ପ୍ରକଳ୍ପ, ଆଦିବାସୀ କଳା ଓ ସଂସ୍କୃତି ଇତ୍ୟାଦି ରାଜ୍ୟର ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶାରେ ଅପୂର୍ବ ସମ୍ଭାବନା ସୃଷ୍ଟି କରିଛି । କେବଳ ଏଥିରେ ବାଧକ ସାଜିଛି ଭିତ୍ତିଭୂମିର ଅଭାବ, ପର୍ଯ୍ୟଟନ ଅନୁଷ୍ଠାନଗୁଡିକର ସାମାଜିକ ପରିବେଶ, ପର୍ଯ୍ୟଟନ ସହିତ ଜଡିତ ବ୍ୟକ୍ତି ଓ ଅନୁଷ୍ଠାନଗୁଡିକର ଦକ୍ଷତା ଅଭାବ ଏବଂ ଉପଯୁକ୍ତ ଗମନାଗମନ ଏବଂ ଅଧିକ ଦିନ ରହଣିପାଇଁ ସୁଯୋଗର ଅଭାବ ।

କୌଣସି ରାଜ୍ୟ ବା ଦେଶକୁ ଯେତେ ଅଧିକ ପର୍ଯ୍ୟଟକ ଆସିବେ ଓ ଯେତେ ଅଧିକ ଦିନ ରହିବେ ଦେଶର ବା ରାଜ୍ୟର ସେତେ ଅର୍ଥନୈତିକ ପ୍ରଗତି ହେବ । ଭାରତକୁ ୨୦୨୪ ମସିହାରେ ପ୍ରାୟ ୫୨ ନିୟୁତ ବିଦେଶୀ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିଲେ । ଅଥଚ ଥାଇଲାଣ୍ଡ ପରି ଏକ ଛୋଟ ଦେଶକୁ ୨୦୨୧ ମସିହାରେ ୩୨.୪୦ ନିୟୁତ ବିଦେଶୀ ପର୍ଯ୍ୟଟକ ଓ ସେହିବର୍ଷ ଭିଏତନାମକୁ ୧୭.୫୮ ନିୟୁତ ବିଦେଶୀ ପର୍ଯ୍ୟଟକ ଆସିଥିଲେ । ୨୦୨୪ ମସିହାରେ ଫ୍ରାନସ୍‌କୁ ପ୍ରାୟ ୧୦୦ ନିୟୁତ ବିଦେଶୀ ପର୍ଯ୍ୟଟକ ଆସିଥିଲେ । ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରୁ ୮୯.୧୪ ପ୍ରତିଶତ ମହାରାଷ୍ଟ୍ର, ଗୁଜରାଟ,ପଶ୍ଚିମବଙ୍ଗ, ଦିଲ୍ଲୀ, ରାଜସ୍ଥାନ, ଉତ୍ତରପ୍ରଦେଶ, କେରଳ ବିହାର ତାମିଲନାଡୁ ଓ ପଞ୍ଜାବ ରାଜ୍ୟକୁ ୨୦୨୩ ମସିହାରେ ଆସିଥିଲେ । ସେହିପରି ତାମିଲନାଡୁ, କେରଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ଗୁଜରାଟ,ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ବିହାର ରାଜ୍ୟକୁ ମୋଟ ଘରୋଇ ପର୍ଯ୍ୟଟକଙ୍କ ୮୬.୧ ପ୍ରତିଶତ ଭ୍ରମଣ କରିଥିଲେ । ଏହି ତୁଳନାରେ ଓଡ଼ିଶାରେ ଦୈନିକ ପ୍ରାୟ ୧୧୦୦୦ ପର୍ଯ୍ୟଟକ ଅନ୍ୟ ରାଜ୍ୟରୁ ଓ ମାତ୍ର ୩୨୦ ବିଦେଶୀ ପର୍ଯ୍ୟଟକ ଆସୁଥିବାର ଜଣାଯାଏ ।

ରାଜ୍ୟ ପର୍ଯ୍ୟଟନ ନୀତି ୨୦୨୨ ଅନୁସାରେ ୨୦୧୬ ମସିହାରେ ରାଜ୍ୟକୁ ୧୨୮ ଲକ୍ଷ ଘରୋଇ ପର୍ଯ୍ୟଟକ ଓ ୭୬,୩୬୧ ବିଦେଶୀ ପର୍ଯ୍ୟଟକ ଆସିଥିଲେ । ୨୦୧୯ରେ ମୋଟ ୧୫୪ ଲକ୍ଷ ପର୍ଯ୍ୟଟକ ଓଡ଼ିଶାକୁ ଆସିଥିଲେ ଯାହା ମଧ୍ୟରୁ ବିଦେଶୀ ପର୍ଯ୍ୟଟକ ଥିଲେ ୧୧୫୧୨୮ । କିନ୍ତୁ ୨୦୨୧ରେ ଘରୋଇ ପର୍ଯ୍ୟଟକ ୩୭ ଲକ୍ଷ ଓ ବିଦେଶୀ ପର୍ଯ୍ୟଟକ ମାତ୍ର ୨୨୬୯ ଥିଲେ । ଏଥିରୁ ପ୍ରତୀୟମାନ ହୁଏ ଯେ ଓଡିଶାର ପର୍ଯ୍ୟଟନ ବିକାଶ ଆଶାନୁରୂପ ହୋଇପାରିନାହିଁ ।

ଓଡ଼ିଶାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସୁନଥିବା କାରଣଗୁଡ଼ିକ ମଧ୍ୟରେ ଅଧିକ ପସନ୍ଦର ହୋଟେଲ ଅଭାବ, ବିମାନବନ୍ଦରର ଅଭାବ, ସୁରକ୍ଷିତ ପରିବହନ ଅଭାବ ଏବଂ ପ୍ରଶିକ୍ଷିତ ମାର୍ଗଦର୍ଶକ ତଥା ସ୍ଥାନୀୟ ଅଧିବାସୀଙ୍କ ଆତିଥ୍ୟ ଅଭାବ ମୁଖ୍ୟ ।

ଓଡ଼ିଶାର ପର୍ଯ୍ୟଟନ ସ୍ଥଳଗୁଡିକୁ ଆମେ ସାତ ଭାଗରେ ଶ୍ରେଣୀକରଣ କରିପାରିବା ।

**୧) ଧାର୍ମିକ ପର୍ଯ୍ୟଟକ:** ଓଡ଼ିଶାରେ ସବୁ ଜିଲ୍ଲାରେ ଅଳ୍ପ ବହୁତ ଧାର୍ମିକ ପର୍ଯ୍ୟଟନ ସ୍ଥଳ ରହିଛି । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର , କୋଣାର୍କ ସୂର୍ଯ୍ୟମନ୍ଦିର , ରାମଚଣ୍ଡୀ, ସମ୍ବଲପୁର ସମଲେଇ ମନ୍ଦିର, କାକଟପୁର ମଙ୍ଗଳା, ଝଙ୍କଡ ସାରଳା, ଯାଜପୁର ବିରଜା, ବାଣପୁର ଭଗବତୀ, ଓଡଗାଁ ରଘୁନାଥ, ଶରଣକୂଳ ଲଡୁବାବା, କଣ୍ଟିଲୋ ନୀଳମାଧବ ,ବାଙ୍କୀ ଚର୍ଚ୍ଚିକା, ତାଳଚେର ହିଙ୍ଗୁଳା, ଖିଚିଂ କୀଚକେଶ୍ୱରୀ, ଢେଙ୍କାନାଳର ଯୋରନ୍ଦା, କପିଳାସ ଓ ସପ୍ତଶଯ୍ୟା, ଭବାନୀପାଟଣା ମାଣିକେଶ୍ୱରୀ, ବଲାଙ୍ଗୀରର ହରିଶଙ୍କର, ବରଗଡ ନୃସିଂହନାଥ, କୋରାପୁଟ ଗୁପ୍ତେଶ୍ୱର, ଘଟଗାଁ ତାରିଣୀ, କେନ୍ଦ୍ରପଡା ବଳଦେବଜୀଉ, ଖୋର୍ଦ୍ଧାର ଉଗ୍ରତାରା ଓ ବରୁଣେଇ ଇତ୍ୟାଦି ବହୁ ମନ୍ଦିର ରହିଛି । ନିକଟରେ ଓଡ଼ଗାଁ ବ୍ଲକର ବୈଷ୍ଣବଦେବୀ ଓ ଭାପୁର ବ୍ଲକର ରାମ ମନ୍ଦିର ଏଥିରେ ସାମିଲ ହୋଇଛି । ପ୍ରତିବର୍ଷ ରାଜ୍ୟ ମଧ୍ୟରୁ, ରାଜ୍ୟ ବାହାରୁ ଓ କେତେକ ବିଦେଶୀ ପର୍ଯ୍ୟଟକ ଏପରି ଧାର୍ମିକ ପର୍ଯ୍ୟଟନ କେନ୍ଦ୍ର ପରିଭ୍ରମଣ କରିବାକୁ ଆସନ୍ତି ।

**୨) ଐତିହ୍ୟ ଓ ଐତିହାସିକ ପର୍ଯ୍ୟଟନ:** ଭୁବନେଶ୍ୱର ନିକଟସ୍ଥ ଧଉଳି, ଖଣ୍ଡଗିରି , ଉଦୟଗିରି, କଟକ ବାରବାଟି ଦୁର୍ଗ, ଯାଜପୁରର ଲଳିତଗିରି, ରତ୍ନଗିରି,ଉଦୟଗିରି ଓ ରାଣୀଗୁମ୍ଫା, ନନ୍ଦପୁରର ବତ୍ରିଶ ସିଂହାସନ, ମାଲକାନଗିରିର ସୀତାକୁଣ୍ଡ ଇତ୍ୟାଦି ବହୁ ଐତିହାସିକ ସ୍ଥଳ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ ।

**୩) ପ୍ରକୃତି–ପର୍ଯ୍ୟଟନ ସ୍ଥଳୀ:** ଓଡ଼ିଶାରେ ଅସୁମାରୀ ପ୍ରକୃତି–ପର୍ଯ୍ୟଟନ ( ଇକୋ ଟୁରିଜିମ୍)ସ୍ଥଳୀ ବିଭିନ୍ନ ଜିଲ୍ଲାରେ ଅବସ୍ଥିତ । କେନ୍ଦ୍ରପଡାର ଭିତରକନିକା ଓ ଗହୀରମଥା, ମୟୁରଭଞ୍ଜର ଶିମିଳିପାଳ, କେନ୍ଦୁଝରର ସାନ ଘାଗରା ଓ ବଡ଼ ଘାଗରା, କନ୍ଧମାଳର ଦାରିଙ୍ଗବାଡି ଓ ବେଲଘର, ନୂଆପଡ଼ାର ସୁନାବେଡା, କୋରାପୁଟର ଦେଓମାଳି, ଗଜପତି ଜିଲ୍ଲାର ମହେନ୍ଦ୍ରଗିରି, ଖୋର୍ଦ୍ଧାର ଚିଲିକା ହ୍ରଦ, ପୁରୀର ସାତପଡା, ମହାନଦୀର ସାତକୋଶିଆ ଗଣ୍ଡ, ଦେବ୍ରିଗଡ ଅଭୟାରଣ୍ୟ, ଚନ୍ଦକା ହସ୍ତୀ ବିହାର, ଆଠଗଡ଼ର ଅଂଶୁପା ହ୍ରଦ ଇତ୍ୟାଦି ପ୍ରସିଦ୍ଧ ପ୍ରକୃତି– ପର୍ଯ୍ୟଟନ ସ୍ଥଳୀ । ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବବିବିଧତା ହିଁ ପ୍ରକୃତି–ପର୍ଯ୍ୟଟନର ବିଶେଷ ଆକର୍ଷଣ । ଦେଓମାଳି, କୋଣାର୍କ, ସାତକୋଶିଆ ଅଞ୍ଚଳରେ ଇକୋ ରିଟ୍ରିଟ୍ ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ରାଜ୍ୟର ବହୁସ୍ଥଳରେ ଆକର୍ଷଣୀୟ ଜଳପ୍ରପାତ ରହିଛି । ପ୍ରସିଦ୍ଧ ଜଳପ୍ରପାତ ମଧ୍ୟରେ ବରେହିପାଣି , ଖଣ୍ଡାଧାର, ଡୁଡୁମା, ହରିଶଙ୍କର, ନୃସିଂହନାଥ, ଭୀମକୁଣ୍ଡ, ପ୍ରଧାନପାଟ, ହାତୀପଥର, ଦେଓଝର , ସାନ ଘାଗରା ଓ ବଡ଼ ଘାଗରା, ବୁଦ୍ଧଖୋଲ ଇତ୍ୟାଦି ଅନ୍ତର୍ଭୁକ୍ତ ।

**୪) ବିସ୍ତୀର୍ଣ୍ଣ ବେଳାଭୂମି ଓ ବନ୍ଦର:** ଓଡ଼ିଶାର ୪୮୦ କିଲୋମିଟରରୁ ଅଧିକ ବେଳାଭୂମି ରହିଛି । ଚାନ୍ଦବାଲି, ଚାନ୍ଦିପୁର, ଧାମରା, ପାରାଦୀପ, ଚନ୍ଦ୍ରଭାଗା, ପୁରୀ ଓ ଗୋପାଳପୁର ଅଧିକ ଲୋକପ୍ରିୟ । ପ୍ରତିବର୍ଷ ଏଠାକୁ ବହୁ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଅବସର ବିନୋଦନ ପାଇଁ ଏଠାକୁ ଛୁଟି ଆସନ୍ତି ।

**୫)ଜଳସେଚନ ପ୍ରକଳ୍ପ:** ରାଜ୍ୟରେ ବହୁସଂଖ୍ୟକ ଜଳସେଚନ ପ୍ରକଳ୍ପ ପର୍ଯ୍ୟଟନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି । ଏଥି ମଧ୍ୟରେ ସମ୍ବଲପୁର ହୀରାକୁଦ ଡ୍ୟାମ୍, ଅନୁଗୁଳ ରେଙ୍ଗାଲି ଡ୍ୟାମ୍, କୋରାପୁଟର ମାଛକୁଣ୍ଡ, ବାଲିମେଳା, ଅପର କୋଲାବ ମାଲକାନଗିରିର ଚିତ୍ରକୋଣ୍ଡା, ନୂଆପଡ଼ାର ପତରା ଓ ଲୋୟର ଶୁକତେଲ, କଳାହାଣ୍ଡିର ଇନ୍ଦ୍ରାବତୀ, ଦେବଗଡର ଗୋହିରା, ମୟୂରଭଞ୍ଜର ସୁନେଇ, କେନ୍ଦୁଝରର ରେମାଳ, ସୁନ୍ଦରଗଡ଼ର ମନ୍ଦିରା, ନୟାଗଡ଼ର କୁଆଁରିଆ , ଖୋର୍ଦ୍ଧାର ଶାଳିଆ ଓ ଗଞ୍ଜାମର ହଦଗଡ଼ ଇତ୍ୟାଦି ପ୍ରଧାନ ।

**୬)ଆଦିବାସୀ ପର୍ଯ୍ୟଟନ:** ଆଦିମ ଆଦିବାସୀଙ୍କ ଜୀବନ ଶୈଳୀ, ପ୍ରକୃତି କୋଳରେ ବାସସ୍ଥାନ, କଳା ଓ ସଂସ୍କୃତି ବହୁ ବିଦେଶୀ ତଥା ଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ବହୁ ବିଦେଶୀ ପର୍ଯ୍ୟଟକ ଏପରି ଆଦିବାସୀ ପଡାରେ ବହୁଦିନ ଧରି ରହିବା ଜଣାଯାଏ । ମାଲକାନଗିରିର ବଣ୍ଡା ସମ୍ପ୍ରଦାୟ, କେନ୍ଦୁଝରର ଜୁଆଙ୍ଗ, ଗଜପତି ଜିଲ୍ଲାର ଲାଞ୍ଜିଆ ସଉରା ଇତ୍ୟାଦି ସମ୍ପ୍ରଦାୟ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଜଣାଯାଏ ।

**୭) କୃଷି ପର୍ଯ୍ୟଟନ:** ରାଜ୍ୟର କୃଷି ପର୍ଯ୍ୟଟନ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିନଥିଲେ ମଧ୍ୟ କେତେକ ରାଜ୍ୟ ବାହାରର ଓ ରାଜ୍ୟ ମଧ୍ୟର କେତେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିଛି । କୋରାପୁଟ ପଟାଙ୍ଗିର କଫି ବଗିଚା, କେନ୍ଦୁଝରର ତରମାକଣ୍ଟା ଚାହା ବଗିଚା, ନୀଳଡୁଙ୍ଗୁରୀ ସିସଲ ରୋପଣ , ବିଶ୍ୱ ନାହକାଣି ନାରିକେଳ ଉଦ୍ୟାନ, ଦାରିଙ୍ଗିବାଡି ପାଇନ୍ ବନୀକରଣ, କନ୍ଧମାଳ ଜିଲ୍ଲା କଳିଙ୍ଗା ଫାର୍ମର ମସଲା ଚାଷ ଏବଂ ନିକଟରେ କରାଯାଇଥିବା ଜୈବିକ କୃଷି, ଡ୍ରାଗନଫ୍ରୁଟ ବଗିଚା, ଗଜପତି ଜିଲ୍ଲାରେ ପାହାଡିଆ ଅଞ୍ଚଳରେ ଫଳଚାଷ ଇତ୍ୟାଦି କୃଷି ପର୍ଯ୍ୟଟନ ପାଇଁ ସମ୍ଭାବନା ସୃଷ୍ଟି କରିଛି ।

**୨୦୩୬ ସୁଦ୍ଧା ୧୫୦୦୦ ଷ୍ଟାର ହୋଟେଲ ନିର୍ମାଣ କରାଯିବ । ତିନି ତାରକା ଓ ଉର୍ଦ୍ଧ୍ୱ ହୋଟେଲ ପାଇଁ କୋଠାରୀ ସଂଖ୍ୟା ୫୦ ରୁ ୧୦ କୁ ହ୍ରାସ କରାଯାଇଛି । ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କର୍ମନିଯୁକ୍ତି ଓ ଅର୍ଥନୈତିକ ବିକାଶ ହୋଇପାରିବ । ୨୦୦ କୋଟି ଟଙ୍କା ପୁଞ୍ଜି ନିବେଶ ଉପରେ ୩୦ ପ୍ରତିଶତ ରିହାତି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଦିଆଯିବ । ୨୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପାଇଁ ୧୦୦ କୋଟି ଟଙ୍କା ରଖାଯାଇଛି ।**

ସହରାଞ୍ଚଳ ଅନତିଦୂରରେ କେତେକ ବ୍ୟକ୍ତି ବିଶେଷ ପର୍ଯ୍ୟଟନ ଆଶାରେ ଫାର୍ମ ହାଉସ୍ ଓ ରିସର୍ଟ ନିର୍ମାଣ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପ୍ରୟାସ କଲେଣି ।

ରାଜ୍ୟରେ ପର୍ଯ୍ୟଟନ ବିକାଶ କରିବା ପାଇଁ ସରକାର ୨୦୨୨ ମସିହାରେ ଏକ ପର୍ଯ୍ୟଟନ ନୀତି ପ୍ରଣୟନ କରିଛନ୍ତି । ଏଥିରେ ରାଜ୍ୟର ପର୍ଯ୍ୟଟନକୁ ୧୨ ଭାଗରେ ବିଭକ୍ତ କରାଯାଇଛି । ରାଜ୍ୟର ସାତଟି ସ୍ଥାନରେ ଇକୋ ରିଟ୍ରିଟ ସ୍ଥାପନ କରାଯାଇଛି । ହୋଟେଲ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ରିହାତି ବ୍ୟବସ୍ଥା ରଖାଯାଇଛି । ଓଡ଼ିଶା ସରକାର ଗତ ତା ୯.୧.୨୬ ରିଖ କ୍ୟାବିନେଟ ବୈଠକରେ 'ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି ୨୦୨୬'କୁ ମଞ୍ଜୁର କରିଛନ୍ତି । ଏହାଦ୍ୱାରା ଘରୋଇ ସଂସ୍ଥାକୁ ସମ୍ପୃକ୍ତ କରି ଅଧିକ ପୁଞ୍ଜିନିବେଶ ପାଇଁ ଲକ୍ଷ୍ୟ ରଖିଛନ୍ତି । ଏଥିରେ ମୂଳଧନ ନିବେଶ ରିହାତି ବ୍ୟବସ୍ଥା ରହିଛି । ୨୦୩୬ ସୁଦ୍ଧା ୧୫୦୦୦ ଷ୍ଟାର ହୋଟେଲ ନିର୍ମାଣ କରାଯିବ । ତିନି ତାରକା ଓ ଉର୍ଦ୍ଧ୍ୱ ହୋଟେଲ ପାଇଁ କୋଠାରୀ ସଂଖ୍ୟା ୫୦ ରୁ ୧୦ କୁ ହ୍ରାସ କରାଯାଇଛି । ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କର୍ମନିଯୁକ୍ତି ଓ ଅର୍ଥନୈତିକ ବିକାଶ ହୋଇପାରିବ । ୨୦୦ କୋଟି ଟଙ୍କା ପୁଞ୍ଜି ନିବେଶ ଉପରେ ୩୦ ପ୍ରତିଶତ ରିହାତି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଦିଆଯିବ । ୨୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପାଇଁ ୧୦୦ କୋଟି ଟଙ୍କା ରଖାଯାଇଛି । ବର୍ତ୍ତମାନର ସ୍ୱତନ୍ତ୍ର ଜୋନ ଚିଲିକା, କନ୍ଧମାଳ ଓ ଗଜପତି ସହିତ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପର୍ବତ, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ଭିତରକନିକା ଉପରେ ବିଶେଷ ଧ୍ୟାନ ଦିଆଯିବ ।

ରାଜ୍ୟରେ ପର୍ଯ୍ୟଟନ ବିକାଶ ପାଇଁ କେତେକ ସୁଚିନ୍ତିତ କାର୍ଯ୍ୟକ୍ରମ ଆବଶ୍ୟକ । ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳ ହିସାବରେ କୋଣାର୍କ, ପୁରୀ, ଚିଲିକା, ଭିତରକନିକା, ଦାରିଙ୍ଗବାଡ଼ି, ସାତକୋଶିଆ ଓ ଶିମିଳିପାଳ ଅଞ୍ଚଳର ସମନ୍ୱିତ ବିକାଶ କରାଗଲେ ଏଗୁଡିକ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ । ପରିବେଶ–ସାଂସ୍କୃତିକ ପର୍ଯ୍ୟଟନ ବିକାଶ ପାଇଁ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ, କଳା, ନୃତ୍ୟ ଓ ବିଭିନ୍ନ ଖାଦ୍ୟପେୟ ବ୍ୟବସ୍ଥା ମାଧ୍ୟମରେ ପ୍ରକୃତି–ମିତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । ପର୍ଯ୍ୟଟକଙ୍କ ପାଇଁ ସୌଖୀନ ପରିବହନ ଓ ରହଣି ପାଇଁ ତାରକା ହୋଟେଲ ବ୍ୟବସ୍ଥା ସହିତ ପ୍ରଶିକ୍ଷିତ ମାର୍ଗଦର୍ଶକ ନିୟୋଜିତ କରାଗଲେ ବିଦେଶୀ ପର୍ଯ୍ୟଟକ ଅଧିକ ଦିନ ରହିବା ପାଇଁ ଇଚ୍ଛାପ୍ରକାଶ କରିବେ । ପାରମ୍ପରିକ ପର୍ଯ୍ୟଟନ ବ୍ୟତୀତ ମାଇସ ( ମିଟିଙ୍ଗ, ଇନସେଣ୍ଟିଭ, କନଫରେନ୍ସ, ଏକ୍ସିଭିସନ), ସ୍ୱାସ୍ଥ୍ୟ ପ୍ରଦାନ, କ୍ରୀଡା ଓ ସାହସିକ ପର୍ଯ୍ୟଟନ ପ୍ରତି ପର୍ଯ୍ୟଟକଙ୍କୁ ଆକର୍ଷିତ କରାଯାଇ ପାରିବ । ସବୁଠାରୁ ବଡକଥା ହେଉଛି ଘରୋଇ ସହଭାଗିତା । ଘରୋଇ ଶିଳ୍ପପତିମାନେ ଅଧିକରୁ ଅଧିକ ପୁଞ୍ଜି ନିବେଶ କରି ଇକୋ– ରିଟ୍ରିଟ, ତାରକା ହୋଟେଲ, ସୌଖିନ କୋଠରୀ ଓ ଉପଯୁକ୍ତ ଆତିଥ୍ୟ ବ୍ୟବସ୍ଥା କରିପାରିଲେ ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆସିବେ । ଏପରିକି ସ୍ଥାନୀୟ ଲୋକେ ନିଜ ବାସଭବନରେ ପର୍ଯ୍ୟଟକଙ୍କ ପାଇଁ ରହଣି ସୁବିଧା କରିପାରିବେ । ହସ୍ତକଳା, କାରୁକାର୍ଯ୍ୟ ଓ ହସ୍ତତନ୍ତ ଇତ୍ୟାଦି ପର୍ଯ୍ୟଟକ ମାନେ କିଣିବା ଦ୍ୱାରା ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ହୋଇପାରିବ । ନୂତନ ପର୍ଯ୍ୟଟନ ନୀତିଦ୍ୱାରା ଅନ୍ୟୁନ ୧୫ ଲକ୍ଷ ଲୋକ କର୍ମନିଯୁକ୍ତି ପାଇପାରିବେ । ପର୍ଯ୍ୟଟନ ବିକାଶଦ୍ୱାରା ରାଜ୍ୟର ପରିବେଶ ସୁରକ୍ଷା ଓ ସାଂସ୍କୃତିକ ସୁରକ୍ଷା ସମ୍ଭବ ହୋଇପାରିବ । ଯୁବକମାନଙ୍କୁ ପର୍ଯ୍ୟଟନ ବିକାଶ ପାଇଁ ଏବଂ ସ୍ୱତନ୍ତ୍ର ଭାବରେ ସାହସିକ ପର୍ଯ୍ୟଟନ ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି । ଏହାହିଁ ହେବ ରାଜ୍ୟର ଭବିଷ୍ୟତ ପାଇଁ ପର୍ଯ୍ୟଟନ ବିକାଶ ନିମିତ୍ତ ସଠିକ ମାର୍ଗ ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର ୭୫୧୦୨୯**
**ମୋ–୯୪୩୭୦୭୧୧୯୦**
**bidyadhar.mgmail.com**
**(Bidyadhar Maharana)**
**Consultant, Agriculture NRM**

# ଓଲାଶୁଣୀ ପର୍ବତରେ ଗୁମ୍ଫା ଯାତ୍ରା

ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଧାର୍ମିକ ଓ ଆଧାତ୍ମିକ ବିଭବରେ ଯାଜପୁର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର । ଏହି ଜିଲ୍ଲାରେ ମା'ଦେବୀ ବିରଜା, ଶ୍ରୀବରାହ ଓ ପୁଣ୍ୟ ପାବନ ବୈତରଣୀ, ବିଶ୍ୱ ପ୍ରସିଦ୍ଧ ସୁବର୍ଣ୍ଣ ତ୍ରିଭୁଜ ରତ୍ନଗିରି–ଉଦୟଗିରି ସହ ପ୍ରସିଦ୍ଧ ଓଲାଶୁଣୀ ପୀଠ ଅନ୍ୟତମ । ଅଷ୍ଟାଦଶ ଶତାବ୍ଦୀର ଜଣେ ଯୁବରାଜ ନିଜ ଆଭିଜାତ୍ୟର ରାଜକୀୟ ଜୀବନଶୈଳୀକୁ ତ୍ୟାଗ କରି ସମାଜର ମଙ୍ଗଳ ପାଇଁ ନିଜକୁ ସନ୍ନ୍ୟାସ ମାର୍ଗରେ ନେବା ଲାଗି ଗୃହତ୍ୟାଗ କରିଥିଲେ । ସେହି ମହାନ୍ ସନ୍ଥ ଅରକ୍ଷିତ ଦାସଙ୍କ ଚଳିତ ବର୍ଷ ହେଉଛି ପୁଣ୍ୟ ପାବନ ମହାପ୍ରୟାଣ ତିଥି । ଏହି ତିଥିରେ କେବଳ ଓଡ଼ିଶାର ବିଭିନ୍ନ ସ୍ଥାନରୁ ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଜନସମାଗମ ହୋଇଥାଏ ।

ଓଲାଶୁଣୀ ଗୁମ୍ଫାଟି ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରେ, ଯେଉଁ ପଲାଇରେ ଏହି ଲେଖକ ଦିନେ ଭୂମିଷ୍ଠ ହୋଇଥିଲା । ମୋ ପିତାମାତା ମୋତେ ପିଲାଦିନରୁ ଧର୍ମାଶ୍ରିତ ଜୀବନ ଯାପନ ପାଇଁ ମାର୍ଗ ଦେଖାଇଥିଲେ । ସେମାନଙ୍କ ଧାର୍ମିକ ପ୍ରଭାବ ସାରା ଜୀବନ ମୋ ଉପରେ ବିଚ୍ଛୁରିତ ହୋଇ ରହିଛି । ମହାପୁରୁଷ ଅରକ୍ଷିତ ଦାସଙ୍କର ସାଧନାର କୃତି ହେଉଛି 'ମହୀମଣ୍ଡଳ ଗୀତା' ଯାହାକି ୧୯୭୦ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଏହି ମହୀମଣ୍ଡଳ ଗୀତାରେ ସେ ବିଭିନ୍ନ ବିଷୟରେ ମାନବ ଜାତି ପାଇଁ ଲେଖନୀ ଚାଳନା କରିଛନ୍ତି । ପଞ୍ଚଭୂତ ମହିମା ଠାରୁ ଆତ୍ମାର ମହିମା, ମହାଶୂନ୍ୟ କଥା, ଭକତି ଯୋଗ, ସପ୍ତାଙ୍ଗ ଯୋଗ, ଦୁଃଖସୁଖ କଥା, ଦଶଅବତାର କଥା, ସହସ୍ରନାମ ମହିମା, ଜୀବ ପରମଭାବ, ବ୍ରହ୍ମର ମହିମା ବନ୍ଦନ ସହ ନିଜ ଜୀବନର ଗୃହତ୍ୟାଗ ବିଷୟ ବର୍ଣ୍ଣନା ସହ ଓଲାଶୁଣୀ ପ୍ରବେଶକୁ ନେଇ ଏହିପରି ତେଇଶଟି ବିଷୟରେ ଆଲୋକପାତ କରିଛନ୍ତି । ନାମ ବ୍ରହ୍ମ ଓ ଯୁଗବାର୍ତ୍ତାକୁ ନେଇ ସେ ମହୀମଣ୍ଡଳ ଗୀତାରେ ଲେଖିଛନ୍ତି – 'ନାମ ବ୍ରହ୍ମ, ନାମ ବ୍ରହ୍ମ, ନାମ ବ୍ରହ୍ମ ସାର, ଯେ ଭଜନ୍ତି ନର, ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି, ଯୁଗେ ଯୁଗେ ସେ ଅମର । ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର, ତେଣୁ ଅକ୍ଳେ ନାଶଯାନ୍ତି ଯେ ଭଜନ୍ତି ସେ ଅମର ।'

ଏହି ପ୍ରସିଦ୍ଧ ମେଳାରେ ସେବା କାର୍ଯ୍ୟ ନିମିତ୍ତ ପ୍ରତିବର୍ଷ ଦାୟିତ୍ୱ ସମ୍ପାଦନ କରନ୍ତି ସ୍ଥାନୀୟ ଶ୍ରୀସତ୍ୟସାଇ ସେବା ସମିତି, ପଲାଇର ଭାଇ–ଭଉଣୀ ଓ ସ୍ଥାନୀୟ ସାଇ ଆଶ୍ରିତମାନେ । ଓଲାଶୁଣୀ ଦେବୀ ପୂଜିତ ହେଉଥିବା ଓଲାଶୁଣୀ ପାହାଡ଼ରେ ଜନଗହଳି ପରିପୂର୍ଣ୍ଣ ହୋଇଥାଏ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ।

ସାଧୁସନ୍ଥମାନଙ୍କର ସଙ୍ଗମସ୍ଥଳୀରେ ତାଙ୍କ ରଚିତ ଭଜନ, ଜଣାଣ, ଖଞ୍ଜଣୀ ଓ କୀର୍ତ୍ତନ ସ୍ୱରରେ ଏହି ପୁଣ୍ୟ ତୀର୍ଥଭୂମି କମ୍ପି ଉଠିଥାଏ । ଭକ୍ତମାନେ ନିଜ ଘରୁ ଚାଉଳ, ଡାଲି, ପନିପରିବା ନେଇ ମହୋତ୍ସବରେ ସାମିଲ ହୋଇଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରପରି ଏଠାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ସେବନ କରିଥାନ୍ତି ।

ନିଜେ ସନ୍ଥ ଅରକ୍ଷିତ ଦାସ ସମସ୍ତଙ୍କ ଘରୁ ଖାଦ୍ୟ ସଂଗ୍ରହ କରିଛନ୍ତି ଯାହାକୁ ସେ ନିଜ ଭାଷାରେ ଲେଖିଛନ୍ତି – 'ଚଣ୍ଡାଳୁ ବ୍ରହ୍ମଯାଏଁ ପୁଣ, ଭକ୍ଷିଲି ସର୍ବ ଘରେ ଜାଣ । ତୁମ୍ଭେ ତ ସର୍ବ ଘଟେ ବସ, ତେଣୁ ମୁଁ ଭୁଇ ବିଶ୍ୱାସ ।' ପ୍ରତିମାଶୂନ୍ୟ ତାଙ୍କର ସେହି ସାଧନାପୀଠରେ ମୁଖ୍ୟ ଭୋଗ ରୂପେ ପୋଡପିଠା ପୂଜାର୍ଚ୍ଚନା କରାଯାଏ । ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅବାଧରେ ପ୍ରବେଶ କରିଥାନ୍ତି ।

ମହାନ ସାଧକ ଅରକ୍ଷିତ ଦାସଙ୍କ ମତରେ ଆମିଷ ଓ ନିରାମିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତେଣୁ ନିଜ ଇଛା ଅନୁସାରେ ଖାଦ୍ୟ ଗ୍ରହଣ କରିବାକୁ ସେ କହିଛନ୍ତି । ତାଙ୍କ ମତରେ ଲୋକଦେଖାଣିଆ ଆଶାପୂର୍ଣ୍ଣ ନିରାମିଷ ଭକ୍ଷଣର ଫଳ କିଛି ନଥାଏ । ତେଣୁ ସେ ତାଙ୍କର ମହୀମଣ୍ଡଳ ଗୀତାରେ ଆମିଷ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି –'ହେ ମନ କହୁଅଛି ମୁହିଁ,



ଶରୀର ଆମିଷ ଅଟଇ । ରଜବୀର୍ଯ୍ୟ ଆମିଷ ଜାଣ, ତହିଁରୁ ସକଳ ଭିଆଣ ।

ଛପନକୋଟି ଜୀବ ଯେତେ, ଆମିଷରୁ ଜାତ ସମସ୍ତେ ।' ସନ୍ଥ ଅରକ୍ଷିତଙ୍କ ମାନବବାଦୀ ଚିନ୍ତାଧାରା, ଧର୍ମ ଓ ଦର୍ଶନ, ମହତବାଣୀ ଆଗାମୀ ପିଢ଼ିକୁ ମଧ୍ୟ ଆଲୋକ ଅନ୍ୱେଷଣ ପାଇଁ ଦିଗ୍‌ଦର୍ଶନ ଦେବାରେ ଯଥେଷ୍ଟ ସହାୟକ ହୋଇପାରିବ । ତାଙ୍କ ରଚିତ ମହୀମଣ୍ଡଳ ଗୀତା, ମନଚଇତନ ଚଉତିଶା, ଭକ୍ତିଟୀକା, ବାଲ୍ୟବୋଧ ଗୀତା, ଶୂନ୍ୟଟୀକା, ଅବଧୂତ ସଂହିତା ଓ ଶତାବ୍ଦି ସଂହିତା ଭାରତୀୟ ଦର୍ଶନ କ୍ଷେତ୍ରକୁ ଉଜ୍ଜ୍ୱଳ କରି ରଖିପାରିବ ।

ମହାପୁରୁଷ ଅରକ୍ଷିତ ଦାସ ୧୮୩୭ ମସିହା ମାଘ ମାସ କୃଷ୍ଣ ଏକାଦଶୀ ତିଥିରେ ଏହି ଓଲାଶୁଣୀରେ ହିଁ ଦେହ ତ୍ୟାଗ କରିଥିଲେ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରେ ଅରକ୍ଷିତ ଦାସଙ୍କ ସମ୍ବନ୍ଧରେ କାଳଜୟୀ ଲେଖାଟି ହେଉଛି – 'ଓଲାଶୁଣୀ ପର୍ବତରେ ସାଧୁସେବା ହେବ। ଏକାକ୍ଷର ପରୀକ୍ଷାରେ ଅର୍ପିତ କରିବ । କେତେ କେତେ ଭକ୍ତ ଆସି ସେଠାରେ ମିଳିବେ, ଅରକ୍ଷିତ ଠାରୁ କେହି ଉବୁରି ନଯିବେ ।' ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ହେଉଛି 'ନାମ ପ୍ରଧାନ' ଦର୍ଶନ । ତାଙ୍କ ଲେଖନୀରେ ପଞ୍ଚଶଖା ଧର୍ମର ଶୂନ୍ୟବାଦର ବହୁ ବର୍ଣ୍ଣନା ପରିଦୃଷ୍ଟ ହୋଇଛି । ତାଙ୍କ ମହୀମଣ୍ଡଳ ଗୀତା ଆମ ସାମ୍ପ୍ରତିକ ଜୀବନ ପାଇଁ ଚେତନାର ଏକ କାଳଜୟୀ କୃତି । ଓଡ଼ିଆ ଜନଜୀବନରେ ମହୀମଣ୍ଡଳ ଗୀତାକୁ ଭାଗବତ ପରି ଆଧାତ୍ମିକ ଭାବପୂର୍ଣ୍ଣ ମହାକାବ୍ୟ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ ।

**ଓଏଫ୍‌ଏସ୍–୧,**
**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ମୋ–୯୪୩୭୨୫୭୧୨୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଆଇ...

ନେଇ ଏମ୍‌ଓୟୁ ସ୍ୱାକ୍ଷର କରାଯିବ । ଉଭୟ ପକ୍ଷ ମଧ୍ୟ ସହଭାଗିତାରେ ସିଭିଲ୍ ନିୟୁକ୍ଲିୟର ଏନର୍ଜୀ ସେକ୍ଟର ଓ ଏଆଇ ସହଭାଗିତା ନେଇ ସହମତି ପ୍ରକାଶ ପାଇଛି । ଭାରତ ଓ ୟୁଏଇ ମଧ୍ୟ ଏକ ନୂଆ ଡାଟା ଇମ୍ବାସୀ ସ୍ଥାପନ ଦିଗରେ ସହମତି ହୋଇଛନ୍ତି । ଉଭୟ ଦେଶ ଏକାଠି କାର୍ଯ୍ୟ କରି ପଶ୍ଚିମ ଏସିଆ ଓ ଆଫ୍ରିକାରେ ରପ୍ତାନିକୁ ପ୍ରୋତ୍ସାହିତ କରିବେ ଓ ଆବୁଧାବିରେ ଏକ ହାଉସ୍ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି କରାଯାଇଛି । ଉଭୟ ଦେଶର ଲୋକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା କରାଯାଇଛି । ଏବେ ୟୁଏଇରେ ୪.୫ ନିୟୁତ ଭାରତୀୟ ରହୁଛନ୍ତି । ଉଭୟ ନେତା ମଧ୍ୟ ପଶ୍ଚିମ ଏସିଆରେ ଶାନ୍ତି ଓ ସୁରକ୍ଷା ଓ ଏହାର ବିକାଶ ନେଇ ପରସ୍ପରର ମତ ରଖିଛନ୍ତି । ସୀମାପାର ଆତଙ୍କବାଦୀକୁ ଉଭୟ ନିନ୍ଦା କରିବା ସହ ଆତଙ୍କବାଦୀଙ୍କ ସମର୍ଥନରେ ଯେଉଁମାନେ ଅର୍ଥ ଦେଉଛନ୍ତି ତାହାକୁ ମଧ୍ୟ ନାପସନ୍ଦ କରିଛନ୍ତି ।

## ନୀତିନ...

ପରେ ନୀତିନଙ୍କ ନାମାଙ୍କନକୁ କାଏମ ରଖାଯାଇଥିଲା । ତାଙ୍କୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଦଳର ସଭାପତି ଭାବେ ଘୋଷଣା କରାଯାଇଥିଲା । ଆସନ୍ତାକାଲି ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ସେ ବିଧିବଦ୍ଧ ଭାବେ ଏହାର ଦାୟିତ୍ୱ ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଉପସ୍ଥିତ ରହିବେ । ନୀତିନ ହେଉଛନ୍ତି ପୂର୍ବତନ ବିଜେପି ବିଧାୟକ ସ୍ୱର୍ଗତଃ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ । ସେ ଆର୍‌ଏସ୍‌ଏସ୍ ସହ ମଧ୍ୟ ସମ୍ପୃକ୍ତ ଥିଲେ । ଏବେବି ସେ ବିଜେପିର ବିଧାୟକ ଅଛନ୍ତି ।

## ୨୧ରୁ...

ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ନେତୃତ୍ୱରେ ୩୬ଟି ଥିମାଟିକ୍ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିବେ । ଏଥିରେ ୪ଟି ଆଇ ଆଇ ଟି ,୬ଟି ଆଇ ଆଇ ଏମ, ୧୨ଟି ଏନ ଏଲ ୟୁ ଓ ଆଇ ଆଇ ଏମ ସି ସହ ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନର ଅଂଶଗ୍ରହଣ କରିବେ ।

ଭାରତ ନିର୍ବାଚନ ଆୟୋଗ ବିଶ୍ୱର ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥା ସହ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ କରି ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ସହଯୋଗ ଉପରେ ଆଲୋଚନା କରିବେ । ଏହି ଅବସରରେ ଭାରତ ନିର୍ବାଚନ ଆୟୋଗ ତାଙ୍କର ଏକମାତ୍ର ଡିଜିଟାଲ୍ ପ୍ଲାଟଫର୍ମର ଔପଚାରିକ ଶୁଭାରମ୍ଭ ମଧ୍ୟ କରିବେ ।

ଏହି ସମ୍ମିଳନୀ ଭାରତରେ ନିର୍ବାଚନ ଆୟୋଜନର ବିଶାଳତା ଓ ଜଟିଳତା ସହ ନିର୍ବାଚନ ଆୟୋଗ ଦ୍ୱାରା ନିଆଯାଇଥିବା ସାମ୍ପ୍ରତିକ ପଦକ୍ଷେପ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପରିଚାଳନାକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ ।

ବିଶ୍ୱର ସବୁଠୁ ବଡ଼ ନିର୍ବାଚନ ଲୋକସଭା ୨୦୨୪ର ପରିକଳ୍ପନା ଓ ପ୍ରକ୍ରିୟାକୁ ଉଜାଗର କରୁଥିବା ଡକ୍ୟୁସିରିଜ୍ "ଇଣ୍ଡିଆ ଡିସାଇଡ୍ସ" ଆଇଆଇସିଡିଇଏମ୍- ୨୦୨୬ର ପ୍ରଥମ ଦିନ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀଙ୍କ...

ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବୁଧବାର ଅପରାହ୍ନରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ରାଜ୍ୟରେ...

ଡିଗ୍ରୀ ବଢ଼ିପାରେ । ତାପରେ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ପ୍ରାତଃ ଅପରିବର୍ତ୍ତିତ ରହିବ । ମଝି ମଝିରେ ୧ ଡିଗ୍ରୀ ବଢ଼ିବ ବା କମିବ । ଏଣୁ ଶୀତ ଜାରି ରହିବ । ଦିନ ବେଳାର ସର୍ବାଧିକ ତାପମାତ୍ରା ଏହି ମାସ ଶେଷ ସୁଦ୍ଧା ପ୍ରାୟ ୧ ଡିଗ୍ରୀ ବଢ଼ିପାରେ । ଖରାଦିନିଆ ଡାଲୁଅ ଧାନ ପାଇଁ ତଳି ପକାନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

ଆଜି(ସୋମବାର) ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୨ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଫୁଲବାଣୀରେ ୬.୮ ଡ଼ିଗ୍ରୀ, ରାଉରକେଲାରେ ୭.୫ ଡ଼ିଗ୍ରୀ, ଝାରସୁଗୁଡାରେ ୮.୪ ଡ଼ିଗ୍ରୀ, ନବରଙ୍ଗପୁରରେ ୯ ଡ଼ିଗ୍ରୀ, ଭବାନୀପାଟଣାରେ ୯.୫ ଡ଼ିଗ୍ରୀ, କେନ୍ଦୁଝରରେ ୯.୫ ଡ଼ିଗ୍ରୀ, ଅନୁଗୁଳରେ ୯.୬ ଡ଼ିଗ୍ରୀ, ଭୁବନେଶ୍ୱରରେ ୧୧.୬ ଡିଗ୍ରି ଓ କଟକରେ ୧୧.୪ ଡିଗ୍ରୀ ରେକର୍ଡ କରାଯାଇଛି ।

## ଆୟୁଷ୍ମାନ୍...

ସମନ୍ୱୟ ସ୍ଥାପନ କରାଯାଇପାରିବ । ଏହି ସାମଗ୍ରିକ ଆଭିମୁଖ୍ୟ ଆୟୁଷ ଇକୋସିଷ୍ଟମକୁ ସଶକ୍ତ କରିବ । ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ତୃଣମୂଳସ୍ତରକୁ ବିସ୍ତାର କରିବ । ଏକ ବିକଶିତ ଭାରତର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ।

ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସୁନିଲ କୁମାର ବର୍ଣ୍ଣୱାଲ୍ ଚିନ୍ତନ ଶିବିରର ଉଦ୍ଦେଶ୍ୟ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ଲାଭ ପ୍ୟାକେଜ୍ ମାନୁଆଲ୍-ଦ୍ୱିତୀୟ ଭାଗ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବେଷ୍ଟ ପ୍ରାକଟିସ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଏହାସହ ଭାଷିନୀ, ଭାରତୀୟ ବିଜ୍ଞାନ ସଂସ୍ଥାନ, ବେଙ୍ଗାଲୁରୁ ଏବଂ ରାଷ୍ଟ୍ରୀୟ ଆକ୍ରେଡିଟେସନ୍ ବୋର୍ଡ୍ ଫର୍ ହସ୍ପିଟାଲ୍ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ଶିବିରରେ ଭାରତର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କର ସ୍ୱାସ୍ଥ୍ୟ ସଚିବ, ବିଶେଷଜ୍ଞ ପ୍ରତିନିଧିମାନେ ଯୋଗ ଦେଇଛନ୍ତି । ଏହି ଚିନ୍ତନ ଶିବିରରେ ସମୁଦାୟ ୬ ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉଦଘାଟନୀ ଅଧିବେଶନରେ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ୟାକେଜ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶ୍ରେଷ୍ଠ ପ୍ରାମାଣିତ ପଦ୍ଧତି ସମ୍ବଳିତ ପୁସ୍ତିକା ଉନ୍ମୋଚନ ହୋଇଥିଲା ।

ସୂଚନା ଅନୁସାରେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଯୋଜନାରେ ରାଜ୍ୟର ୩.୫୨ କୋଟି ଲୋକ ସାମିଲ ଅଛନ୍ତି । ଏଥି ନିମନ୍ତେ ୩୨ ହଜାର ସରକାରୀ ଏବଂ ବେସରକାରୀ ମେଡିକାଲ ସୁଚିଭୁକ୍ତ ଅଛନ୍ତ । ସେହିପରି ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୨୨.୫୨ ଲକ୍ଷ ୭୦ ବର୍ଷରୁ ଉର୍ଦ୍ଧ ବୟସ୍କ/ବୟସ୍କା ସୁବିଧା ପାଇବାକୁ ସାମିଲ ହୋଇଛନ୍ତି । ଉଦଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଅସ୍ଥି ଏସ୍. ସ୍ୱାଗତ ଭାଷଣ ଦେଇଥିଲେ ।

# ଚମ୍ପେଇଦ୍ୱାର ଗଡାପୋଖରୀ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ବୈଠକ



ବଡମ୍ବା,(ସବ୍ୟୁ): ବଡମ୍ବା ସଦର ମହକୁମା ଅନ୍ତର୍ଗତ ଗଡାପୋଖରୀ ଗ୍ରାମ ପଂଚାୟତର ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଚତୁର୍ଥ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ଉପାଧକ୍ଷା ଲକ୍ଷ୍ମୀପ୍ରିୟା ନାଏକଙ୍କ ସଭାପତିତ୍ୱରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ବୈଠକର ଆଭିମୁଖ୍ୟ ପରିପ୍ରକାଶ କରିଥିଲେ । ସମସ୍ତ ଅଭିଭାବକମାନଙ୍କୁ ସ୍ୱାଗତ ଜଣାଇବା ପରେ ପ୍ରଧାନ ଶିକ୍ଷକ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା ସହ ପଞ୍ଚମ ଓ ଅଷ୍ଟମରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ ଓ ଅବତ୍ତିର୍ଣ୍ଣ ବ୍ୟବସ୍ଥା ହୋଇଛି ବୋଲି ଅଭିଭାବକ ମାନଙ୍କୁ ଦର୍ଶାଇ ଥିଲେ । ଚଳିତ ବର୍ଷ ଠାରୁ ଏହି ଦୁଇ ଶ୍ରେଣୀରେ ପାସ ଓ ଫେଲ ବ୍ୟବସ୍ଥା ରହିବ ବୋଲି ସୂଚନା ପ୍ରଦାନ କରିଥିଲେ ।ପରେ ପରେ ସମାପ୍ତି ସୂଚକ ଆକଳନ ୧ ର ଫଳାଫଳ ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା । ଚଳିତ ବର୍ଷର ପୋଷାକ ବଣ୍ଟନ ସହ,ମଧ୍ୟାହ୍ନ ଭୋଜନ ଓ ବିଦ୍ୟାଳୟର ଉନ୍ନତି କଳ୍ପେ ବହୁତ ବିଷୟରେ ଚର୍ଚ୍ଚା ଆଲୋଚନା ହୋଇଥିଲା ।ଅଭିଭାବକ ମାନେ ମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ନେଇ ବହୁତ ଉଦବେଗ ପ୍ରକାଶ କରିଥିଲେ । ସଦର ମହକୁମା ନିକଟରେ ଥାଇ ମଧ୍ୟ ଆଜି ବିଦ୍ୟାଳୟଟି ସେହି ପୁରୁଣା ଘର ରହିଥିବାରୁ ଏହାକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶାନ୍ତିଲତା ଦେଇ, ଅନିତା ନାଏକ,ଶତ୍ରୁଘ୍ନ ବେହେରା, ହରପ୍ରିୟା ସାହୁ,ବିଜୟ କୁମାର ନାଏକ ଉପସ୍ଥିତ ରହି ଅନେକ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ ୤ ସର୍ବଶେଷରେ ବରିଷ୍ଠ ଶିକ୍ଷକ ସତୀଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ହିନ୍ଦୱେୟାର ଷ୍ଟୋରର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ) ଭାରତର ଅଗ୍ରଣୀ ବାଥଓ୍ୱେୟାର ବ୍ରାଣ୍ଡ, ହିନ୍ଦୱେୟାର ଲିମିଟେଡ୍ ପକ୍ଷରୁ ସମ୍ବଲପୁରରେ ଏହାର ପ୍ରଥମ ବ୍ରାଣ୍ଡ ଷ୍ଟୋରର ଶୁଭାରମ୍ଭ କରାଯାଇଛି । ସମ୍ବଲପୁର ମୋଦିପଡ଼ାରେ ଅବସ୍ଥିତ ଶ୍ୟାମ ସାନିଟେସନ ନାମକ ଏହି ନୂତନ ଷ୍ଟୋର ସମ୍ବଲପୁରରେ ହିନ୍ଦୱେୟାରର ପ୍ରଥମ ଏବଂ ଓଡ଼ିଶାରେ ୧୮ ତମ ବ୍ରାଣ୍ଡ ଷ୍ଟୋରରେ ପରିଣତ ହୋଇଛି । ଏହି ଷ୍ଟୋରରେ ହିନ୍ଦୱେୟାରର ସମ୍ପୂର୍ଣ୍ଣ ବାଥୱେୟାର ର ସମସ୍ତ ପୋର୍ଟଫୋଲିଓ ଯେପରିକି ସାନିଟାରୀ ୱେୟାର, ଫ୍ୟାସେଟ୍, ଶାଓ୍ୱାର୍ ଏବଂ ପ୍ରିମିୟମ୍ ହିନ୍ଦୱେୟାର ଇଟାଲୀୟ କଲେକ୍ସନ୍ ଉପଲବ୍ଧ । ଏହି ଅବସରରେ ହିନ୍ଦୱେୟାର ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୁପମ ସହାୟ କହିଛନ୍ତି, ସମ୍ବଲପୁରରେ ଆମର ପ୍ରଥମ ବ୍ରାଣ୍ଡ ଷ୍ଟୋରର ଶୁଭାରମ୍ଭ ସହିତ ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ କରି ଆମେ ଆନନ୍ଦିତ ।

# ପାଣି ପାଇଁ ରାସ୍ତାରୋକ : ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ



ଦଶପଲ୍ଲା, (ସବ୍ୟୁ): ପାଣିପାଇଁ ରାସ୍ତାକୁ ଓହାଇଥିଲେ ଦଶପଲ୍ଲା ବ୍ଲକ ସାରିଗଣ୍ଡା ଗ୍ରାମରେ ଗତ ଏକମାସ ଧରି ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀମାନେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଲେ ଏହାର ସମାଧାନ ନ ହେବାରୁ ଶେଷରେ ସୋମବାର ଦିନ ସାରିଗଣ୍ଡା ଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ୩ଘଣ୍ଟା ଧରି ଗ୍ରାମର ମହିଳାମାନେ ହାତରେ ବାଲଟି, ଗରା ଧରି ଜାତୀୟ ରାଜପଥ ଅବରୋଧ କରିଥିବା ବେଳେ ଜାତୀୟ ରାଜପଥ ଉପରେ ଗାଡି ଚଳାଚଳ ବନ୍ଦ ରହିବା ସହ ଉଭୟ ପାଶ୍ୱର୍ରେ ଗାଡି ଅଟକି ରହିଥିଲା । ଗାଡି ମଟର କୁ ଗ୍ରାମବାସୀ ଛାଡି ନଥିଲେ । ଖବରପାଇ ଦଶପଲ୍ଲା ଥାନା ଆଇ ଆଇ ସି ବିନୟ କୁମାର ପରିଡା ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କାରୀ ମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଉତକ୍ଷିପ୍ତ ମହିଳା ମାନେ ଯୁକ୍ତିତର୍କ କରିବା ସହ ଦାବି ପୂରଣ ନ ହେଲେ ରାସ୍ତା ଅବରୋଧରୁ ନିବୃତ ରହିବେ ନାହିଁ ବୋଲି ରୋକଠୋକ ଶୁଣାଇଥିଲେ । ଶେଷରେ ଉପଜିଲ୍ଲାପାଳ ,ବିଡ଼ିଓ,ତହସିଲଦାର,ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କାରୀ ମହିଳା ମାନଙ୍କୁ ବୁଝାସୁଝା କରି ପ୍ରତିଶୃତି ଦେବାପରେ ରାସ୍ତା ଅବରୋଧରୁ ରାସ୍ତା ଅବରୋଧକାରୀ ମାନେ ନିବୃତ ରହିଥିଲେ ।

# ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ

ଭାପୁର , (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ରାକମା ଗ୍ରାମର ସ୍ୱପ୍ନେଶ୍ୱର ଦେବ ଉଚ୍ଚବିଦ୍ୟାଳୟ ର ୪୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବିଳାସିନୀ ପାଣିଗ୍ରାହୀଙ୍କ ସଭାପତିତ୍ୱ କରିଥବଲେ । କାର୍ଯ୍ୟକ୍ରମରେ, ମୁଖ୍ୟଅତିଥି ରୂପେ ଶିକ୍ଷାବିତ ରାଜକିଶୋର ପଣ୍ଡା ,ମୁଖ୍ୟବକ୍ତା ପ୍ରସନ୍ନ କୁମାର ଷଡଙ୍ଗୀ,ସମ୍ମାନିତ ଅତିଥି ରୂପେ ପଙ୍କଜ ପରିଡ଼ା ଯୋଗଦାନ କରିଥିଲେ ।ଏହି ସଭାରେ ଶିକ୍ଷକ ଗିରିଶ କୁମାର ମାର୍ଥା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ, ଶିକ୍ଷୟତ୍ରୀ ପ୍ରଭାତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ, ଶ୍ରୀମତୀ ସନ୍ଧ୍ୟାରାଣୀ ସ୍ୱାଇଁ , ଶ୍ରୀମତୀ ପ୍ରତିମା ରାଉତ ସହଯୋଗ ପ୍ରଦାନ କରିଥିଲେ । ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଏପସିଲନ ଫାଉଣ୍ଡେଶନର ବହୁବିଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଏପସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସଆର ଶାଖା ଏପସିଲନ ଫାଉଣ୍ଡେଶନ ମ୍ୟାଜିକ ବସ ଫାଉଣ୍ଡେଶନ ସହ ସହଭାଗିତାରେ ଓଡିଶାର ଝାରସୁଗୁଡା ଜିଲ୍ଲାରେ ଆଡୋଲେସେଣ୍ଟ ଏଜୁକେଶନ ଆଣ୍ଡ ଲାଇଭଲିହୁଡ ପ୍ରୋଗ୍ରାମ୍ ପାଇଁ ବିଭିନ୍ନ ତୃଣମୂଳସ୍ତରର ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିଛି । ଏହି କାର୍ଯ୍ୟକ୍ରମ ପୂର୍ବରୁ ସୋନାମାଲ, ଖେରୁଆଲ ଓ ଶ୍ରୀପୁରାରେ ୨୨୪ ଗ୍ରାମବାସୀଙ୍କ ନୀକଟରେ ପହଞ୍ଚିଛି । ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପିଆରଆଇ ପ୍ରତିନିଧି, ସ୍ୱାସ୍ଥ୍ୟସେବା କର୍ମଚାରୀ ଓ ସମୁଦାୟ ଲିଡର ଆଦି ସାମିଲ ଥିଲେ । କାର୍ଯ୍ୟକ୍ରମର ଜୀବିକା ବିଭାଗ ପ୍ରକଳ୍ପ ଗ୍ରାମଗୁଡିକରେ ଢାଞ୍ଚାଗତ ସଂଯୋଜନା, ପରାମର୍ଶ ଓ ତାଲିମ ମାଧ୍ୟମରେ ମହିଳା ଓ ଯୁବପିଢିଙ୍କୁ ସହଯୋଗ କରୁଛି ।

ଏପସିଲନ କାର୍ବନର ପରିଚାଳନା ନିର୍ଦ୍ଦେଶକ ବିକ୍ରମ ହାଣ୍ଡା କହିଛନ୍ତି, ଆମର ପଦକ୍ଷେପଗୁଡିକ ଝାରସୁଗୁଡାରେ ସମୁଦାୟଗୁଡିକ ସହ ଘନିଷ୍ଠ ଭାବେ ଜଡିତ ରହିବା ଏବଂ ତୃଣମୂଳ ସ୍ତରରେ ଲୋକଙ୍କର ପ୍ରକୃତ ଆବଶ୍ୟକତାକୁ ପୂରଣ କରିବା ଉପରେ ଗୁରୁତ୍ୱ ଦେଉଛି ।


O- 2095

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**

Lt.No. 340 // Date: 16.01.2026

**1st Corrigendum to Bid Identification No. Online - EERKL-25/ 2025-26.**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online -EERKL-25/2025-26 by the Executive Engineer Rural Works Division - II, Sundargarh the date of Online for bidding and opening of the date which was scheduled to be uploaded from 13.01.2026 to 22.01.2026 is here by extended as follows.

| Availability of Tender on -line for bidding | | Last date & time of seeking tender clarification | Date & time of opening of tender (Technical Bid) |
|---|---|---|---|
| From | To | | Online -EERKL-25/2025-26 |
| 29.01.2026 at 11.00 A.M | 05.02.2026 up to 5.00 P.M | 04.02.2026 up to 5.00 P.M | 07.02.2026 at 11.00 A.M. |

Sd/- Executive Engineer,
R.W. Division- II, Sundargarh

B - 990

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MALKANGIRI (R&B) DIVISION, MALKANGIRI**
**E-Procurement Notice**
**Bid Identification No. S.E (R&B)-MLK-20/2025-26**

Letter No. 377 Date: 16.01.2026

1. Name of the work: Building Work
2. Total No. of Works: 01 Nos.
3. Estimated cost: 64.32 lakhs
4. Period of completion: 06(Six) months
5. Date & time of availability of bid document in the portal: From 11.00 hrs. Of 22.01.2026 To 16.00 hrs. Of 05.02.2026
6. Last date / Time for receipt of bids in the Portal; 16.00 hours of 05.02.2026
7. Date of opening of Tender; 11.00 hours of 06.02.2026
8. Name and address of the Officer Inviting Bid: Superintending Engineer Malkangiri(R&B) Division

Further details can be seen from the e-procurement portal **https://tendersorissa.gov.in**

Sd/- Superintending Engineer
Malkangiri (R&B) Division

B - 1001 E-mail ID:pwd_sng@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**SUNDARGARH (R&B) DIVISION, SUNDARGARH**
**"e"- Procurement Notice**
**Bid Identification NO-SE-R&B-SNG-27 OF 2025-26.**

Letter No. 270 Date: 19.01.2026

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Electrical Work** as detailed in DTCN. | | |
| 2. | Nature of Work | :- | **Electrical Work** |
| 3. | No. of work. | :- | **01 (One) No** |
| 4. | Tender Cost | :- | **Rs.6000/-** |
| 5. | Class of Contractor | :- | **MV / HT Electrical Contractor registered in ELBO with OEM authorization** |
| 6. | Availability of bid document in the website | :- | **From 10:00 A.M. Date-: 21.01.2026 to 05:00 P.M Date- 30.01.2026** |
| 7. | Date of opening of Bid | :- | **11:00 A.M.on Dt. 31.01.2026** |
| 8. | The bidders have to participate in ON-LINE bidding only. Further details can be seen from the website (**https://tendersodisha.gov.in**). Any addendum / corrigendum / cancellation of tender can also be seen in the said website only. | | |

Sd/- Superintending Engineer
Sundargarh (R&B) Division

E- 684

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Notice No. 345 Date:19.01.2026

**TENDER CALL NOTICE FOR SUPPLY OF ORTHOPAEDIC CONSUMABLES**

Sealed tenders are invited from different bidders having valid GST registration for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website **www.dhenkanal.odisha.gov.in**, which may be downloaded for reference. Interested parties may submit their offers in sealed covers super-scribing as 'Tender for supply of Orthopaedic Consumables in reference to Advertisement **No. 343 dt. 19.01.2026** "to the undersigned through registered post/speed post only, which should reach on or before 5.00 P.M. of dt.12.02.2026 positively and will be opened on next day at 11.00 AM by District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM & PHO, Dhenkanal shall have no responsibility for any delay / omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/- CDM & PHO-cum-District
Mission Director,
Dhenkanal

i- 482

**OFFICE OF THE PANCHAYAT SAMITI, PODIA**

At/Po-Podia
Dist: Malkangiri
PIN - 764047 (ODISHA)
Ph No:
E-mail- ori-Podia@nic.in

No. 138 / IX- 2026 (Dev.) Date: 17.1.2026

**TENDER CALL NOTICE No. 03/2025-26**

The Block Development Officer, Podia invites Percentage Rate bids in Single cover System for the civil work as detailed in the following table from eligible class of contractors as mentioned under column-8(eight) registered with the State Governments and Contractors of equivalent Grades/Class Registered with Central Government/MES Railways. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement for the following works eventually to be drawn up in the P.W.D, P-2 forms in conformity with the Detailed Tender Call Notice.

| Sl. No | Name of the G.P | Name of the Work | Amount put to Tender (in Rs) | Cost of Tender Paper (in Rs) | E.M.D (in Rs) (1%) | Work Complet ion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kaldapalli | Construction of New LAC Building at MV-62 | 16,19,714.00 | 6,000.00 | 16,197.00 | 6(Six) Month | "C & D" |

**Sale of tender paper:** The tender documents can be seen from the Govt. website **malkangiri.odisha.gov.in** only from 20.01.2026 to 04.02.2026 (up to 05:00 PM). No Tender paper will be sold by the Block office. Podia or any other offices. Interested bidders will download the bid documents from the same web site only i.e **malkangiri.odisha.gov.in**

**Place and date of receipt of tender Paper :** Panchayat Samiti, Podia, 20.01.2026 to 04.02.2026 (up to 05:00 PM) through Registered/Speed post only i.e. Indian Postal Services (office hour from 10.00 AM to 5.00 PM, Except Sunday and public holidays).

**Place and date of opening of tender paper :** Panchayat Samiti, Podia on dt. **06.02.2026 at 11:00 AM.** Mode of receipt of tender paper : Registered/Speed post only (India Post)

**Name of the Scheme :** LAC, Building Veterinary Department Mkg for the year 2024-25.

The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website **malkangiri.odisha.gov.in** only.

**NB:** All Should go through the terms and conditions of Tender call Notice and Detail Tender call notice before submission of Tender papers.

Sd/- Block Development Officer, Podia

**TRIDEV CHARITABLE TRUST**
**NRI Campus. Aradi Chhak**
**Po- Parchinagar. Via- Madhavnagar. Dist- Bhadrak. Odisha. Pin- 756181**
**Ph No.- 06784-240374. Mobile : 9437980610. 8895694566**
e-Registration No- 4469 .Deed No-4394. Date - 10.11.2014

*Ref. No. Session/39/NRI* *Date: 04.04.2024*

A meeting of Tridev Charitable Trust is held today under the presidentship of Mr. Narendra Prasad Sahoo, Chairman, Tridev Charitable Trust at the office of the Trust inside NRI International School campus, along with other two members of the Trust Mrs. Jyoshnarani Nayak and Mrs. Akhaji Nath. In the meeting following decisions were taken.

Resolution-1-**Sale and Purchase of land :**

It was unanimously decided that the land in name of the school Kh. No 821/7101 Mouza Samraipur Area Acre 0.210 plot no 1095 and 1099 will be sold to meet the purpose of purchasing land Kh No 821/7651 Mouza Samraipur plot no 1096 Area Acre 0.240 in favour of I.e. in the name of NRI International School as the later plot is adjacent to school campus.

As there was no other matters to discuss the meeting ended with a vote of thanks to the chair.

Sd/- Chairperson, Tridev Charitable Trust, Bhadrak
Sd/- Director, Tridev Charitable Trust, Bhadrak
Sd/- Treasurer, Tridev Charitable Trust, Bhadrak

O- 2093

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
**E-Mail:eerw_anandapur@yahoo.co.in**
*******
**NOTICE INVITING TENDER**
**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line- 15/EE/RW/AND/ 2025-26**
**Annual Maintenance Plan of Rural Roads under Administrative Expenditure**

No. ............// Date: ............//

**Executive Engineer, Rural Works Division, Anandapur on behalf of Government of Odisha Invites** PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted on-line in the website **www.tendersorissa.gov.in.** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt / MES/ Railways for execution of only Civil works The bidders should have necessary Portal Enrollment (with his own Digital Signature Certificate) The registered bidders of outside Odisha can also participate In this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender in O/o the S.E.R.W. Division Anandapur | |
|---|---|---|---|---|---|---|
| | | From | To | | Technical Bid | Financial bid |
| 1 | 2 | 3 | 4 | 5 | 6 | 7 |
| Executive Engineer R.W. Division, Anandapur | NCB-On line 15/EE/RW/AND/ 2025-26 | 22.01.2026 at 10.00 A.M | 05.02.2026 upto 5.00 P.M | 04.02.2026 upto 5.00 P.M | 06.02.2026 at 11.00 A.M | will be intimated later |

Sd/- Executive Engineer, R.W. Division, Anandapur


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହାଇଟେକ୍‌ର ବିଶାଳ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର




ଭୁବନେଶ୍ୱର (ସବ୍ୟୁ): କଟକ ବାଲିଯାତ୍ରା ପଡିଆଠାରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଉପଲକ୍ଷେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ବିଶାଳ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ହାଇଟେକ୍ ଗ୍ରୁପ୍ ସିଇଓ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ତଙ୍କ ପାଖରେ ପହଁଞ୍ଚାଇବାର ପ୍ରୟାସ ହାଇଟେକ୍ ଜାରି ରଖିଛି ବୋଲି କହିବା ସହ ଏହି ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ସମସ୍ତ ଶିବିରାର୍ଥୀମାନଙ୍କର କାମରେ ଆସିଲେ ଆମେ ନିଜକୁ ସଫଳ ମଣିବୁ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡେ, ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରପ ପଟ୍ଟନାୟକ ଉପସ୍ଥିତ ରହି ଖୁସି ବ୍ୟକ୍ତ କରିଛନ୍ତି। ଏଥିରେ ମେଡିସିନ୍, ଅସ୍ଥିଶଲ୍ୟ, ସର୍ଜରୀ, ହୃଦ୍‌ରୋଗ ଆଦି ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ତେବେ ମ୍ୟାଜିକ୍ ମିରର୍ ଅର୍ଥାତ୍ ଯେଉଁଥିରେ ନିଜ ଚର୍ମ ଓ କେଶ ସମ୍ବନ୍ଧୀୟ ସମସ୍ୟାକୁ ଜାଣି ତାହାର ଚିକିତ୍ସା କରିପାରିବେ ଏବଂ ରକ୍ତ ପରୀକ୍ଷା ଓ ଇସିଜିର ସୁବିଧା ଯୋଗାଇ ଦିଆଯାଇଥିଲା।

### ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ମନରେଗା ବଞ୍ଚାଓ ସତ୍ୟାଗ୍ରହ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିନ୍ଦା ପ୍ରସ୍ତାବ

ଭୁବନେଶ୍ୱର, (ସବ୍ୟୁ): ନିକଟରେ କେନ୍ଦ୍ର ସରକାର କଂଗ୍ରେସ ସରକାରଙ୍କ ସମୟରେ କରାଯାଇଥିବା ମନରେଗା ଆଇନକୁ ପରିବର୍ତ୍ତନ କରି ଭିବି ଜି ରାମ ଜୀ ଆଇନ ଆଣିଛନ୍ତି । ଏଥିରେ କେବଳ ମହାତ୍ମାଗାନ୍ଧୀଙ୍କ ନାମକୁ ହଟେଇବାର ପ୍ରୟାସ କରାଯାଇନି ବରଂ ୧୨ କୋଟି ଲୋକଙ୍କର ଜୀବିନ ଜୀବିକାକୁ ହରଣ କରାଯାଇଛି । ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଏହି ନୂଆ ଆଇନ ଅବଜ୍ଞା କରିବା ସହିତ ସମ୍ବିଧାନକୁ ମଧ୍ୟ ବିରୋଧ କରୁଛି । ଏହି ପରିବର୍ତ୍ତିତ ଆଇନରେ କଂଗ୍ରେସ ସରକାର ସମୟରେ ଗରୀବ ଲୋକଙ୍କୁ ଦିଆଯାଇଥିବା କାମର ଅଧିକାରକୁ ଛଡାଇନେବାର ପ୍ରୟାସ କରାଯାଇଛି । ଅଖିଳ ଭାରତ କଂଗ୍ରେସ କମିଟି ତରଫରୁ ସମଗ୍ର ଭାରତ ବର୍ଷରେ ମନରେଗା ବଞ୍ଚାଓ ସଂଗ୍ରାମ ଆରମ୍ଭ କରାଯାଇଛି । ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଲୋୟର ପିଏମଜି ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜାତୀୟ ଅଧ୍ୟକ୍ଷ ଡ. ସୁନିଲ ପନଓ୍ୱର ଏବଂ ଉପାଧ୍ୟକ୍ଷ କୁନାଲ ବାନାର୍ଜୀ ଯୋଗଦେଇ ମନରେଗାର ପରିବର୍ତ୍ତିତ ରୂପ ରେଖ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ ଏବଂ ଜନସାଧାରଣଙ୍କୁ ଲୋକଙ୍କର ହକ୍ ପାଇଁ ପଞ୍ଚାୟତ ସ୍ତରକୁ ଯାଇ ଲଢ଼େଇ କରିବାର ଆହ୍ୱାନ ଦେଇଥିଲେ । ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା ଏବଂ ଅନୁଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ପ୍ରଧାନ ଏହାକୁ ପରିଚାଳନ କରିଥିଲେ । ସଂଗଠନର ଉପସଭାପତି ଡ. ମନୀଷାଦାସ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ । ସଂଗଠନ ତରଫରୁ ରାଜ୍ୟପାଳଙ୍କୁ ଦାବି ପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଥିଲା । ସେଥିପାଇଁ ରାଜ୍ୟପାଳଙ୍କ କାର୍ଯ୍ୟଳାୟକୁ ସାକ୍ଷାତକାର ସହିତ ଦାବି ପତ୍ର ଦେବା ପାଇଁ ଏକ ଅନୁରୋଧ ପତ୍ର ଦିଆଯାଇଥିଲା । କିନ୍ତୁ ଦରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ମିଳିନଥିଲା । ଏତାଦୃଶ ଆଚରଣକୁ ଦୁର୍ଭାଗ୍ୟଜନକ ବୋଲି ବିଚାର କରି ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ଗୃହିତ କରାଯାଇଥିଲା । ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂଗୃହିତ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ରାଷ୍ଟ୍ରପତିଙ୍କ ଉଦ୍ଦ୍ୟେଶରେ ପଠାଇବାକୁ ନିଷ୍ପତି ନିଆଯାଇଥିଲା । କଂଗ୍ରେସର ବରିଷ୍ଠ ନେତୃଗଣ ଶ୍ରୀକାନ୍ତ ଜେନା, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଜୟଦେବ ଜେନା, ଶରତ ରାଉତ, ଦେବାଶିଷ ନାୟକ, ଭୂଜବଳ ମାଝୀ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ପରିବର୍ତ୍ତିତ ମନରେଗା ଯୋଜନାର ରୂପରେଖ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ସରକାର କିପରି ଜନତା ମାରଣ ନୀତି ଆପଣେଇଛନ୍ତି ସେ ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ଉକ୍ତ ସତ୍ୟାଗ୍ରହରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶିବାନନ୍ଦ ରାୟ, ଅମୀୟ ପଟ୍ଟନାୟକ, ଓଡ଼ିଶା ସରପଞ୍ଚ ମହାସଂଘର ସାଧାରଣ ସମ୍ପାଦକ ତପନ ଚକ୍ରବର୍ତ୍ତୀ ପ୍ରମୁଖ ଏହି ଆଲୋଚନାରେ ଉପସ୍ଥିତ ଥିଲେ ।



### ବେଦାନ୍ତ ଆଲୁମିନିୟମର ପରିବର୍ତ୍ତନଶୀଳ

# ସାମୁଦାୟିକ ପ୍ରଦର୍ଶନୀ କଳାହାଣ୍ଡି ଉତ୍ସବ ୨୦୨୬ ଦର୍ଶକଙ୍କୁ ଆକର୍ଷିତ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ ର ୨୮ତମ ସଂସ୍କରଣରେ ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଥିଲା। କମ୍ପାନୀର ପ୍ୟାଭିଲିୟନକୁ ୩୦,୦୦୦ ରୁ ଅଧିକ ପରିଦର୍ଶକଙ୍କ ଆଗମନ ରେକର୍ଡ କରାଯାଇଥିଲା ଯେଉଁଠାରେ ବକ୍ସାଇଟ୍ ରୁ ଆଲୁମିନିୟମ୍ ଉତ୍ପାଦନ ଏବଂ ଏହାର ପ୍ରୟୋଗ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା । ଭବାନୀପାଟଣାରେ ଆୟୋଜିତ ଏହି ଉତ୍ସବ ବେଦାନ୍ତ ଆଲୁମିନିୟମ ପାଇଁ ଜିଲ୍ଲା ସହିତ ଏହାର ଦୀର୍ଘକାଳୀନ ସମ୍ପର୍କ ଏବଂ ସ୍ଥାନୀୟ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏହି ପାଞ୍ଚ ଦିନିଆ ଉତ୍ସବରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ।



ଶିଳ୍ପ ଉତ୍କର୍ଷତା ବ୍ୟତୀତ, ଏହି ପ୍ରଦର୍ଶନୀ ପ୍ରକଳ୍ପ 'ସଖୀ' ଏବଂ ପ୍ରକଳ୍ପ 'ଆଦିକଳା' କମ୍ପାନୀର ଗୋଷ୍ଠୀ ପରିବର୍ତ୍ତନ ଯାତ୍ରାକୁ ଆଲୋକିତ କରିଥିଲା। ପ୍ରକଳ୍ପ ସଖୀ ମାର୍କେଟପ୍ଲେସରେ ଗ୍ରାମୀଣ ଓଡ଼ିଶାର ୪୦୦୦ ରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ମିଲେଟ୍ ଆଧାରିତ ଜୈବିକ ଉତ୍ପାଦ ଠାରୁ ଆରମ୍ଭ କରି ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଏଥି ସହିତ, ପାରମ୍ପରିକ ଢୋକ୍ରା ଏବଂ ସଉରା କଳାରେ ଦକ୍ଷ ସ୍ଥାନୀୟ କାରିଗରମାନଙ୍କ ସିଧାସଳଖ ପ୍ରଦର୍ଶନ ମାଧ୍ୟମରେ ପ୍ରକଳ୍ପ ଆଦିକଳା ଏହି ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ଜୀବନ୍ତ କରିଥିଲା । ନିରନ୍ତର ତାଲିମ, ଡିଜାଇନ୍ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ୨୦୦ ରୁ ଅଧିକ କାରିଗର ପରିବାର ପାଇଁ ସ୍ଥାୟୀ ଜୀବିକା ସହିତ ଏହି ପ୍ରାଚୀନ ପରମ୍ପରା ଏକ ଆଧୁନିକ ଅର୍ଥନୀତିରେ ସମୃଦ୍ଧ ହେବା ନିଶ୍ଚିତ କରିଛି । ଏଥି ସହିତ ଉତ୍ସବ ସମୟରେ କମ୍ପାନୀ କଳାହାଣ୍ଡିର ଦଶମ ଶ୍ରେଣୀର ଆଠ ଜଣ ଜିଲ୍ଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା, ଯାହା ଶିକ୍ଷାଗତ ଯୋଗ୍ୟତାକୁ ସ୍ୱୀକୃତି ଦେଇଥିଲା ଏବଂ ଗ୍ରାମୀଣ ଛାତ୍ରମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲା। କଳାହାଣ୍ଡି ଜିଲ୍ଲା ଜଜ୍ ଶ୍ରୀ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳ ଶ୍ରୀ ସଚିନ ପ୍ରକାଶ ପାୱାର, ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ଏସ୍. ସାହୁ ଏବଂ ବେଦାନ୍ତ ଆଲୁମିନା ବିଜିନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କଳାହାଣ୍ଡି ଉତ୍ସବ ହେଉଛି ଏକ ମଞ୍ଚ ଯାହା ଏହି ଅଞ୍ଚଳର ଆବେଗକୁ ପାଳନ କରିଥାଏ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଦୟ ଉପସ୍ଥିତି ଦ୍ୱାରା ଆମେ ଗର୍ବିତ, ଯାହା ଆମର ବିଶ୍ୱାସକୁ ନିଶ୍ଚିତ କରିଛି ଯେ ଶିଳ୍ପପ୍ରଗତି ଏବଂ ସାଂସ୍କୃତିକ ସଂରକ୍ଷଣ ମିଳିତ ଭାବେ ଆଗକୁ ବଢିବା ଆବଶ୍ୟକ, ଯାହା କଳାହାଣ୍ଡି ଲୋକଙ୍କ ପାଇଁ ଏକ ସମାବେଶୀ ଏବଂ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିବ।" କଳାହାଣ୍ଡି ଉତ୍ସବ ୨୦୨୬ରେ ଅଂଶଗ୍ରହଣ ମାଧ୍ୟମରେ କମ୍ପାନୀ ପୁଣି ଥରେ ଏକ ଦାୟିତ୍ୱବାନ ଶିଳ୍ପ ଅଂଶୀଦାର ଭାବରେ ଏହାର ଭୂମିକାକୁ ଦୋହରାଇଛି, ଯାହା କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ସଂରକ୍ଷଣ, ସାମାଜିକ ବିକାଶ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ପ୍ରତିଶ୍ରୁତିବଦ୍ଧ ।

## ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନେଇ ନିର୍ମାଣ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର, (ସବ୍ୟୁ):ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗକୁ ଯେଉଁ ୧୫ ସୂତ୍ରୀ ବିଷୟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ତାହାକୁ କିଭଳି ଅନୁପାଳନ କରାଯାଇପାରିବ ସେ ନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏଥିରେ ସବୁ ସରକାରୀ କାର୍ଯ୍ୟ ଏପରିକି ଚିଠିପତ୍ର, ସରକାରୀ ନିର୍ଦ୍ଦେଶନାମା ଆଦି ଓଡ଼ିଆରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ରାଜ୍ୟ ସରକାର ସବୁବେଳେ ନୂତନ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ତେଣୁ ଖାଲିଥିବା ପଦ ପୂରଣ ଏବଂ ପଦୋନ୍ନତି ଅପେକ୍ଷାରେ ଥିବା ଯୋଗ୍ୟ ଅଧିକାରୀଙ୍କୁ ତୁରନ୍ତ ପଦୋନ୍ନତି ଦେବା ପାଇଁ ବୈଠକରେ ଶ୍ରୀ ସିଂହ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ପ୍ରମୁଖ ଶାସନ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ କହିଥିଲେ ଯେ ବର୍ତ୍ତମାନ ଯୁଗ ହେଉଛି ଟେକ୍‌ନୋଲୋଜିର ଯୁଗ । ତେଣୁ ସମୟ ସହିତ ତାଳଦେଇ ଆଗକୁ ବଢ଼ିବାକୁ ପଡ଼ିବ । ପାରମ୍ପରିକ ଶୈଳୀରେ ଫାଇଲ କାର୍ଯ୍ୟ ଯୋଗୁଁ କାର୍ଯ୍ୟ ଅଯଥା ବିଳମ୍ବିତ ହେଉଛି । ତେଣୁ ଏଣିକି ସବୁ ସରକାରୀ କାର୍ଯ୍ୟ ଏବଂ ଫାଇଲ ଅନ୍‌ଲାଇନ୍ ଓ ଓ୍ୱାସ୍ ଜରିଆରେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବର୍ତ୍ତମାନ ଜାରି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯେପରିକି ଭୁବନେଶ୍ୱର ଭିଡ଼ ନିୟନ୍ତ୍ରଣ ପାଇଁ ଜୟଦେବ ବିହାର-ନନ୍ଦନକାନନ ସମେତ ମୋଟ ୩୭ ଗୋଟି ରାସ୍ତା ପ୍ରକଳ୍ପ, କୋରାପୁଟ-ଜୟପୁର, ବ୍ରହ୍ମପୁର-ଜୟପୁର, ନମୋ ଏକ୍ସପ୍ରେସ୍ ୱେ ଏବଂ ଅଟଳ ଏକ୍ସପ୍ରେସ୍ ୱେ ଆଦି ପାଇପ୍‌ଲାଇନ୍‌ରେ ଥିବା ବିଭିନ୍ନ ପ୍ରକଳ୍ପକୁ ସମୟ ଅବଧି ମଧ୍ୟରେ ସାରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

# ପ୍ରଥମ ସୋଆ ପୁଷ୍ପ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ସୋମବାର ଦୁଇ ଦିନିଆ 'ପ୍ରଥମ ସୋଆ ପୁଷ୍ପ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଆନ୍ତର୍ଜାତିକ ପୁଷ୍ପ ଦିବସ ପରିପ୍ରେକ୍ଷୀରେ ଜାନୁଆରୀ ୧୯ ଓ ୨୦ ତାରିଖରେ ଦୁଇ ଦିନ ଧରି ସୋଆ କ୍ୟାମ୍ପସ -୪ କୃଷି ମହାବିଦ୍ୟାଳୟ ପରିସରରେ ଏହି ପୁଷ୍ପ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁଷ୍ପ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚାଷୀ, ଛାତ୍ରଛାତ୍ରୀ, ଫୁଲ ବ୍ୟବସାୟୀ ଏବଂ ଗୃହିଣୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନେ ପୁଷ୍ପ ଚାଷ ଦ୍ୱାରା କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ହିଁ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଶ୍ରୀମତି ଦାସ କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏଭଳି ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀଙ୍କ ବ୍ୟତୀତ ଗୃହିଣୀ, ଚାଷୀ ଓ ବ୍ୟବସାୟୀମାନେ ଲାଭବାନ ହେବା ସହିତ ଆଧୁନିକ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏହାକୁ ବିକଶିତ କରିପାରିବେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପୁଷ୍ପ ଉତ୍ସବରେ ୧୮ଟି ଷ୍ଟଲ ଏବଂ ୯୦ଟି ବର୍ଗର ଫୁଲକୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିବା ବେଳେ ଏହାକୁ ସାଧାରଣ ଲୋକଙ୍କ ପ୍ରଦର୍ଶନ ନିମନ୍ତେ ଦିନ ୧୧ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରଖାଯାଇଛି।



### ବିଏମ୍‌ସି ଦକ୍ଷିଣ-ପଶ୍ଚିମ ଜୋନ୍‌ସ୍ତରୀୟ ବୈଠକ

# ଖଣ୍ଡଗିରି କୁମ୍ଭମେଳା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଭୁବନେଶ୍ୱର(ସବ୍ୟୁ) : ଆସନ୍ତା ୨୫ ତାରିଖରୁ ଖଣ୍ଡଗିରି କୁମ୍ଭମେଳା ଆୟୋଜନ ହେବାକୁ ଯାଉଛି ।



କୁମ୍ଭମେଳା ପାଇଁ ପ୍ରସ୍ତୁତି କେତେ ପର୍ଯ୍ୟାୟରେ ଶେଷ ହୋଇଛି ଏବଂ ଆଉ କେଉଁ କାର୍ଯ୍ୟ ବାକି ରହିଛି, ସେନେଇ ଜୋନାଲ କମିଶନର ରାକେଶ କୁମାର ପାତ୍ର ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ । ତେବେ ବାକିଥିବା କାର୍ଯ୍ୟ ତୁରନ୍ତ ସାରିବାକୁ ମେୟର ସୁଲୋଚନା ଦାସ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଭିନ୍ନ ୱାର୍ଡରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରେ ଆଲୋଚ୍ୟ ବିଷୟବସ୍ତୁ ତଥା ନିଷ୍ପତ୍ତି ନିଆଯାଇଥିବା କାର୍ଯ୍ୟ ସଂପର୍କରେ ଆସନ୍ତା କର୍ପୋରେସନ ବୈଠକରେ ଉପସ୍ଥାପନ କରାଯିବ । କର୍ପୋରେସନରେ ସବୁ ଓ୍ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିବା ସମ୍ଭବ ହେଉନଥିବାରୁ ଜୋନ୍ ସ୍ତରରେ ଏପରି ବୈଠକ କରି ଅଧିକାଂଶ ସମସ୍ୟାର ସମାଧାନ କରାଯାଇପାରୁଛି । ସେଥିପାଇଁ ବିଏମସି ପକ୍ଷରୁ ମଣ୍ଡଳସ୍ତରୀୟ ବୈଠକ କରାଯାଉଛି । ପ୍ରତି ମାସରେ ପ୍ରତ୍ୟେକ ଜୋନରେ ଗୋଟିଏ ଲେଖାଏଁ ବୈଠକ ଅନୁଷ୍ଠିତ ହେବ ବୋଲି ମେୟର ଶ୍ରୀ ଦାସ କହିଛନ୍ତି ।

## ସିମ୍ଫନି ମଲରେ ଟାଟା ଗ୍ରୁପର ଜୁଡିଓ ନୂତନ ଷ୍ଟୋର

ଭୁବନେଶ୍ୱର, (ସବ୍ୟୁ): ଟାଟା ଗ୍ରୁପର ଲୋକପ୍ରିୟ ମୂଲ୍ୟ-ଫ୍ୟାଶନ୍ ବ୍ରାଣ୍ଡ ଜୁଡିଓ, ଭୁବନେଶ୍ୱରର ସିମ୍ଫନି ମଲରେ ଏକ ନୂତନ ଷ୍ଟୋର ଉନ୍ମୋଚନ ସହିତ ଓଡ଼ିଶାରେ ଏହାର ଉପସ୍ଥିତି ବିସ୍ତାର କରିଛି । ଦ୍ରୁତ ଅଭିବୃଦ୍ଧିଶୀଳ ଫ୍ୟାଶନ୍ ବ୍ରାଣ୍ଡ ସହରରେ ଟ୍ରେଣ୍ଡ-ନେତୃତ୍ୱାଧୀନ ଷ୍ଟାଇଲ୍, ବିସ୍ତୃତ ପସନ୍ଦ ଏବଂ ସୁଲଭତାର ଏହାର ସ୍ୱାକ୍ଷର ମିଶ୍ରଣ ଆଣିଥାଏ, ଯାହା ସ୍ଥାନୀୟ ଫ୍ୟାଶନ୍ ଖୁଚୁରା କ୍ଷେତ୍ରରେ ନୂତନ ଗତି ଯୋଗ କରିଥାଏ। ବିବିଧତା, ସୁଲଭତା ଏବଂ ସମସାମୟିକ ଡିଜାଇନ୍ ମିଶ୍ରଣ କରି ଜୁଡିଓ ଭାରତର ଦ୍ରୁତ-ଫ୍ୟାଶନ୍ ଲ୍ୟାଣ୍ଡସ୍କେପ୍ ପୁନଃପରିଭାଷିତ କରୁଛି । ସାରା ଦେଶରେ ଫ୍ୟାଶନ୍ ସଚେତନତା ବୃଦ୍ଧି ପାଇବା ସହିତ, ଆମର ଧ୍ୟାନ ଷ୍ଟାଇଲ୍‌କୁ ଅଧିକ ସୁଲଭ, ଆକାଂକ୍ଷୀ ଏବଂ ରୋମାଂଚକର କରିବା ଉପରେ ରହିଛି । ଆମର ବାରମ୍ବାର ସଂଗ୍ରହ ରିଫ୍ରେଶନ୍ ଏକ ଦୃଢ଼ ପାର୍ଥକ୍ୟ ସୃଷ୍ଟି କରେ ଏବଂ ଗ୍ରାହକମାନଙ୍କୁ ପ୍ରତ୍ୟେକ ଥର ନୂଆ କିଛି ପାଇଁ ଫେରିବାକୁ ଉତ୍ସାହିତ କରେ, ଟ୍ରେଣ୍ଟ ଲିମିଟେଡର ସିଇଓ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭେଙ୍କଟେସାଲୁ ପି କହିଛନ୍ତି ।

# ସତ୍ୟନଗର ସିନିୟର୍ ସିଟିଜେନ୍ ଫୋରମ୍ ର ମାସିକିଆ ବୈଠକ

ଭୁବନେଶ୍ୱର (ସବ୍ୟୁ): ସତ୍ୟନଗର ଅଞ୍ଚଳରେ ଥିବା ସିନିୟର୍ ସିଟିଜେନ୍ ଫୋରମ୍ ର ଜାନୁଆରୀ ମାସ ମିଟିଂ ୧୭ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି ବରିଷ୍ଠ ନାଗରିକ ସଂଘ ର ସଦସ୍ୟ ମାନେ ତା ୩୧.୧୨.୨୫ ରେ ଚଉଷଠୀ ଯୋଗିନୀ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ପୂଜା ପାଠ ଓ ଭୋଜି ସହିତ ସ୍ୱାଗତ ୨୦୨୬ ନବବର୍ଷ ପାଳନ କରିଥିଲେ । ଗୋଟିଏ ବର୍ଷ ହେଲା ରେଜିଷ୍ଟ୍ରେସନ ହୋଇଥିବା ଏହି ବରିଷ୍ଠ ନାଗରିକ ସଂଘ ର ସଦସ୍ୟ ମାନେ ନିୟମିତ ମିଳାମିଶା ଓ ବୈଠକ ଡକାଇ ସମସ୍ତେ ନିଜ ନିଜ ବାକି ଜୀବନ ମଜା ମସ୍ତି ରେ କଟାଉଛନ୍ତି । ଗତ ୧୪ତାରିଖ ମେମ୍ବର ଇଂ ଚକ୍ରଧର ଗନ୍ତାୟତଙ୍କ ପରଲୋକ ଯୋଗୁ ସଦସ୍ୟ ମାନେ ମାସିକିଆ ବୈଠକ ସହିତ ଶୋକସଭା ପାଳନ କରିଥିଲେ । ସ୍ୱାସ୍ଥ୍ୟ , ସାଇବର କ୍ରାଇମ୍, ସାମାଜିକ, ଓ ସଂସ୍କୃତି ସଂବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏହି ସଂସ୍ଥା ତରଫରୁ ବିଭିନ୍ନ ସମୟରେ କରାଯାଇଥାଏ । ୧୭.୧.୨୬ ତାରିଖ ବୈଠକରେ ଭୁବନେଶ୍ୱର ସହିଦନଗର ସ୍ଥିତ ସ୍ପର୍ଶ ହସ୍ପିଟାଲ ର ଅଭିଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରାଇଥିଲେ । ସଭାପତି ଗୋପାଳ ଚନ୍ଦ୍ର ବିଶୋଇ, ସମ୍ପାଦକ ଶିବୁ ପଟ୍ଟନାୟକ,ସହ ସମ୍ପାଦକ ଭୁବନ ମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଶାନ୍ତ ନନ୍ଦ , ମେମ୍ବର ରଞ୍ଜନ କୁମାର ସ୍ୱାଇଁ, ଦେବାନନ୍ଦ ବେହେରା ଓ ଶ୍ୟାମସୁନ୍ଦର ପଟ୍ଟନାୟକ ଇତ୍ୟାଦି ମାସିକିଆ ବୈଠକ ପରିଚାଳନା କରିଥିଲେ ।




### ଚିଲିକାରେ ସରିଲା ପକ୍ଷୀ ଗଣନା, ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି

# ୧୯୬ପ୍ରଜାତିର ୧୧ଲକ୍ଷ ୩୨ହଜାର ୨୦୦ପକ୍ଷୀଙ୍କ ସମାଗମ

ଖୋର୍ଦ୍ଧା, (ସବ୍ୟୁ): ଏସିଆ ମହାଦେଶର ସର୍ବବୃହତମ ଲବଣାକ୍ତ ହ୍ରଦ ତଥା ପକ୍ଷୀତୀର୍ଥ ଚିଲିକାକୁ ଚଳିତ ବର୍ଷ ୧୯୬ ପ୍ରଜାତିର ସମୁଦାୟ ୧୧ଲକ୍ଷ ୩୨ହଜାର ୨୦୦ ରଙ୍ଗବେରଙ୍ଗର ପକ୍ଷୀଙ୍କ ସମାଗମ ହୋଇଛି। ଚଳିତ ବର୍ଷ ସମଗ୍ର ଚିଲିକାରେ ୧୦୬ ପ୍ରଜାତିର ୧୧ଲକ୍ଷ ୧୦ ହଜାର ୨୫୭ଟି ବିଦେଶା ଗତ ପକ୍ଷୀ ଆସିଥିବା ବେଳେ ୯୦ ପ୍ରଜାତିର ୨୧ହଜାର ୯୪୩ଗୋଟି ସ୍ଥାନୀୟ ପକ୍ଷୀ ଦେଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ସମଗ୍ର ଚିଲିକାରେ ବିଗତ ବର୍ଷ ତୁଳନାରେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ଗତ ବର୍ଷ ୧୯୬ ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀ ସମାଗମ ହୋଇଥିଲେ। ତେବେ ଗତବର୍ଷ ଓ ଚଳିତ ବର୍ଷ ର ପ୍ରଜାତି ସଂଖ୍ୟା ସମାନ ରହିଥିବାବେଳେ ଚଳିତ ବର୍ଷ ୪ହଜାର ୯୭୨ଟି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ଚଳିତ ବର୍ଷ ସର୍ବାଧିକ ପକ୍ଷୀ ବାଲୁଗାଁ ରେଞ୍ଜ ଅନ୍ତର୍ଗତ ଅଂଚଳରେ ଦେଖାଯାଇଛି। ଗତ ବର୍ଷ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୨ପ୍ରଜାତିର ମୋଟ ୩ଲକ୍ଷ ୪୩ହଜାର ୨୨୬ଟି



ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ଏଠାରେ ୧୦୬ ପ୍ରଜାତିର ମୋଟ ୩ଲକ୍ଷ ୯୭ହଜାର ୫୮୭ଟି ପକ୍ଷୀଙ୍କ ସମାଗମ ହୋଇଛନ୍ତି। ନଳବଣରେ ୫୪ ହଜାର ୩୬୧ଟି ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ପକ୍ଷୀ ଗଣନାରୁ ରିପୋର୍ଟରୁ ଜଣାଯାଇଛି। ଏଥିସହ ଚଳିତ ବର୍ଷ ନୂତନ ଭାବେ ଆଫ୍ରିକା ମହାଦେଶରୁ ଆସିଥିବା ପ୍ଲେନ ମାର୍ଟିନ ଓ ବେଙ୍ଗଲରୁ ଆସିଥିବା ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ଦୁଇଗୋଟି ପକ୍ଷୀ ଦୃଶ୍ୟମାନ ହୋଇଛନ୍ତି। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସମଗ୍ର ଚିଲିକାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗଣନାକାରୀଙ୍କ ରିପୋର୍ଟ ଅନୁଯାୟୀ ଗତ ବର୍ଷ ସମଗ୍ର ଚିଲିକା ଅଂଚଳରେ ୧୯୬ ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ସମଗ୍ର ଚିଲିକାରେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇ ୧୯୬ପ୍ରଜାତିର ୧୧ଲକ୍ଷ ୩୨୭ହଜାର ୨୦୦ପକ୍ଷୀଙ୍କ ସମାଗମ ହୋଇଥିବା ସହ ୯୦ପ୍ରଜାତିର ୨୧ହଜାର ୯୪୩ଟି ସ୍ଥାନୀୟ ପକ୍ଷୀ ଦେଖାଯାଇଛି। ଚଳିତ ବର୍ଷ ସର୍ବାଧିକ ସଂଖ୍ୟାରେ ନର୍ଦନ ପିନଟେଲ୍ ୨ଲକ୍ଷ ୧୮ହଜାର ୯୯୩ଟି, ୟୁରାସିଆନ କୁଜ୍‌ୟନ ୧ଲକ୍ଷ ୫୩ହଜାର ୩୧୮, ଗଡୱାଲ ୧ଲକ୍ଷ ୪୩ହଜାର ୧୨୭, ବ୍ଲାକଟେଲ ଗଡୱାଲ, କମନ୍ କୁଟ୍ ଓ ଚିଲିକାର ଶୋଭାମଣ୍ଡନ କାରୀ ଫ୍ଲେମିଙ୍ଗୋ ପକ୍ଷୀ ଗତ ବର୍ଷ ୨ହଜାର ୬୩୮ଟି ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ୧୮୦୦ଟି ଫ୍ଲେମିଙ୍ଗୋ ପକ୍ଷୀ ଆସିଥିବା ଗଣନାରୁ ଜଣାଯାଇଛି। ସୁଦୂର ସାଇବେରିଆ, କାଜାକିସ୍ଥାନ, ଋଷ୍, ଆମେରିକା, ଇରାନ୍, ଆଫଗାନିସ୍ଥାନ, ଲଦାଖ ସମେତ ହିମାଳୟ ଆଦି ଦେଶ ଓ ଅଞ୍ଚଳରୁ ଗତ ବର୍ଷ ୧୯୬ପ୍ରଜାତିର ଲକ୍ଷ ଲକ୍ଷ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ମଧ୍ୟ ୧୯୬ ପ୍ରଜାତିର ଲକ୍ଷ ଲକ୍ଷ ପକ୍ଷୀ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ହଜାର ହଜାର ମାଇଲ ଅତିକ୍ରମ କରି ଚିଲିକା ବକ୍ଷକୁ ଆଗମନ କରିଛନ୍ତି। ଏହି ଗଣନା କାର୍ଯ୍ୟରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିସ୍‌ଟୋରି ଅଫ୍ ସୋସାଇଟି, ଓ୍ୟୁଏଟି, ସିଡ଼ିଏ କର୍ମଚାରୀ, ୱାଇଲ୍ଡ ଓଡ଼ିଶା, ଭେଟେନୋରୀ ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରଛାତ୍ରୀ ଓ ବହୁ ଅଭିଜ୍ଞ ପକ୍ଷୀ ବିଶାରଦ ସାମିଲ୍ ହୋଇଥିବା ନେଇ ଚିଲିକା ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ ସୁଚନା ଦେଇଛନ୍ତି।

## ଉନ୍ନାଓ ଦୁଷ୍କର୍ମ ମାମଲା

# ସେନଗରଙ୍କ ଦଣ୍ଡାଦେଶ ସ୍ଥଗିତ ଆବେଦନ ଖାରଜ

ନୂଆଦିଲ୍ଲୀ: ଉନ୍ନାଓ ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ବିଧାୟକ କୁଲଦୀପ ସିଂହ ସେନଗରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟ୍କା ଲାଗିଛି। ସେନଗରଙ୍କ ପକ୍ଷରୁ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ହାଇକୋର୍ଟରେ ହୋଇଥିବା ଆବେଦନ ସୋମବାର ଖାରଜ ହୋଇଯାଇଛି। ହାଜତ ମୃତ୍ୟୁ ଘଟଣାରେ ଦିଲ୍ଲୀ ହାଇକୋର୍ଟ ସେନଗରଙ୍କ ଆବେଦନ ଖାରଜ କରିଦେଇଛନ୍ତି। ଏହି ମାମଲା ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କର ପୁଲିସ ହେପାଜତରେ ମୃତ୍ୟୁ ହେବାକୁ ନେଇ ରୁଜୁ ହୋଇଥିଲା। ମାମଲାରେ ଦଣ୍ଡିତ ହେବା ଯୋଗୁ ସେନଗର ଜେଲରୁ ବାହାରକୁ ଆସିପାରି ନଥିଲେ। ସେନଗରଙ୍କୁ ୨୦୧୯ରେ ଏକ ଟ୍ରାଏଲ କୋର୍ଟ ଏହି ମାମଲାରେ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ନିକଟରେ ସେନଗର ସ୍ୱାସ୍ଥ୍ୟାବସ୍ଥାର ଦ୍ୱାହି ଦେଇ ହାଇକୋର୍ଟରେ ଆବେଦନ ରୁଜୁ କରି ଦଣ୍ଡାଦେଶ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ। ତାଙ୍କଠାରେ ମଧୁମେହ, ମୋତିଆବିନ୍ଦୁ ରି ସମସ୍ୟା ଦେଖାଯାଇଥିବାରୁ ସେ ଦିଲ୍ଲୀ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହେବାକୁ ଆବେଦନ କରିଥିଲେ। କୋର୍ଟରେ ଦାୟର ହୋଇଥିବା ଏହି ଆବେଦନକୁ ଉଭୟ ସିବିଆଇ ଓ ପୀଡ଼ିତାଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ମାମଲାରେ ଅପହରଣ, ମାଡ଼ପିଟ୍ ଓ ହାଜତ ମୃତ୍ୟୁ ପରି ଗମ୍ଭୀର ଅଭିଯୋଗ ରହିଥିବାରୁ ଅଭିଯୁକ୍ତଙ୍କ ଆବେଦନ ଗ୍ରହଣ ନ କରିବାକୁ ସିବିଆଇ ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଥିଲା। ପୀଡ଼ିତା ଓ ତାଙ୍କ ପରିବାରକୁ ଚୁପ୍ କରାଇବା ସେନଗରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିବିଆଇ ପକ୍ଷରୁ କୁହାଯାଇଥିଲା। ସମସ୍ତ ପକ୍ଷର ଶୁଣାଣି ପରେ ବିଚାରପତି ରବିନ୍ଦର ଦୁଡେଜା ସେନଗରଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

## ଟ୍ରମ୍ପଙ୍କ ଧମକକୁ ଚ୍ୟାଲେଞ୍ଜ

# ଗ୍ରିନଲାଣ୍ଡକୁ ସେନା ପଠାଇଲେ ୭ ଦେଶ

ୱାଶିଂଟନ: ଗ୍ରିନଲାଣ୍ଡକୁ ଦଖଲ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ଦେଶ ଏହା ବିରୋଧରେ ଏକାଠି ହୋଇଛନ୍ତି। ନାଟୋ ଦେଶର ସଦସ୍ୟମାନେ 'ଅପରେସନ ଆର୍କଟିକ ଏଣ୍ଡୁରାନ୍ସ' ନାମରେ ଯୁଗ୍ମ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅପରେସନ ପାଇଁ ଫ୍ରାନ୍ସ ଏହାର ୨୭ ତମ ମାଉଣ୍ଟେନ ଇନଫାଣ୍ଟ୍ରି ବ୍ରିଗେଡର ୧୫ ଜଣ ସୈନ୍ୟଙ୍କୁ ଗ୍ରିନଲାଣ୍ଡ ପଠାଇଛି। ଜର୍ମାନୀ ୧୩ ଜଣ ସୈନ୍ୟ ଗ୍ରିନଲାଣ୍ଡକୁ ପଠାଇଛି। ନରୱେ, ନେଦରଲାଣ୍ଡ ଓ ଫିନଲାଣ୍ଡ ୨ ଜଣ ଲେଖାଏଁ ସୈନ୍ୟ ପଠାଇଛନ୍ତି। ବ୍ରିଟେନ୍ ଜଣେ ମିଲିଟାରୀ ଅଫିସରଙ୍କୁ ପଠାଇଛି। ସ୍ୱିଡେନ ମଧ୍ୟ ଗ୍ରିନଲାଣ୍ଡକୁ ସୈନ୍ୟ ପଠାଇବ ବୋଲି କହିଛି।

ତେବେ ସ୍ୱିଡେନ କେତେ ସୈନ୍ୟ ପଠାଇବ ତାହା ସ୍ପଷ୍ଟ କରିନାହିଁ। ଡେନମାର୍କ ସେନା ସହିତ ୟୁରୋପୀୟ ଦେଶର ୩୫-୪୦ ସୈନ୍ୟ ଗ୍ରିନଲାଣ୍ଡ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଟାଲିର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ ଏହି ପୂରା ଅପରେସନକୁ ଉପହାସ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି। ପୋଲାଣ୍ଡ, ଇଟାଲି ଓ ତୁର୍କୀ ଗ୍ରିନଲାଣ୍ଡକୁ ସୈନ୍ୟ ପଠାଇବାକୁ ମନା କରିଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁ କହିଛନ୍ତି, ଆଗାମୀ ଦିନରେ ଗ୍ରିନଲାଣ୍ଡକୁ ସ୍ଥଳ ମାର୍ଗ, ଆକାଶ ତଥା ସମୁଦ୍ର ମାର୍ଗରେ ଅଧିକ ସୈନ୍ୟ ପଠାଯିବ। ସୈନ୍ୟ ସଂଖ୍ୟା କମ୍ ଥିଲେ ମଧ୍ୟ ଗ୍ରିନଲାଣ୍ଡ



ପ୍ରସଙ୍ଗରେ ନାଟୋ ସଦସ୍ୟ ଏକାଠି ଥିବା ଏହା ଦର୍ଶାଉଛି।

ଅପରେସନ ଆର୍କଟିକ ଏଣ୍ଡୁରାନ୍ସ ଡେନମାର୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବାବେଳେ ଗ୍ରିନଲାଣ୍ଡରେ ଭବିଷ୍ୟତରେ ବଡ଼ଧରଣ ସୈନ୍ୟ ମୁତୟନ ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଛି। ଏହି ଅପରେସନ ଆର୍କଟିକ ଅଞ୍ଚଳରେ ସହଯୋଗୀ ଦେଶମାନଙ୍କରେ ସାମରିକ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଉଛି। ଆଗକୁ ଗ୍ରିନଲାଣ୍ଡ ଚତୁପାର୍ଶ୍ୱରେ ଅପରେସନ ଆର୍କଟିକ ସେଣ୍ଟ୍ରି ନାଁରେ ବଡ଼ଧରଣର ନାଟୋ ମିଶନ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ତେବେ ଏହା ଆରମ୍ଭ ହେବାକୁ ଅନେକ ବର୍ଷ ଲାଗିବ ବୋଲି ଜର୍ମାନୀର ପ୍ରତିରକ୍ଷା ମନ୍ତ୍ରୀ ବୋରିସ୍ ପିସ୍ତୋରିସ୍ କହିଛନ୍ତି।

ଟ୍ରମ୍ପଙ୍କ ଶୁଳ୍କ ନୀତିର ଜବାବରେ ୟୁରୋପୀୟ ସଂଘ ଆମେରିକା ଉପରେ ବାଣିଜ୍ୟ କଟକଣା ଲାଗୁ କରିବାକୁ ପ୍ରସ୍ତୁତ ହେଉଛି। ୟୁରୋପୀୟ ସଂଘ 'ଟ୍ରେଡ୍ ବାଜୁକା' ବ୍ୟବହାର କରିବାକୁ ବିଚାର କରୁଛି, ଯାହା ୟୁରୋପୀୟ ଦେଶଗୁଡ଼ିକ ଉପରେ ଲାଗୁ ହୋଇଥିବା ଆର୍ଥିକ କଟକଣା ବିରୋଧରେ କାର୍ଯ୍ୟ କରିବ।

## କିଏ ହେବେ ମୁମ୍ବାଇ ମେୟର ?

ମୁମ୍ବାଇ: ବୃହନ ମୁମ୍ବାଇ ନଗର ନିଗମ ନିର୍ବାଚନର ବହୁ ପ୍ରତୀକ୍ଷିତ ଫଳାଫଳ ଜାନୁଆରି ୧୬ ତାରିଖରେ ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୭ ଦିନ ବିତିଥିଲେ ମଧ୍ୟ ମୁମ୍ବାଇ ସହରକୁ ମେୟର ପାଇଁ କୌଣସି ନୂଆ ମୁହଁ ମିଳି ନାହିଁ। ବିଜୟୀ ମହାଯୁତି ମେଣ୍ଟ ସହଯୋଗୀ ବିଜେପି ଓ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ କିଏ ପାଇବେ ସେ ନେଇ ଛକାପଞ୍ଝାରେ ରହିଛନ୍ତି। ମେୟର ସିଧାସଳଖ ଭୋଟରଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ବରଂ, ଏହି ପଦବୀ ଏକ ପୃଥକ ଆଇନଗତ ପ୍ରକ୍ରିୟା ମାଧ୍ୟମରେ କରାଯାଇଥାଏ। ଯାହା ନୂତନ ନିର୍ବାଚିତ ପୌର ସଂସ୍ଥା ଆନୁଷ୍ଠାନିକ ଭାବରେ ଗଠନ ହେବା ପରେ ଆରମ୍ଭ ହୋଇଥାଏ।

# ଲକ୍ଷ୍ନୌରେ ୮୬ତମ ଅଲ୍ ଇଣ୍ଡିଆ ପ୍ରିଜାଇଡିଂ ଅଫିସର୍ସ ସମ୍ମିଳନୀ

ନୂଆଦିଲ୍ଲୀ/ଲକ୍ଷ୍ନୌ : ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ସୋମବାର ୮୬ତମ ଅଲ୍ ଇଣ୍ଡିଆ ପ୍ରିଜାଇଡିଂ ଅଫିସର୍ସ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହି ତିନି ଦିନିଆ ସମ୍ମିଳନୀକୁ ଉତ୍ତର ପ୍ରଦେଶର ମାନ୍ୟବର ରାଜ୍ୟପାଳ ଆନନ୍ଦୀବେନ ପଟେଲ ଉଦଘାଟନ କରିଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ମୁଖ୍ୟ ଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ୨୮ଟି ରାଜ୍ୟ, ତିନୋଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଛଅଟି ବିଧାନସଭା ପରିଷଦର ଅଧ୍ୟକ୍ଷ ଅଧିକାରୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ, ଉତ୍ତର ପ୍ରଦେଶ ବିଧାନସଭାର ବାଚସ୍ପତି ସତୀଶ ମହାନା ସମ୍ମିଳନୀରେ ଯୋଗ ଦେଉଥିବା ସମସ୍ତ ଅଧ୍ୟକ୍ଷ ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିନନ୍ଦନ ବାର୍ତ୍ତା ପାଠ କରିଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କ



ଅଭିଭାଷଣରେ କହିଥିଲେ ଯେ ସେମାନେ ଯେକୌଣସି ରାଜନୈତିକ ଦଳ ସହିତ ଜଡିତ, ଅଧ୍ୟକ୍ଷଙ୍କ ଆଚରଣ ସମ୍ପୂର୍ଣ୍ଣ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ହେବା ଉଚିତ, ଦଳୀୟ ରାଜନୀତିରୁ ସ୍ୱାଧୀନ ଏବଂ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ଦେଖାଯିବା ଉଚିତ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କ ଅଭିଭାଷଣରେ କହିଥିଲେ ଯେ ବିଧାନସଭା ମାଧ୍ୟମରେ ଲୋକଙ୍କ ଆକାଂକ୍ଷା ଏବଂ ସ୍ୱର ସରକାରଙ୍କ ନିକଟରେ ପହଞ୍ଚେ ଏବଂ ସମାଧାନ କରାଯାଏ। ଫଳସ୍ୱରୂପ, ରାଜ୍ୟ ବିଧାନସଭା କାର୍ଯ୍ୟର ଅବଧି ହ୍ରାସ ପାଇବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ରାଜ୍ୟ ବିଧାନସଭା କାର୍ଯ୍ୟ ପାଇଁ ଏକ ସ୍ଥିର ଏବଂ ପର୍ଯ୍ୟାପ୍ତ ସମୟ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀଯୁକ୍ତ ବିର୍ଲା କହିଛନ୍ତି ଯେ ଗୃହ ଯେତେ ଅଧିକ ସମୟ ବସିବ, ସେତେ ଅର୍ଥପୂର୍ଣ୍ଣ, ଗମ୍ଭୀର ଏବଂ ଫଳାଫଳ-ମୁଖୀ ଆଲୋଚନା ସମ୍ଭବ ହେବ। ଶ୍ରୀ ବିର୍ଲା କହିଥିଲେ ଯେ ଆଧୁନିକ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମର ଯୁଗରେ, ଜନସାଧାରଣ ନିରନ୍ତର ଜନପ୍ରତିନିଧିଙ୍କ ପ୍ରତ୍ୟେକ କାର୍ଯ୍ୟ ଉପରେ ନଜର ରଖୁଛନ୍ତି, ଯାହା ସଂସଦୀୟ ଶିଷ୍ଟାଚାର ଏବଂ ଶୃଙ୍ଖଳା ବଜାୟ ରଖିବା ଆହୁରି ଜରୁରୀ କରିଦେଇଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ପ୍ରଯୁକ୍ତିବିଦ୍ୟା ଯୁଗରେ, ଯେତେବେଳେ ସୂଚନା ସବୁ ଦିଗରୁ ପ୍ରବାହିତ ହୁଏ, ଗୃହର ଅଖଣ୍ଡତା ବଜାୟ ରଖିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ସେ କହିଥିଲେ ଯେ ଅଖିଳ ଭାରତୀୟ ଅଧ୍ୟକ୍ଷ ଅଧିକାରୀ ସମ୍ମିଳନୀ ଭଳି ମଞ୍ଚ ଗଣତାନ୍ତ୍ରିକ ପ୍ରତିଷ୍ଠାନ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରେ, ସମନ୍ୱୟକୁ ମଜବୁତ କରେ ଏବଂ ଶାସନକୁ ଅଧିକ ପ୍ରଭାବଶାଳୀ କରେ। ଏହି ସମ୍ମିଳନୀଗୁଡ଼ିକ ସାରା ଦେଶରେ ନୀତି ଏବଂ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ସମନ୍ୱୟ କରିବାରେ ମଧ୍ୟ ସାହାଯ୍ୟ କରେ।

# ଅଲଆଉଟ୍ ଯୁଦ୍ଧର ଚେତାବନୀ ଦେଲା ଇରାନ

ତେରାନ : ଆମେରିକା ସହ ତିକ୍ତତା ଚରମସୀମାରେ ପହଞ୍ଚିଥିବା ବେଳେ ଇରାନ ଏବେ ଖୋଲା ଧମକ ଦେଇଛି। ଦେଶର ସୁପ୍ରିମ ଲିଡର ଅୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଟାର୍ଗେଟ କରାଗଲେ ଏହା ଅଲଆଉଟ ଯୁଦ୍ଧର ରୂପ ନେବ। ଏପରି କି ଫାଶୀ ଦଣ୍ଡକୁ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି ଆମେରିକାକୁ ଚେତାଇ ଦେଇଛି ଇରାନ। ସେପଟେ ଇରାନରେ ପ୍ରାୟ ୩ ସପ୍ତାହ ହେଲା ଜାରି ରହିଥିବା ହିଂସାତ୍ମକ ଆନ୍ଦୋଳନ ଜନିତ ମୃତ୍ୟୁସଂଖ୍ୟା ୫ ହଜାର ଅତିକ୍ରମ। ମୃତକଙ୍କ ମଧ୍ୟରେ ସୁରକ୍ଷାକର୍ମୀ ଓ କ୍ଷୋଭକାରୀ ରହିଛନ୍ତି। ଆତଙ୍କବାଦୀମାନେ ବିକ୍ଷୋଭ ନାଁରେ ଏପରି ହତ୍ୟାକାଣ୍ଡ ଘଟାଇ ଚାଲିଥିବା ଜଣେ ଇରାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଗୋଟିଏ ପଟେ ବିକ୍ଷୋଭକାରୀଙ୍କ ମୃତ୍ୟୁସଂଖ୍ୟା ବଢୁଥିବା ବେଳେ ଆମେରିକାର କାର୍ଯ୍ୟାନୁଷ୍ଠାନର ଭୟ ମଧ୍ୟ ଇରାନକୁ ଘାରିଛି।



ଆମେରିକା କାଳେ ଦେଶର ସୁପ୍ରିମ ଲିଡର ଖାମେନେଇଙ୍କ ଉପରେ ଆଟାକ କରିବ, ସେହି ଭୟରେ ଏବେ ଇରାନ ଧମକ ଦେବା ଆରମ୍ଭ କରିଛି। ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନ କହିଛନ୍ତି, ଯେକୌଣସି ଉତ୍ତେଜନା ଘଟଣାରେ ଇରାନର ଜବାବ ଅତ୍ୟନ୍ତ ଭୟଙ୍କର ଓ ଅକ୍ଷମଣୀୟ ରହିବ। ସୁପ୍ରିମ ଲିଡର ଖାମେନେଇଙ୍କ ବିରୋଧୀ ଯେକୌଣସି ଆକ୍ରମଣକୁ ଇରାନୀୟ ଦେଶ ବିରୋଧରେ ଗୋଟିଏ ସଂପୂର୍ଣ୍ଣ ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ସେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେଉଥିବା ବେଳେ ବିକ୍ଷୋଭକାରୀଙ୍କୁ ହତ୍ୟା କରାଗଲେ କିମ୍ବା ଗିରଫ ପରେ ସେମାନଙ୍କୁ ଫାଶୀ ଦଣ୍ଡ ଦିଆଗଲେ ୱାଶିଂଟନ ଏଥିରେ ହସ୍ତକ୍ଷେପ କରିବ ବୋଲି କହି ଚାଲିଛନ୍ତି। ଶନିବାର ଟ୍ରମ୍ପ ଗୋଟିଏ ସାକ୍ଷାତକାରରେ କହିଥିଲେ ଯେ ଏବେ ଇରାନରେ ନୂଆ ନେତୃବୃନ୍ଦଙ୍କୁ ଦେଖିବାର ସମୟ ଆସି ଯାଇଛି। ଟ୍ରମ୍ପଙ୍କ ଏପରି ବୟାନ ପରେ ଇରାନ ରାଷ୍ଟ୍ରପତିଙ୍କ ପକ୍ଷରୁ ଧମକପୂର୍ଣ୍ଣ ପୋଷ୍ଟ ଆସିଛି। ଏଥିସହ ସେ ଇରାନର ଦୁର୍ବଳ ଆର୍ଥିକ ସ୍ଥିତି ପାଇଁ ଆମେରିକା ଓ ଏହାର ସହଯୋଗୀମାନଙ୍କୁ ଦାୟୀ କରିଛନ୍ତି। ଦୀର୍ଘ କାଳୀନ ବିବାଦୀୟ ପରିସ୍ଥିତି ଓ ଅମାନବୀୟ କଟକଣା ଯୋଗୁ ଇରାନୀୟମାନେ ସାଂଘାତିକ ଅସୁବିଧାର ସମ୍ମୁଖୀନ ହେଉଥିବା ସେ କହିଛନ୍ତି।

# ସୁନା ଓ ରୁପା ଦର ବେଲଗାମ

ନୂଆଦିଲ୍ଲୀ : ସୁନା ରୁପା ଦର ଲଗାମହୀନ ଭାବେ ବଢ଼ିଚାଲିଛି। ଦିନକୁ ଦିନ ଏହି ଦୁଇ ମୂଲ୍ୟବାନ ଧାତୁର ଦାମ୍ ନୂଆ ରେକର୍ଡ କରୁଛି । ଏହି କ୍ରମରେ ସୋମବାର ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ମୂଲ୍ୟ ୧୯୧୦ ଟଙ୍କା ବୃଦ୍ଧି ପାଇ ନୂଆ ରେକର୍ଡ ୧,୪୫,୬୯୦ ଟଙ୍କାରେ ପହଞ୍ଚିଛି । ସେହିଭଳି ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦର ୧୭୫୦ ଟଙ୍କା ବୃଦ୍ଧି ଘଟି ୧,୩୩,୫୫୦ ଟଙ୍କା ଛୁଇଁଛି । ୨୦୨୬ ମସିହାର ପ୍ରଥମ ୧୯ ଦିନରେ ସୁନା ଦର ପାଖାପାଖି ୮ ପ୍ରତିଶତ ବୃଦ୍ଧି ପାଇଛି । ଜାନୁଆରି ପହିଲାରେ ୨୪ କ୍ୟାରେଟ୍ ସୁନା ଦର ୧,୩୫,୦୬୦ ଟଙ୍କା ଥିଲା। ତେଣୁ ଗତ ୧୯ ଦିନରେ ଏହାର ଦର ୧୦,୬୩୦ ଟଙ୍କା ବଢ଼ିଯାଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ଜାନୁଆରି ପହିଲାରେ ୧,୨୩,୮୦୦ ଟଙ୍କା ଥିଲା।

## କାଶ୍ମୀରରେ ଜଣେ ଯବାନ ସହିଦ

ଶ୍ରୀନଗର: ଜମ୍ମୁ-କାଶ୍ମୀରର କିସ୍ତୱାଡ଼ରେ ଆତଙ୍କବାଦୀ ନିରୋଧୀ ଅଭିଯାନ ବେଳେ ଜଣେ ଯବାନ ସହିଦ ହୋଇଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟରେ ହ୍ୱାଇଟ୍ ନାଇଟ୍ କର୍ପସ୍ ପ୍ରବକ୍ତା କହିଛନ୍ତି, ସେନା ଅପରେସନ ବେଳେ ସ୍ୱତନ୍ତ୍ର ବାହିନୀର ହାବିଲଦାର ଗଜେନ୍ଦ୍ର ସିଂହ ଅଦମ୍ୟ ସାହସ ଓ ବୀରତା ପ୍ରଦର୍ଶନ କରିଥିଲେ। ଭାରତୀୟ ସେନାର ପରମ୍ପରା ଅନୁଯାୟୀ ସେ ବୀରତ୍ୱ, ଦୁଃସାହସିକ ତଥା ଦେଶପାଇଁ ନିସ୍ୱାର୍ଥପର ସେବା ଯୋଗାଇ ଦେଇଛନ୍ତି। ଜେନେରାଲ ଅଫିସର କମାଣ୍ଡିଂ (ଜିଓସି), ହ୍ୱାଇଟ୍ ନାଇଟ୍ କର୍ପସ୍ ଓ ସେନା ସମସ୍ତ ପଦାଧିକାରୀଙ୍କ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ହାବିଲଦାର ସିଂହଙ୍କ ଶୋକସନ୍ତପ୍ତ ପରିବାର ପାଇଁ ସେନାପକ୍ଷରୁ ସମବେଦନା ବ୍ୟକ୍ତ କରାଯାଇଛି। ସେନା ଏହି ଦୁଃଖଦ ସମୟରେ ତାଙ୍କ ପରିବାର ସହିତ ରହିଛି ବୋଲି କୁହାଯାଇଛି।

# ପତ୍ନୀଙ୍କଠାରୁ ଅଲଗା ହେବେ ମୁଲାୟମଙ୍କ ସାନ ପୁଅ

ଲକ୍ଷ୍ନୌ : ୨୦୨୨ରେ ଅପର୍ଣ୍ଣା ଯାଦବ ଜାତୀୟତାବାଦ କଥା କହି ବିଜେପିରେ ସାମିଲ ହୋଇଥିଲେ। ଏବେ ସେ ଉତ୍ତର ପ୍ରଦେଶ ମହିଳା କମିଶନର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରତୀକ ରାଜନୀତିକ ପରିବାରରୁ ଆସିଥିଲେ ହେଁ ରାଜନୀତିରୁ ସବୁବେଳେ ଦୂରରେ ରହୁଛନ୍ତି। ସେ ରିୟଲ ଇଷ୍ଟେଟ ଓ ଫିଟନେସ କ୍ଷେତ୍ରରେ ବ୍ୟବସାୟ କରନ୍ତି। ଆଉ ଗୋଟିଏ ହାଇପ୍ରୋଫାଇଲ ବିବାହ ବିଚ୍ଛେଦ ଦେଖିବାକୁ ଯାଉଛି ଦେଶ। ସମାଜବାଦୀ ପାର୍ଟି ର ପ୍ରତିଷ୍ଠା ମୁଲାୟମ ସିଂହ ଯାଦବଙ୍କ ସାନ ପୁଅ ପ୍ରତୀପ ଯାଦବ ଓ ତାଙ୍କ ପତ୍ନୀ ଅପର୍ଣ୍ଣା ଅଲଗା ହେବାକୁ ଯାଉଛନ୍ତି। ପ୍ରତୀକ ହେଉଛନ୍ତି ସପା ମୁଖ୍ୟ ଅଖିଳେଶ ଯାଦବଙ୍କ ସାନ ଭାଇ। ଅପର୍ଣ୍ଣା ହେଉଛନ୍ତି ବିଜେପି ନେତ୍ରୀ।ଅପର୍ଣ୍ଣା ଯାଦବ ତାଙ୍କ ପରିବାରକୁ ପୂରା ବର୍ବାଦ କରି ଦେଇଥିବା ଅଭିଯୋଗ କରିଛନ୍ତି ପ୍ରତୀକ। ଏଥିପାଇଁ ସେ ଖୁବଶୀଘ୍ର ପର୍ଣ୍ଣାଙ୍କୁ ଡ଼ପତ୍ର ସେବାକୁ ଯାଉଥିବା କହିଛନ୍ତି। ଅପର୍ଣ୍ଣାଙ୍କ ଗୋଟିଏ ଫଟୋକୁ ଇନଷ୍ଟାଗ୍ରାମରେ ପୋଷ୍ଟ କରି ତାଙ୍କୁ ପରିବାର ବିଧ୍ୱଂସକାରୀ ଓ ସ୍ୱାର୍ଥପର ବୋଲି କହିଛନ୍ତି ପ୍ରତୀକ।

ସେ କହିଛନ୍ତି, " ଏହି ସ୍ୱାର୍ଥପର ମହିଳାଙ୍କୁ ମୁଁ ଯଥାଶୀଘ୍ର ସମ୍ଭବ ଛାଡ଼ପତ୍ର ଦେବାକୁ ଯାଉଛି। ସେ ମୋ ପରିବାର ମଧ୍ୟରେ ଥିବା ସମ୍ପର୍କକୁ ବର୍ବାଦ କରି ଦେଇଛନ୍ତି। ସେ କେବଳ ନିଜକୁ ପ୍ରଖ୍ୟାତ ଓ ପ୍ରଭାବଶାଳୀ କରିବାକୁ ଚାହାନ୍ତି। ଏବେ ମୁଁ ଅତ୍ୟନ୍ତ ଖରାମ ମାନସିକ ସ୍ଥିତିରେ ରହିଛି। ତଥାପି ଏଥିପ୍ରତି ତାଙ୍କର ଖାତିର ନାହିଁ। କାରଣ ସେ କେବଳ ନିଜ କଥା ହିଁ ଚିନ୍ତା କରନ୍ତି। ମୁଁ କେବେ ହେଲେ ଏଭଳି ଖରାପ ହୃଦୟର ଲୋକଙ୍କୁ ଦେଖି ନାହିଁ। ମୋର ଦୁର୍ଭାଗ୍ୟ ଯେ ମୁଁ ତାଙ୍କୁ ବାହା ହୋଇଥିଲି।

# ନୋବେଲ ପାଇଁ ବିକଳ ଟ୍ରମ୍ପ

ୱାସିଂଟନ: ନୋବେଲ ଶାନ୍ତି ପୁରସ୍କାର ନ ପାଇବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହତାଶ ହୋଇପଡ଼ିଛନ୍ତି। ତାଙ୍କର ଗ୍ରିନଲାଣ୍ଡ ଦଖଲ ଉଦ୍ୟମ ମଧ୍ୟ ଏହି ହତାଶାଭାବ ସହ ଜଡ଼ିତ ବୋଲି ନିଜେ ରାଷ୍ଟ୍ରପତି ଟ୍ରମ୍ପ ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗାହର ଷ୍ଟୋରଙ୍କ ପାଖକୁ ଲେଖିଥିବା ଏକ ଚିଠିରୁ ସ୍ପଷ୍ଟ ଜଣାପଡ଼ିଯାଇଛି। ଗ୍ରିନଲାଣ୍ଡ ବିବାଦକୁ ନୋବେଲ ଶାନ୍ତି ପୁରସ୍କାର ସହ ଯୋଡ଼ି ଟ୍ରମ୍ପ ନରୱେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ କହିଛନ୍ତି, ପୁରସ୍କାର ପାଇବାରୁ ବଞ୍ଚିତ ହେବା ତାଙ୍କର ବିଶ୍ୱ ବ୍ୟାପାର ପ୍ରତି ଦୃଷ୍ଟିକୋଣକୁ ପରିବର୍ତ୍ତନ କରିଛି। ଟ୍ରମ୍ପ ଲେଖିଛନ୍ତି, ଆଠଟି ଯୁଦ୍ଧରୁ ଅଧିକ ବନ୍ଦ କରିଥିଲେ ମଧ୍ୟ ଆପଣଙ୍କ ରାଷ୍ଟ୍ର ମୋତେ ନୋବେଲ ଶାନ୍ତି ପୁରସ୍କାର ନ ଦେବାକୁ ନିଷ୍ପତ୍ତି ନେଇଥିବାରୁ, ମୁଁ ଆଉ ଶାନ୍ତି ବିଷୟରେ ଚିନ୍ତା କରିବାକୁ ବାଧ୍ୟ ନୁହେଁ। ଟ୍ରମ୍ପ କହିଛନ୍ତି, ମୁଁ ଏବେ ଆମେରିକା ପାଇଁ କ'ଣ ଭଲ ଓ ଉପଯୁକ୍ତ ସେ ବିଷୟରେ ଚିନ୍ତା କରିବି। ନରୱେ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପ ଏହି ଚିଠି ଲେଖି ପରୋକ୍ଷରେ ଯୁଦ୍ଧ ଧମକ ଦେଇଛନ୍ତି। ସେ ଏକ ପ୍ରକାର କହି ଦେଇଛନ୍ତି ଯେ ନୋବେଲ



ପୁରସ୍କାର ମିଳିଲେ ହିଁ ଶାନ୍ତିର ଗ୍ୟାରେଣ୍ଟି ମିଳିବ। ଅନ୍ୟଥା ନୁହେଁ। ଟ୍ରମ୍ପ କହିଛନ୍ତି, ଆମେ ଗ୍ରିନଲାଣ୍ଡକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନ ଆଣିବା ପର୍ଯ୍ୟନ୍ତ ବିଶ୍ୱ ସୁରକ୍ଷିତ ନୁହେଁ | ନୋବେଲ ପୁରସ୍କାର ପ୍ରତ୍ୟାଖ୍ୟାନକୁ ଆଧାର କରି ଟ୍ରମ୍ପ ଆମେରିକାର ଗ୍ରିନଲାଣ୍ଡ ଦଖଲ ଉଦ୍ୟମକୁ ଯଥାର୍ଥ କହିଛନ୍ତି ଏବଂ ସ୍ୱୟଂଶାସିତ ଅଞ୍ଚଳ ଉପରେ ଡେନମାର୍କର ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ମଧ୍ୟ କୋପେନହେଗେନର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଉଠାଇ ଯୁକ୍ତି ବାଢ଼ିଛନ୍ତି ଯେ, ଡେନମାର୍କ ରୁଷ୍ କିମ୍ବା ଚୀନ୍ଠାରୁ ଏହି ଦ୍ୱୀପକୁ ରକ୍ଷା କରିପାରିବ ନାହିଁ। ଡେନମାର୍କ ଯେଉଁ ଭୂମିକୁ ରୁଷ କିମ୍ବା ଚୀନ୍ଠାରୁ ସୁରକ୍ଷା ଦେଇପାରିବ ନାହିଁ, ତା' ଉପରେ 'ମାଲିକାନା ଅଧିକାର' କାହିଁକି ଜାହିର କରିବ? ଉଲ୍ଲେଖଯୋଗ୍ୟ, ନୋବେଲ ଶାନ୍ତି ପୁରସ୍କାର ନରୱେ ସରକାର ଦ୍ୱାରା ସ୍ଥିର କରାଯାଏ ନାହିଁ ବରଂ ଏକ ସ୍ୱାଧୀନ କମିଟି ଦ୍ୱାରା ଏହା ପ୍ରଦାନ କରାଯାଏ।

# ଏସ୍ଆଇଆର୍ ପ୍ରସଙ୍ଗରେ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ଯୋଗୁ ଲୋକମାନେ କେତେ ଚାପରେ ଅଛନ୍ତି ତାହା ନିର୍ବାଚନ କମିସନ ବୁଝିବା ଆବଶ୍ୟକ। 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ ପାଇଥିବା ୧.୨୫ କୋଟି ଭୋଟରଙ୍କ ନାମ ପ୍ରକାଶ କରିବା ସହ ସେଗୁଡ଼ିକର ଯାଞ୍ଚ ଯେଭଳି ସ୍ୱଚ୍ଛ ଭାବେ ହେବ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜି ନିର୍ବାଚନ କମିସନଙ୍କୁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ୍ ପାଇଥିବା ଭୋଟରଙ୍କ ନାମ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେବା ସହ କହିଛନ୍ତି ଏହି ନାମଗୁଡ଼ିକ ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ୱାର୍ଡ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବା ଉଚିତ। ନୋଟିସ୍ ପାଇଥିବା ଲୋକଙ୍କୁ ଦସ୍ତାବିଜ୍ ଦାଖଲ କରିବା ପାଇଁ ଅଧିକ ସମୟ ଦିଆଯିବା ଉଚିତ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଶୁଣାଣି ସମୟରେ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ କରାଯିବା ଉଚିତ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନେ ପ୍ରାପ୍ତ ଦସ୍ତାବିଜ୍ର ରସିଦ୍ ପ୍ରଦାନ କରିବା ଉଚିତ ଏବଂ ନୋଟିସ୍ ପାଇଥିବା ବ୍ୟକ୍ତିମାନଙ୍କ ଅଭିଯୋଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କ'ଣ ନିଆଗଲା ତାହା ଜଣାଇବା ଉଚିତ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍ଚୀ ମାମଲାର ବିଚାର କରିଛନ୍ତି। ଶୁଣାଣି ସମୟରେ ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓବ୍ରାଏନଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ୍ ସିବଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଲୋକମାନଙ୍କୁ ସେମାନଙ୍କ ଜେଜେବାପାଙ୍କ ସହ ବୟସର ପାର୍ଥକ୍ୟ ପାଇଁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ କରାଯାଇଛି। ଅନ୍ୟପକ୍ଷେ ନିର୍ବାଚନ କମିସନଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ ଖଣ୍ଡପୀଠଙ୍କୁ କହିଥିଲେ ଯେ ବାପା ମା' ଏବଂ ପିଲାମାନଙ୍କ ମଧ୍ୟରେ ୧୫ ବର୍ଷ ବୟସ ପାର୍ଥକ୍ୟ ଥିବା ମାମଲା ରହିଛି। ଜଷ୍ଟିସ୍ ବାଗଚୀ ଉତ୍ତର ଦେଇଥିଲେ, 'ମା ଏବଂ ପୁଅ ମଧ୍ୟରେ ୧୫ ବର୍ଷର ବୟସ ପାର୍ଥକ୍ୟ କିପରି ଏକ ତାର୍କିକ ଅସଙ୍ଗତି ହୋଇପାରେ। ଆମେ ଏପରି ଦେଶରେ ନାହୁଁ ଯେଉଁଠାରେ ବାଲ୍ୟ ବିବାହ ବାସ୍ତବତା ନୁହେଁ। 'ତାର୍କିକ ଅସଙ୍ଗତି' ବର୍ଗରେ ଜାରି ହୋଇଥିବା ନୋଟିସ୍ ମଧ୍ୟରେ ଅର୍ଥନୀତିଜ୍ଞ ଏବଂ ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ ମଧ୍ୟ ଅଛନ୍ତି। ଜଷ୍ଟିସ୍ ବାଗଚୀ ଉଲ୍ଲେଖ କରିଛନ୍ତି ଯେ ୧ କୋଟିରୁ ଅଧିକ ଲୋକଙ୍କୁ ନୋଟିସ୍ କରାଯାଇଛି। ଦୟାକରି ଲୋକମାନେ ଯେଉଁ ଚାପ ଭୋଗୁଛନ୍ତି ତାହା ବୁଝନ୍ତୁ। ଆବଶ୍ୟକ ହେଲେ ଆମେ ନିର୍ଦ୍ଦେଶନାମା ଜାରି କରିବୁ ବୋଲି ସେ କହିଛନ୍ତି।

# ସର୍ଭେ ରିପୋର୍ଟରେ ପୂର୍ବାନୁମାନ : ଭାରତ ହେବ ଉଚ୍ଚ ମଧ୍ୟବିତ୍ତଙ୍କ ଦେଶ

ନୂଆଦିଲ୍ଲୀ: ଭାରତକୁ ଏକ ଗରିବ ଦେଶରୁ ନିମ୍ନ ମଧ୍ୟବିତ୍ତଙ୍କ ଦେଶ ଭାବେ ପରିଚୟ ହାସଲ କରିବାକୁ ଦୀର୍ଘ ୬ ଦଶନ୍ଧୀ ଲାଗିଯାଇଥିଲା। ଏବେ କିନ୍ତୁ ଆଉ ମାତ୍ର ଚାରି ବର୍ଷ ମଧ୍ୟରେ ଭାରତ ଉଚ୍ଚ ମଧ୍ୟବିତ୍ତଙ୍କ ରାଷ୍ଟ୍ର ଭାବେ ପରିଗଣିତ ହେବାକୁ ଯାଉଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ପୂର୍ବାନୁମାନ କରାଯାଇଛି। ୨୦୩୦ ସୁଦ୍ଧା ଭାରତ ଏହି ଉଚ୍ଚ ଆୟକାରୀଙ୍କ ଦେଶରେ ପରିଣତ ହେବ ବୋଲି ରିପୋର୍ଟ କହିଛି। ଏହି ସ୍ତରକୁ ଯିବା ପରେ ଭାରତ



ଆୟକାରୀଙ୍କ ବର୍ଗରେ ଚୀନ୍ ଓ ଇଣ୍ଡୋନେସିଆ ସହ ସମକକ୍ଷ ହୋଇଯିବ। ଏହି ରିପୋର୍ଟ ଦର୍ଶାଇଛି ଯେ ୧୯୬୨ରେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୯୦ ଡଲାର ଥିବା ବେଳେ ୨୦୦୭ରେ ୯୧୦ ଡଲାରକୁ ବୃଦ୍ଧି ପାଇଥିଲା। ଫଳରେ ଭାରତ ନିମ୍ନ ମଧ୍ୟବିତ୍ତମାନଙ୍କ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା। ୨୦୩୦ ସୁଦ୍ଧା ତାହା ୪୦୦୦ ଡଲାରକୁ ପହଞ୍ଚିଯିବା ଆଶା କରାଯାଉଛି।

ଭାରତ ସ୍ୱାଧୀନତା ଲାଭ କରିବାର ୬ ଦଶନ୍ଧୀ ପରେ ଭାରତୀୟ ଅର୍ଥନୀତି ୨୦୦୭ରେ ୧ ଟ୍ରିଲିଅନ୍ ଡଲାର ସ୍ତରକୁ ପହଞ୍ଚିଥିଲା। କିନ୍ତୁ ଏହା ପରଠାରୁ ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହୋବରୁ ମାତ୍ର ୭ ବର୍ଷରେ ଅର୍ଥାତ୍ ୨୦୧୪ରେ ୨ ଟ୍ରିଲିଅନ୍ ଓ ୨୦୨୧ରେ ୩ ଟ୍ରିଲିଅନ୍ ଡଲାରରେ ପହଞ୍ଚିଥିଲା। ତେବେ ୨୦୨୫ରେ ଏହା ୪ ଟ୍ରିଲିଅନ୍ ଡଲାରର ଅର୍ଥନୀତି ହୋଇଥିବାବେଳେ ଆଉ ୨ ବର୍ଷରେ ୫ ଟ୍ରିଲିଅନ୍ ଡଲାର ଛୁଇଁବା ଆଶା କରାଯାଉଛି। ସେହିପରି ୨୦୦୯ରେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୧୦୦୦ ଡଲାର ଥିବାବେଳେ ୧୦ ବର୍ଷ ମଧ୍ୟରେ ୨୦୧୯ରେ ତାହା ୨୦୦୦ ଡଲାରକୁ ବୃଦ୍ଧି ପାଇଛି। ୨୦୩୬ ସୁଦ୍ଧା ମୁଣ୍ଡପିଛା ଆୟ ୩୦୦୦ ଡଲାରରେ ପହଞ୍ଚିବା ଆଶା କରାଯାଉଛି।

# ନିର୍ବାସିତ ବାଂଲାଦେଶୀ ଫେରିବେ ଭାରତ !

କୋଲକାତା: ପୁଣି ଥରେ ଭାରତ ଫେରିବାକୁ ଆକୁଳ ନିବେଦନ କରିଛନ୍ତି ନିକଟରେ ବାଂଲାଦେଶ ନିର୍ବାସିତ ହୋଇଥିବା ୧୪ ଜଣ ଲୋକ। ସେମାନଙ୍କ ମଧ୍ୟରେ ୬୫ ବର୍ଷୀୟ ଅଲକନ ବିବି ଅଛନ୍ତି। ଅଲକନ ବିବି ଓ ତାଙ୍କ ସ୍ୱାମୀ ଶେଖ ଜବ୍ବାର ଏବଂ ୧୪ ଜଣଙ୍କୁ ଡିସେମ୍ବର ୮ରେ ଓଡ଼ିଶା ପୁଲିସ ଅଟକ ରଖିଥିଲା। ସେମାନେ ସପ୍ତାହ ସପ୍ତାହ ଧରି ପୁଲିସ ହେପାଜତରେ ରହିବା ପରେ ଡିସେମ୍ବର ୨୬ରେ ସେମାନଙ୍କୁ ବାଂଲାଦେଶ ପଠାଯାଇଥିଲା। ଅଲକନ ବିବିଙ୍କ ପରିବାରକୁ ପଶ୍ଚିମବଙ୍ଗର ନଦିୟା ଜିଲ୍ଲା ଦେଇ ବାଂଲାଦେଶ ନିର୍ବାସିତ କରାଯାଇଥିଲା। ଅଲକନ ବିବି ବାଂଲାଦେଶରୁ ନିଜର ସମ୍ପର୍କୀୟଙ୍କୁ ଫୋନ କରି ସହାୟତା କରିବାକୁ ନିବେଦନ କରିଛନ୍ତି। ପୁଲିସ ସେମାନଙ୍କୁ ମାଡ଼ ମାରି ଜୋରଜବରଦସ୍ତ ବାଂଲାଦେଶ ପଠାଇ ଦେଇଥିବା ବୃଦ୍ଧ ମହିଳା ଜଣକ ଅଭିଯୋଗ କରିଛନ୍ତି। ଆମ ପାଖରେ ନା କିଛି ଖାଇବା ଓ ପିଇବାକୁ ଅଛି , ନା ରହିବାକୁ ଘର ଅଛି ବୋଲି ଅଲକନ୍ ବିବି କହିଛନ୍ତି। ଆମକୁ ଏଠାରୁ ନେଇଯାଅ, ନହେଲେ ଆମେ ମରିଯିବୁ। ମୋ ପିଲା ମୋ ପାଖରେ ନାହାନ୍ତି ବୋଲି ଅଲକାନ ବିବି କହିଥିଲେ।ଅଲକନ ବିବିଙ୍କ ସମ୍ପର୍କୀୟ କହିଛନ୍ତି ନିର୍ବାସିତଙ୍କ ପାଖରେ ବାଂଲାଦେଶର କୌଣସି କାଗଜପତ୍ର ନଥିବାରୁ ବାଂଲାଦେଶ ସୁରକ୍ଷାକର୍ମୀ ସେମାନଙ୍କୁ ଭାରତ ପଠାଇ ଦେଇଥିଲେ। କିନ୍ତୁ ବିଏସ୍ଏଫ୍ ସେମାନଙ୍କୁ ତଡ଼ି ଦେଇଥିଲା। ଏପରି ସମସ୍ୟା ଭିତରେ ପରିବାରଠାରୁ ୫ ଜଣ ସଦସ୍ୟ ଅଲଗା ହୋଇଯାଇଛନ୍ତି। ୯ ଜଣ ଲୋକ ବାଂଲାଦେଶର ସିଲହଟ୍ରେ ଅଛନ୍ତି। ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ରହୁଥିବା ଜବ୍ବାରଙ୍କ ଭଉଣୀ ରାହିମା ସେମାନଙ୍କ ଭାରତ ପ୍ରତ୍ୟାବର୍ତ୍ତନ ପାଇଁ ଲଢୁଛନ୍ତି। ରାହିମା କହିଛନ୍ତି, ତାଙ୍କ ତିନି ଭାଇଙ୍କ ପରିବାର ଅନେକ ଦଶନ୍ଧି ହେଲା ଓଡ଼ିଶାରେ ରହିଆସୁଛନ୍ତି। ସେମାନେ ସେଠାକାର ପଞ୍ଜିକୃତ ଭୋଟର ମଧ୍ୟ। ଆଧାର କାର୍ଡ଼, ରାସନ କାର୍ଡ଼ ସହିତ ଜମିଜମା କାଗଜପତ୍ର ମଧ୍ୟ ସେମାନଙ୍କର ରହିଛି। ଏହାସତ୍ତ୍ୱେ ପୁଲିସ ସେମାନଙ୍କୁ ଅନୁପ୍ରବେଶକାରୀ କହି ତଡ଼ି ଦେଇଛି। ତେବେ ପୁଲିସ ଏ ବିଷୟରେ କୌଣସି ପ୍ରତିକ୍ରିୟା ରଖିନାହିଁ।

## ବିସିବିକୁ ଆଇସିସିର ଜବାବ୍ ତଲବ

# ବିଶ୍ୱକପ ଖେଳିବ କି ନାହିଁ ୨୧ ସୁଦ୍ଧା ଜଣାଅ




ଦୁବାଇ: ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପରେ ବାଂଲାଦେଶ କ୍ରିକେଟ୍ ଦଳର ଅଂଶଗ୍ରହଣ ନେଇ ଏବେ ବି ଅଚଳାବସ୍ଥା ଜାରି ରହିଛି। ଏହି ପ୍ରତିଯୋଗିତା ପାଇଁ ଭାରତ ଗସ୍ତ ନ କରିବାକୁ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଅଡ଼ି ବସିଥିବାବେଳେ ଏହା ସମ୍ଭବ ନୁହେଁ ବୋଲି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ସ୍ପଷ୍ଟ କରିଦେଇଛି। ଏସବୁ ମଧ୍ୟରେ ଆଇସିସି ପକ୍ଷରୁ ଏବେ ବଲକୁ ବିସିବି କୋର୍ଟରେ ପକାଇ ଦିଆଯାଇଛି। ଆସନ୍ତା ୨୧ ତାରିଖ ସୁଦ୍ଧା ନିଜର ନିଷ୍ପତ୍ତି ଜଣାଇବାକୁ ବିସିବିକୁ କୁହାଯାଇଛି।

ଇଏସପିଏନ କ୍ରିକ ଇନଫୋର ଏକ ରିପୋର୍ଟ ଅନୁସାରେ ବିଶ୍ୱକପରେ ଅଂଶଗ୍ରହଣ ନିଷ୍ପତ୍ତି ନେବା ଲାଗି ଜାନୁଆରି ୨୧ ଶେଷ ତାରିଖ ବୋଲି ବିସିବିକୁ ଜଣାଇଛି ଆଇସିସି। ଏହାପରେ ଏ ନେଇ ଆଉ କୌଣସି ଅନୁରୋଧକୁ ଗ୍ରହଣ କରାଯିବ ନାହିଁ।ଏହା ପୂର୍ବରୁ ଗତ ଶନିବାର ଢାକାଠାରେ ଆଇସିସି ଅଧିକାରୀ ଓ ବିସିବି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭାରତରେ ନ ଖେଳିବାକୁ ବାଂଲାଦେଶ ନିଜର ନିଷ୍ପତ୍ତି ଜଣାଇଥିଲା। କିନ୍ତୁ ଏହା ସମ୍ଭବ ନୁହେଁ ବୋଲି ଆଇସିସି ସ୍ପଷ୍ଟ କରିଦେଇଥିଲା। ଏପରିକି ଗ୍ରୁପ-ବିରେ ଥିବା ଆୟର୍ଲାଣ୍ଡ ସହିତ ନିଜର ସ୍ଥାନ ପରିବର୍ତ୍ତନ କରିବାକୁ ବାଂଲାଦେଶ କରିଥିବା ଅନୁରୋଧକୁ ବି ଆଇସିସି ଖାରଜ କରିଦେଇଥିଲା। ଏଥିପାଇଁ ଆୟର୍ଲାଣ୍ଡ ମଧ୍ୟ ରାଜି ହୋଇନଥିଲା। ତେବେ ବିସିବିକୁ ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ଭାରତରେ ବାଂଲାଦେଶ ଖେଳାଳିଙ୍କ ପ୍ରତି କୌଣସି ବିପଦ ନାହିଁ।ସୂତ୍ର ଅନୁସାରେ ଯଦି ଭାରତ ନ ଆସିବାକୁ ବିସିବି ନିଷ୍ପତ୍ତି ନିଏ ତେବେ ଆଇସିସି ବାଂଲାଦେଶକୁ ବିଶ୍ୱକପରୁ ବାଦ ଦେଇ ଆଇସିସି ମାନ୍ୟତା ଅନୁସାରେ ପରବର୍ତ୍ତି ଦଳକୁ ଖେଳିବାକୁ ଅନୁମତି ଦେବ। ଏହି ମାନ୍ୟତା ଅନୁସାରେ ସ୍କଟଲାଣ୍ଡକୁ ମୌକା ମିଳିପାରେ।

## ଇଜିପ୍ଟ ପାରା ବ୍ୟାଡମିଣ୍ଟନ

# ପ୍ରମୋଦଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର: କାଇରୋରେ ଆୟୋଜିତ ଇଜିପ୍ଟ ପାରା ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରି ଏକାଧିକ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩ ଜଣ ଅଲିମ୍ପିଆନ୍ ପ୍ରମୋଦ ଭଗତଙ୍କ ସହ ପୂଜ୍ୟମ ମିଶ୍ର ଓ ନୁରୁଲ ହୁସେନ ଖାନ ପ୍ରତିଦ୍ୱନ୍ଦ୍ୱିତା କରି ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି।

ପ୍ରମୋଦ ଏକାକୀ ୨ ସ୍ୱର୍ଣ୍ଣ ଜିତି ଦ୍ୱିମୁକଟ ହାସଲ କରିଥିଲା ବେଳେ ପୂଜ୍ୟମ ଓ ନୁରୁଲ ଗୋଟିଏ ଲେଖାଏଁ କାଂସ୍ୟ ପାଇଥିଲେ। ଏସ୍ଏଲ୍-୩ ପୁରୁଷ ଏକକ ଫାଇନାଲ୍ରେ ପ୍ରମୋଦ ୧୯-୨୧, ୨୧-୧୫, ୨୧-୧୩ରେ ନିଜ ଦେଶର ଉମେଶ ବିକ୍ରମ କୁମାରଙ୍କୁ ମାତ୍ ଦେଇଥିଲେ। ତେବେ ଏସ୍ଏଲ୍୩/ ଏସ୍ଏଲ୍୪ ପୁରୁଷ ଯୁଗଳ ଫାଇନାଲ୍ରୁ ଉମେଶ ଓ ସୂର୍ଯ୍ୟକାନ୍ତ ଓହରି ଯିବାରୁ ପ୍ରମୋଦ ଓ ତାଙ୍କ ସାଥୀ ସୁକାନ୍ତ କଦମ ୱାକ୍ଓଭର ପାଇ ବିନା ପରିଶ୍ରମରେ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ। ସେହିପରି ଏହି ବର୍ଗର ସେମିଫାଇନାଲରେ ପୂଜ୍ୟମ ଓ ତାଙ୍କ ସାଥୀ ମଣ୍ଟୁ କୁମାର ୨୧-୧୮, ୨୧-୧୫ରେ ଉମେଶ ଓ ସୂର୍ଯ୍ୟକାନ୍ତଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ଡବ୍ଲୁଏଚ୍ ୨ ପୁରୁଷ ଏକକରେ ନୁରୁଲ ୬-୨୧, ୯-୨୧ରେ ଇରାକର କରିମ ଅବୁଦ ଅଲ୍ଲୀରଙ୍କଠୁ ହାରି କାଂସ୍ୟ ପଦକ ପାଇଥିଲେ।

## ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ

ଇନ୍ଦୋର: ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଭାରତର ପରାଜୟ ପରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ସୋସିଆଲ ମିଡିଆରେ କଠୋର ଭାଷାରେ ଟ୍ରୋଲ୍ କରାଯାଉଛି। ଏପରିକି ସେ ସବୁଠାରୁ ଖରାପ ପ୍ରଶିକ୍ଷକ ବୋଲି ପ୍ରଶଂସକମାନେ କହୁଛନ୍ତି। ୨୦୨୪ ଜୁଲାଇ ମାସରେ ବିସିସିଆଇ ପକ୍ଷରୁ ଯେତେବେଳେ ଗୌତମ ଗମ୍ଭୀରଙ୍କୁ ଟିମ୍ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ କରାଗଲା ସେତେବେଳେ ଆଶା କରାଯାଉଥିଲା ଯେ ନିଜର ଆକ୍ରାମକ ଆଭିମୁଖ୍ୟ ସହ ଗୌତମ ଭାରତୀୟ ଦଳକୁ ଏକ ନୂଆ ଉଚ୍ଚତାକୁ ନେଇଯିବେ। କିନ୍ତୁ ଏବେ, ପ୍ରାୟ ଦେଢ଼ ବର୍ଷ ପରେ ଲାଗୁଛି ଯେ ଭାରତୀୟ ଦଳ ଉପରକୁ ଉଠିବ କ'ଣ, ଓଲଟି ତଳକୁ ଖସିଚାଲିଛି।

## ଜୁଲାଇରେ ଦିନିକିଆ ସିରିଜ୍

# ଦେଖିବାକୁ ମିଳିବ ରୋହିତ, କୋହଲିଙ୍କ କମାଲ !




ମୁମ୍ବାଇ : ଭାରତ ଓ ନ୍ୟୁଜିଲାଣ୍ଡ ସିରିଜରେ ଭାରତ ପରାଜିତ ହୋଇଥିଲେ ବି ବିରାଟ କୋହଲିଙ୍କ ଚମତ୍କାର ଫର୍ମ ପ୍ରଶଂସକମାନଙ୍କ ମନରେ ଆଶା ସଂଚାର କରିଛି। ଏହି ଶୃଙ୍ଖଳାରେ କୋହଲି ଗୋଟିଏ ଶତକ ସହ ମୋଟ ୨୪୦ ରନ କରିଥିଲେ। ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏହି ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିନଥିଲେ ବି ତାଙ୍କ ଫର୍ମ ଫେରିବାକୁ କ୍ରିକେଟ ପ୍ରେମୀ ଅପେକ୍ଷା କରିଛନ୍ତି। ତେବେ ପୁଣି କେବେ କିଙ୍ଗ କୋହଲି ଓ ରୋହିତ ଶର୍ମାଙ୍କ ବ୍ୟାଟିଂ ଦେଖିବାକୁ ମିଳିବ ? ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବ୍ୟାଟିଂ ଦେଖିବାକୁ ପ୍ରଶଂସକମାନଙ୍କୁ ଆହୁରି ୪ ମାସ ଅପେକ୍ଷା କରିବାକୁ ପଡ଼ିବ। କାରଣ ଉଭୟ ମହାନ ବ୍ୟାଟ୍ସମ୍ୟାନ୍ ଆଉ ଟି-୨୦ ଖେଳୁନାହାନ୍ତି। ଭାରତର ପରବର୍ତ୍ତି ଦିନିକିଆ ସିରିଜ ଜୁଲାଇ ମାସରେ ଖେଳାଯିବ। ଜୁଲାଇରେ ଭାରତୀୟ ଦଳ ଇଂଲାଣ୍ଡ ଗସ୍ତରେ ଯାଇ ୫ଟି ଟ୍ୱେଣ୍ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ ଖେଳିବ। ପ୍ରଥମ ଦିନିକିଆ ଜୁଲାଇ ୧୪ରେ ବର୍ମିହାମରେ ଖେଳାଯିବ। ଦ୍ୱିତୀୟ ଓ ତୃତୀୟ ଦିନିକିଆ ୧୬ ଓ ୧୯ ଯଥାକ୍ରମେ କାର୍ଡିଫ୍ ଓ ଲର୍ଡସରେ ଖେଳାଯିବ। ଏଣୁ ଏହି ଗସ୍ତ ପାଇଁ ଯଦି ରୋହିତ ଓ ବିରାଟଙ୍କୁ ଭାରତୀୟ ଦଳରେ ସାମିଲ କରାଯାଏ, ତେବେ ତାଙ୍କର ବ୍ୟାଟିଂ ଦେଖିବାକୁ ମିଳିବ। ତେବେ ବିରାଟ ଓ ରୋହିତଙ୍କ ପ୍ରଶଂସକମାନେ ଆସନ୍ତା ଆଇପିଏଲରେ ଉଭୟଙ୍କ ବ୍ୟାଟିଂ ଦେଖିପାରିବେ।

## ଜୟ ଜଗନ୍ନାଥ କ୍ରିକେଟ୍ କପ୍ : ବମ୍ପା ଚାମ୍ପିଅନ

କଣିହାଁ, ୧୯।୧(ସବ୍ୟୁ) : ଗଣ୍ଡାନାଳୀ ପଞ୍ଚାୟତ ଇଶ୍ୱରାପାଳ ଖେଳ ପଡିଆ ଠାରେ ଆୟୋଜିତ ନବମ ବାର୍ଷିକ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ରେ ଚଳିତ ବର୍ଷ ବମ୍ପା ଏକାଦଶ ନନ୍ଦପୁର ଏକାଦଶକୁ ଦୁଇ ୱିକେଟ୍ରେ ହରାଇ ଚଳିତ ବର୍ଷ ଚମ୍ପିଅନ ହୋଇଛି। ରବିବାର ଦିନ ଆୟୋଜିତ ଫାଇନାଲ ମ୍ୟାଚ୍ରେ ପ୍ରଥମେ ନନ୍ଦପୁର କ୍ରିକେଟ୍ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୧୯୭ ରନ ସଂଗ୍ରହ କରି ଥିବା ବେଳେ ବମ୍ପା ଏକାଦଶ ୧୪.୩ ଓଭରରେ ୧୯୮ ରନ କରି ଚଳିତ ବର୍ଷ ଚମ୍ପିଅନ ହୋଇ ପାରିଥିଲା। ବମ୍ପା ଏକାଦଶର ଲିବୁ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମନି ମହାରଣା ଓ ନାଲୁ ଜେନା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭମ୍ ଓ ରାଜା ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାଚ୍ର ଧାରା ବିବରଣୀ ଅନୀଲ ସାହୁ ଓ ପ୍ରଶାନ୍ତ ସାମଲ ଦେଇଥିଲେ। ଗ୍ରାମାଂଚଳ ରେ ଆୟୋଜିତ ଏହି ମ୍ୟାଚ୍କୁ ଉପଭୋଗ କରିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଉଭୟ ଆୟୋଜକ ଓ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ସ୍ୱାଇଁ ଯୋଗ ଦେଇ ବିଜେତା ଦଳକୁ ନଗଦ ୧୫ ହଜାର ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଇଶ୍ୱରା ପାଳ ଗ୍ରାମ୍ୟ କମିଟି ସଭାପତି କବିରାଜ ସାମଲ ,ସମାଜସେବୀ ସୂର୍ଯ୍ୟମଣି ସିଂ ଓ ନରୋତ୍ତମ ସାହୁ ଯୋଗ ଦେଇଥିଲେ।

## ଦଶପଲ୍ଲା କପ ଫୁଟବଲ

# ଏସ୍‌ଟିଏଫ୍‌ସି ଜାମ୍ମୁକାଶ୍ମୀର ଚାମ୍ପିଅନ




ଦଶପଲ୍ଲା, ୧୯/୧(ସବ୍ୟୁ): ସ୍ୱୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ଚାଲିଥିବା ୨୬ ତମ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରେ ଏସ ଟି ଏଫ ସି ଜାମୁ କାଶ୍ମୀର ୨-୦ ଗୋଲ ରେ ମା କାମକ୍ଷି ସ୍ପୋର୍ଟ୍ସ କ୍ଲବ ବିହାର କୁ ପରାସ୍ତ କରି ଚଳିତ ବର୍ଷ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି । ଫାଇନାଲରେ ଉଭୟ ଦଳ ଚିତାକର୍ଷକ ଖେଳ ପଦର୍ଶନ କରିଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଏସ ଟି ଏଫ ସି ଜାମ୍ମୁକାଶ୍ମୀରର ଖେଳାଳି ଅକୀବଙ୍କ ଦୁଇଟି ଚିତାକର୍ଷକ ଗୋଲ ଦେଇଥିଲେ । ମାତ୍ର ବହୁ ସୁଯୋଗ ପାଇବି ମା କାମକ୍ଷି ସ୍ପୋର୍ଟସ କ୍ଲବ ଗୋଲ ଦେବାରେ ବିଫଳ ହୋଇଥିଲା ।ଖେଳର ପ୍ରାରମ୍ଭରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡ଼ଃ ଅରୁଣ ସାହୁ,ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଖେଳ ଶେଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଆଇନିଜୀବୀ ଦିଲ୍ଲୀପ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଏସ ଟି ଏଫ ସି ଜାମ୍ମୁକାଶ୍ମୀର କୁ ଚାମ୍ପିଅନ ଟ୍ରଫିସହ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ମା କାମକ୍ଷି ସ୍ପୋର୍ଟ୍ସ କ୍ଲବ ବିହାର କୁ ରନର୍ସ ଅପ ଟ୍ରଫି ସହ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଏସ ଟି ଏଫ ସି ର ଖେଳାଳୀ ଶେଖ ରସୁଲ ଙ୍କୁ ମ୍ୟାନଅଫ ଦି ସିରିଜ ଘୋଷଣା କରାଯାଇଥିବା ବେଳେ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଫାଇନାଲ ମ୍ୟାଚ ରେ ଦୁଇଟି ଗୋଲ କରି ଏସ ଟି ଏଫ ସି ଜାମ୍ମୁକାଶ୍ମୀର ଦଳର ଆକିବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଗଘୋଷଣା କରାଯାଇଥିଲା । ଏହି ଖେଳକୁ କ୍ରୀଡା ଶିକ୍ଷକ ରାଜ କିଶୋର ମହାନ୍ତି , ପ୍ରସନ୍ନ କୁମାର ନାୟକ , ରବୀନ୍ଦ୍ରନାଥ ନାୟକ, ଅଶୋକ ପ୍ରଧାନ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମହାବୀର କପ, ଆଦର୍ଶ ବାଲେଶ୍ୱର ଚାମ୍ପିଅନ




କୁଆଖିଆ, ୧୯।୧(ସବ୍ୟୁ) : ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତ ଅଧୀନ କଚେରୀ ପଡ଼ିଆ ଠାରେ ଆଜି ମହାବୀର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୫ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆୟୋଜିତ କରାଯାଇଥିଲା। ଆଦର୍ଶ କ୍ଲବ ବାଲେଶ୍ୱର ଇଉନିକ ଇଲେଭେନ,ଭଦ୍ରକକୁ ୬ ଉଇକେଟରେ ହରାଇ ଚାମ୍ପିୟନ ଘୋଷିତ ହୋଇଛି । ୨୫ ଓଭର ବିଶିଷ୍ଟ ମ୍ୟାଚରେ ଇଉନିକ ଇଲେଭେନ,ଭଦ୍ରକ ଟସ ଜିତି ୧୮. ୧ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ କରିଥିଲେ ଜବାବରେ ଆଦର୍ଶ କ୍ଲବ, ବାଲେଶ୍ୱର ୮. ୪ ଓଭରରେ ୪ ୱିକେଟ ହରାଇ ସମୁଦାୟ ୭୬ ରନରେ ବିଜୟୀ ହୋଇଥିଲେ ଯେ ଲଗାତାର ୨ ବର୍ଷ ହେବ ଏହି ଟିମ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି ଯେ ରଂଜନ ମହାନ୍ତି ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ। ସରୋଜ ପଟ୍ଟନାୟକ, ଦୀପକ ଜେନା, ଓ ରସିଦ ଭାଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ବସନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଶା କ୍ରିକେଟ ଖେଳାଳୀ ଏସ ପି ଦେବ ବର୍ଦ୍ଧନ, ସମ୍ମାନିତ ଅତିଥିଭାବେ ନରସିଂହପୁର ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ସାହୁ, ସଫଳ ବ୍ୟବସାୟୀ ଓ ସମାଜ ସେବୀ ଶରତ ପାତ୍ର, ଦିଲ୍ଲୀପ ପୃଷ୍ଟି, ଓ ପ୍ରତାପ ସାହୁ ଯୋଗଦାନ କରିଥିଲେ ଯେ ଟୁର୍ନାମେଣ୍ଟ ମୁଖ୍ୟ ସଂଯୋଜକ ଓ ପୂର୍ବତନ କ୍ରିକେଟ ଖେଳାଳୀ ସଂଗ୍ରାମ ମହାନ୍ତି ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରାଯାଇଥିଲା ଯେ ଆଦର୍ଶ କ୍ଲବକୁ ଚାମ୍ପିଅନ ଭାବେ ୫୦ ହଜାର ଓ ଟ୍ରଫି, ଇଉନିକ ଇଲେଭନକୁ ରନର୍ସ ୩୦ ହଜାର ସହିତ ଟ୍ରଫି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେବା ସହିତ ମହାବୀର କ୍ଲବର ବରିଷ୍ଠ ସଦସ୍ୟ ସ୍ୱର୍ଗତ କିଶୋର ଜେନାଙ୍କ ସ୍ମୃତିରେ ପୁତ୍ର ଅମିତ ଜେନା ମ୍ୟାନ ଅଫ ଦି ସିରିଜି ଶେଖର ମାଝୀ, ମ୍ୟାନ ଅଫ ଦି ମ୍ୟାଚ ସୁକାନ୍ତ ମହାନ୍ତି, ବେଷ୍ଟ ବ୍ୟାଟ୍ସ ମ୍ୟାନ ମୁକେଶ କୁମାର, ବେଷ୍ଟ ବୋଲର ଆଲୋକ କୁମାର ବାରିକ ଙ୍କୁ ପୁରସ୍କୃତ କରିଥିଲେ। ଶେଷରେ କ୍ଲବର ସଦସ୍ୟ ସୁରେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ନରଣପୁର ଗେନ୍ଦ୍ରାସାହିରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୧୯।୧ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଅଧୀନସ୍ଥ ଗେଂଦ୍ରାସାହି ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ମୁଖ୍ୟ ବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ମଦନ ମୋହନ ମାଝୀ, ନାଏବ ସରପଞ୍ଚ ସୁରେନ୍ଦ୍ର ସିଂ, ସଦାଶିବ ମାଝୀ, ଫାଗୁରାମ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଚନ୍ଦ୍ରବିନ୍ଦୁ ଦାସ ଖେଳ ଏବଂ ଜୀବନର ସାମଞ୍ଜସ୍ୟକୁ ଉପସ୍ଥାପନ କରିବା ସହିତ ଆୟୋଜକ ବୃନ୍ଦକୁ ଏହି ଭଳି ସୁନ୍ଦର ଖେଳ ପାଇଁ ପ୍ରଶଂସା କରିଥିଲେ। ଆଜିର ଫାଇନାଲ ମ୍ୟାଚରେ ନୀଳଗିରିର ରିଟନ ସାର୍ବମାଣ ଟିମ ବାଲିଆପାଳ ଫୁଟବଲ କ୍ଲବକୁ ହରାଇ ଚାମ୍ପିଅନ ହୋଇଅଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ଜାତୀୟ ବାଳିକା ଖୋ-ଖୋ ଓ ଉଚ୍ଚଡିଆଁ ପ୍ରତିଯୋଗିତା

# ଡିଏଭି ଏନ୍‌ଟିପିସି କଣିହାଁର ସଫଳତା




କଣିହାଁ,୧୯।୧(ସବ୍ୟୁ): ଚଳିତ ୨୦୨୬ ମସିହା ଜାନୁଆରୀ ୧୦ ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଚିଲା ସ୍ପୋର୍ଟ୍ସ ଷ୍ଟାଡିୟମ, ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଡି.ଏ.ଭି. ଜାତୀୟ କ୍ରୀଡା ସମାରୋହ ୨୦୨୫ରେ ୧୭ବର୍ଷରୁ କମ୍ ଓଡ଼ିଶା ଖୋ-ଖୋ(ବାଳିକା) ଦଳ ବିଜୟୀ ହୋଇଛି । ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୧ ପଏଣ୍ଟରେ ହରାଇବା ପରେ ହରିୟାଣା ଟିମକୁ ୮ପଏଣ୍ଟରେ ପରାଜିତ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ପରବର୍ତ୍ତୀ ସମୟରେ ସେମିଫାଇନାଲରେ ଦିଲ୍ଲୀ ଦଳକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଓଡ଼ିଶା ଦଳ ନୂତନ ଉତ୍ସାହ ଓ ଉଦ୍ଦୀପନାର ସହିତ ଝାଡ଼ଖଣ୍ଡ ଦଳକୁ ପରାଜିତ କରି ଜାତୀୟ ସ୍ତରରେ ବିଜେତା ଭାବରେ ଘୋଷିତ ହୋଇଥିଲା । ଓଡ଼ିଶା ଦଳରେ ଡି.ଏ.ଭି. ପବ୍ଲିକ ସ୍କୁଲ, ଏନ.ଟି.ପି.ସି., ଦୀପଶିଖା, କଣିହାଁର ଏଲିନା କୁଜୁର (କ୍ୟାପଟେନ), ଅମ୍ରିତା ନାଏକ, ଆନ୍ୟା ପାଣ୍ଡେ, ଇପସିତା ବେହେରା, ଚୈତାଳୀ ହେମ୍ବ୍ରମ୍, ଉଦିତା ଶୁକ୍ଳା, ଏବଂ ଡି.ଏ.ଭି. ପବ୍ଲିକ ସ୍କୁଲ, ଆଇଟିପିଏସ, ବନହରପାଲ୍ଲୀର ୬ଜଣ ଛାତ୍ରୀ ଯଥାକ୍ରମେ ଭାଗ୍ୟଶ୍ରୀ ବେହେଲ୍, ଶୁଭଶ୍ରୀ ସାହୁ, ଦେବସ୍ମିତା ନାଥ, ଅଶ୍ଳେଷା ବିଶି, ବିଦୁସ୍ମିତା ସୌନ୍ତା ଏବଂ ଅଙ୍କିତା ଟିର୍କୀ ପ୍ରମୁଖ ପ୍ରତିଭାଗୀ ଭାବରେ ଯୋଗ ଦେଇଥିଲେ । ଏହା ସହିତ ସମକାଳୀନ ସ୍ଥିତିରେ ବିନୋଦ କମ୍ପ୍ଲେକ୍ସ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଆଥଲେଟିକ୍ ମିଟ୍ ରେ ଜୟଶ୍ରୀ ସାହୁ ଉଚ୍ଚ ଡିଆଁରେ ରୌପ୍ୟ ପଦକ ହାସଲ କରି ଡି.ଏ.ଭି ଏନ.ଟି. ପି.ସି. ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଥିଲେ । ଜାନୁଆରୀ ୧୫ତାରିଖ ଦିନ ତାଳଚେର ରୋଡ୍ ରେଲୱେ ଷ୍ଟେସନଠାରୁ ଡିଏଭି ଏନଟିପିସି ଟିଟିପିଏସର ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋ ଓ ସହକର୍ମୀଙ୍କ ଦ୍ୱାରା ସ୍ୱାଗତ କରାଯିବା ପରେ ଡିଏଭି ପବ୍ଲିକ ସ୍କୁଲ,ଏନଟିପିସି, ଦୀପଶିଖା, କଣିହାଁ ଦ୍ୱାରା କଣିହାଁ ସ୍ଥିତ ଏମଜିଆର ଛକଠାରୁ ଅଭିଭାବକ, ଶିକ୍ଷକ ଏବଂ ସେ ଅଞ୍ଚଳର ଶୁଭେଚ୍ଛୁମାନଙ୍କ ଦ୍ୱାରା ଖେଳାଳୀମାନଙ୍କୁ ଡିଏଭି ବିଦ୍ୟାଳୟର ପ୍ରାଙ୍ଗଣ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ସହିତ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଡିଏଭି ଏନଟିପିସିର ଅଧ୍ୟକ୍ଷ ସଦାନନ୍ଦ ହୋତା, ବରିଷ୍ଠ ଶିକ୍ଷକଗଣ, ଶୁଭେଚ୍ଛୁ, ଅଭିଭାବକ ଏବଂ ସମସ୍ତ ଛାତ୍ରଛାତ୍ରୀ ବିଜୟୀ ଦଳକୁ ତଥା କ୍ରୀଡା ଶିକ୍ଷକ ଡି.ସି.ଏଚ.ଏସ. ରେଡ୍ଡୀ ଏବଂ ଉଦିତ ଗଡ଼ନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । କଠିନ ପରିଶ୍ରମ ଦ୍ୱାରା ଜୀବନର ପ୍ରତି ପାଦରେ ସଫଳତା ହାସଲ କରାଯାଇ ପାରିବ ବୋଲି ଅଧ୍ୟକ୍ଷ ସଦାନନ୍ଦ ହୋତା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ କେ. ନରସିଂମା ରେଡ୍ଡୀ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ.ସି. ଶତପଥୀ, ଡିଏଭି ଜୋନ-ଡିର ଏଆରଓ ପ୍ରଶାନ୍ତ କୁମାର ପଣ୍ଡା, ରାଜ୍ୟ କ୍ରୀଡା ସଂଯୋଜିକା ଇପସିତା ଦାସ ପ୍ରମୁଖ ଏହି ସଫଳତା ନିମନ୍ତେ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ପଠାଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି